

**ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି**

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-69 ◆TUESDAY ◆2 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୯ ◆ମଙ୍ଗଳବାର ◆୨ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନୂଆ ରେକର୍ଡ ସ୍ତରରେ ସୁନା ଓ ରୁପା ଦର

**୧୦ ଗ୍ରାମ୍ ପିଛା ୧.୦୫ ଲକ୍ଷ ଟପିଲା**

**ରୁପା କିଲୋ ୧.୨୮ ଲକ୍ଷ ଉପରେ**



■ **ଭୁବନେଶ୍ୱର,୧।୯ (ଏଜେନ୍ସି):** ସୁନା ଏବେ ଅମୂଲ ମୂଲ। ଦିନକୁ ନୂଆ ନୂଆ ରେକର୍ଡ ସ୍ତରରେ ପହଞ୍ଚୁଛି ଏହି ହଳଦିଆ ଧାତୁ। ହେଲେ ଏଥିରେ ରୁପା ବି ପଛରେ ପଡିନି। ଏବେ ସୁନା ସହ ରୁପା ଦର ମଧ୍ୟ ସବୁ ପୁରୁଣା ରେକର୍ଡ ଭାଙ୍ଗିଛି। ସୋମବାର ଘରୋଇ ବଜାରରେ ସୁନା ଦର ୧.୦୫ ଲକ୍ଷ ଟଙ୍କା ଅତିକ୍ରମ କରି ନୂଆ ରେକର୍ଡ ସ୍ତରରେ ପହଞ୍ଚିଛି। ଏମ୍ସିଏକ୍ସରେ ସୁନା ମୂଲ୍ୟ ସମସ୍ତ ପୁରୁଣା ରେକର୍ଡ ଭାଙ୍ଗି ପ୍ରଥମ ଥର ପାଇଁ ପ୍ରତି ୧୦ ଗ୍ରାମ ୧,୦୫,୭୨୯ ଟଙ୍କାର ନୂତନ ସର୍ବୋଚ୍ଚ ସ୍ତର ଛୁଇଁଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୦୫,୮୭୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ଦର ମଧ୍ୟ ୧୦ ଗ୍ରାମ ପିଛା ପ୍ରଥମ କରି ୯୭ଲ,୦୫୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୨୮,୯୦୦ ଟଙ୍କା ସ୍ତର ଟପି ନୂଆ ଇତିହାସ ରଚିଛି। ଆମେରିକାର କେନ୍ଦ୍ରୀୟ ବ୍ୟାଙ୍କ ଫେଡେରାଲ୍ ▶ପୃଷ୍ଠା-୭

## ଲିଭ ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳି ହତ୍ୟା



ଅଭିଯୁକ୍ତ ଗିରଫ

■ **ବେଙ୍ଗାଲୁରୁ,୧।୯ (ଏଜେନ୍ସି):** କର୍ଣ୍ଣାଟକର ବେଙ୍ଗାଲୁରୁରେ ଶନିବାର ଏକ ଭୟଭିତ କଲାଭଳି ଅପରାଧ ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ନିଜ ଲିଭ୍-ଇନ୍ ପାର୍ଟନରଙ୍କୁ ଜିଅନ୍ତା ଜାଳିଦେଇଛନ୍ତି। ଅଭିଯୁକ୍ତ କାର୍‌ରେ ବସିଥିବା ପାର୍ଟନରଙ୍କର ପିଛା କରିଥିଲେ। ସିଗ୍ନାଲରେ କାରକୁ ଅଟକାଇ ବ୍ୟକ୍ତି ଜଣକ ଏହି କାଣ୍ଡ ଘଟାଇଥିଲେ। କାରରେ ମୋଟ ୩ ଜଣ ଲୋକ ବସିଥିଲେ। ମହିଳା ଜଣକ କାରରୁ ଓହ୍ଲାଇ ଦୌଡ଼ିଥିଲେ ମଧ୍ୟ ଅଭିଯୁକ୍ତ ତାଙ୍କୁ ପିଛା କରିଥିଲେ ଓ ତାଙ୍କ ଉପରେ ପେଟ୍ରୋଲ ଢ଼ାଳି ଲାଇଟର ଯୋଗେ ନିଆଁ ଲଗାଇଥିଲେ। ମହିଳାଙ୍କ ଶରୀରର ୬୦ ପ୍ରତିଶତ ଜଳିଯାଇଥିଲା। ହସ୍ପିଟାଲରେ ଚିକିତ୍ସା ଅବସରରେ ସେ ମୃତ୍ୟୁବରଣ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି।

ଅଭିଯୁକ୍ତ ହେଉଛନ୍ତି ୫୦ ବର୍ଷୀୟ କ୍ୟାବ ଡ୍ରାଇଭର ଭିଠାଲ। ସେ ଜଣେ ଅଭ୍ୟାସଗତ ମଦ୍ୟପ। ମୃତକ ମହିଳାଙ୍କ ନାମ ବନଯାକ୍ଷୀ। ତାଙ୍କର ବୟସ ୩୫ ବର୍ଷର୍ ବୋଲି ପୁଲିସ ସୂଚନା ଦେଇଛି। ଦୁଇଜଣ ୪ ବର୍ଷ ତଳେ ▶ପୃଷ୍ଠା-୭

## ଆଫଗାନିସ୍ତାନରେ ପ୍ରଚଣ୍ଡ ଭୂକମ୍ପ

# ୧୦୦୦ରୁ ଊର୍ଦ୍ଧ୍ୱ ମୃତ, ୩୦୦୦ ଆହତ



**ରାତି ଅଧରେ ଥରିଲାଉଠିଲା ସାରା ଦେଶ**

**ମାଟିରେ ମିଶିଗଲେ କୋଠା ସହିତ ଲୋକ**

■ **କାବୁଲ, ୧।୯ (ଏଜେନ୍ସି):** ଆଫଗାନିସ୍ତାନରେ ରବିବାର ମଧ୍ୟରାତିରେ ଭୟଙ୍କର ଭୂକମ୍ପ ହୋଇଛି। ୬.୩ ତୀବ୍ରତାର ଏହି ଭୂକମ୍ପ ବିପର୍ଯ୍ୟୟ ସୃଷ୍ଟି କରିଛି। ଅନେକ ଘର ଦ୍ୱାର ଭାଙ୍ଗି ଆବର୍ଜନାର ପାହାଡ଼ ସୃଷ୍ଟି କରିଛି। ରାତିରେ ଶୋଇଥିବାବେଳେ ଏହି ଭୂକମ୍ପ ଆସିଥିବାରୁ ଅନେକ ଜୀବନହାନି ହୋଇଛି। କେହି କିଛି ବୁଝିବା ଆଗରୁ ବଡ଼ ବଡ଼ କୋଠାବାଡ଼ି ମାଟିରେ ମିଶିଯାଇଛି। ବାହାରକୁ ବାହାରିବାକୁ କାହାକୁ ସମୟ ମିଳି ନ ଥିଲା। ଏହି ଅବଶେଷ ତଳେ ଚାପି ହୋଇ ୮୦୦ରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ୨୮୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଅନେକ ଲୋକ ଫସି ରହିଛନ୍ତି। ତେଣୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ଏବେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଏହି ବଡ଼ ଭୂକମ୍ପ ପରେ ରାତା ସାରା ଗୋଟିଏ ପରେ ଗୋଟିଏ ଚାରୋଟି ଭୂକମ୍ପ ଆସିଥିଲା। ଏହା ଲୋକଙ୍କ ସମସ୍ୟାକୁ ବହୁଗୁଣିତ କରିଥିଲା।

ଆମେରିକା ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ଅନୁଯାୟୀ ନଙ୍ଗରହାର ପ୍ରଦେଶର ଜଲାଲାବାଦରେ ହୋଇଥିବା ଏହି ଭୂକମ୍ପର ତୀବ୍ରତା ୬.୩ ଥିଲା। ସହରରୁ ୨୭ କିମି ଦୂରରେ ଏହାର କେନ୍ଦ୍ରସ୍ଥଳ ଥିଲା। ଭୂପୃଷ୍ଠରୁ ୮ କିମି ଗଭୀରତାରେ ଏହା ସୃଷ୍ଟି ହୋଇଥିଲା। କୁନାର ପ୍ରଦେଶରେ ଏହା ସର୍ବାଧିକ କ୍ଷତି ଘଟାଇଛି। ଏହା ପରେ ୪.୭ ତୀବ୍ରତାର ଆଉ ଏକ ଭୂକମ୍ପ ଆସିଥିଲା। ପାକିସ୍ତାନର ଖୈବର ପଖ୍ତୁନଖ୍ୱା, ପଞ୍ଜାବ ଏବଂ ▶ପୃଷ୍ଠା-୭

## ୨୪ ଘଣ୍ଟାରେ ଲଘୁଚାପ

■ **ଭୁବନେଶ୍ୱର,୧।୯ (ସମିସ):** ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପୂର୍ବରୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହେବାକୁ ଥିବାରୁ ବର୍ଷାର ପ୍ରଭାବ ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ୫ ଦିନ ଯାଏଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆକଳନ କରାଯାଇଥିବା ବେଳେ ୨ ଓ ୩ ତାରିଖରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ପାଇଁ ସାରା ରାଜ୍ୟକୁ ବର୍ଷା ଜନିତ ଆଲର୍ଟ ଜାରି କରାଯାଇଛି।

ଅନ୍ୟପଟେ ବର୍ତ୍ତମାନ ଘୂର୍ଣ୍ଣିବଳୟ ସହ ମୌସୁମୀ ଟ୍ରଫ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାର କିଛି କିଛି ▶ପୃଷ୍ଠା-୭

# ଶିକ୍ଷକ ଯୋଗ୍ୟତା ପରୀକ୍ଷା ବାଧ୍ୟତାମୂଳକ


**ପାସ୍ ନ କଲେ ଚାକିରି ଯିବ, ୨୦୧୨ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପାଇଁ ଲାଗୁ**



**ଓଡ଼ିଶାରେ ୭୫ ହଜାର ଶିକ୍ଷକ ଦେବେ ଓଟିଇଟି**

■ **ଭୁବନେଶ୍ୱର, ୧।୯ (ସମିସ):** ଶିକ୍ଷକଙ୍କ ପାଇଁ ଯୋଗ୍ୟତା ପରୀକ୍ଷା (ଟିଇଟି) ବାଧ୍ୟତାମୂଳକ କରାଯାଇଛି। ଯେଉଁମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହାନ୍ତି, ସେମାନଙ୍କୁ ଦୁଇବର୍ଷ ମଧ୍ୟରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ; ଅନ୍ୟଥା ସେମାନଙ୍କୁ ଆଉ ପଦୋନ୍ନତି ମିଳିବ ନାହିଁ। ଏପରିକି ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇ ପାରିବ। ଏନେଇ ସର୍ବୋଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକାଧିକ ମାମଲାର ଶୁଣାଣି କରି ଜଷ୍ଟିସ ଦୀପଙ୍କର ଦତ୍ତା ଓ ଅଗଷ୍ଟିନ ଜର୍ଜ ମସିଙ୍କୁ ନେଇ ଗଠିତ ଖଣ୍ଡପୀଠ ସୋମବାର ରାୟ ଦେଇଛନ୍ତି।

ଦୁଇ ଜଣିଆ ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଚାକିରି କାଳ ଆଉ ୫ ବର୍ଷ କିମ୍ବା ତା' ଠାରୁ କମ୍ ରହିଛି, ସେମାନଙ୍କ ପାଇଁ ଟିଇଟି ପରୀକ୍ଷା ବାଧ୍ୟତାମୂଳକ ନୁହେଁ। ହେଲେ ୫ବର୍ଷରୁ ଅଧିକ କାର୍ଯ୍ୟକାଳ ଥିବା ଶିକ୍ଷକ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ। ଟିଇଟି ବିନା ସେମାନଙ୍କ ପଦୋନ୍ନତି ବିଚାରକୁ ନିଆଯିବ ନାହିଁ। ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପାଇଁ ସେମାନଙ୍କୁ ଦୁଇ ବର୍ଷ ପ୍ରଦାନ କରାଯିବ। ତନ୍ମଧ୍ୟରେ ସେମାନେ ପାସ୍ କରିବା ବାଧ୍ୟତାମୂଳକ। ଫେଲ୍ ହେଉଥିବା ଶିକ୍ଷକ/ଶିକ୍ଷୟିତ୍ରୀ ଚାକିରି ଛାଡ଼ି ପାରିବେ। ଅନ୍ୟଥା ସେମାନଙ୍କୁ ବାଧ୍ୟତାମୂଳକ ଅବସର ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ବ୍ୟତୀତ ଅନ୍ୟ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ଏହି ନିୟମ ଲାଗୁ ହେବ। ସଂଖ୍ୟାଲଘୁ ଶିକ୍ଷାନୁଷ୍ଠାନ ସମ୍ପର୍କିତ ▶ପୃଷ୍ଠା-୭



# ୪ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

**ମନ୍ତ୍ରିମଣ୍ଡଳ ପୁନର୍ଗଠନ ନେଇ ହୋଇପାରେ ନିଷ୍ପତ୍ତି**

**ସଂଗଠନ ସମ୍ପର୍କରେ ମଧ୍ୟ ହେବ ଆଲୋଚନା**



■ **ଭୁବନେଶ୍ୱର, ୧।୯ (ସମିସ):** ସୋମବାରଠାରୁ ୪ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସେମିକନ ଇଣ୍ଡିଆ ୨୦୨୫ ସମ୍ମିଳନୀ ଓ ୫୬ତମ ଜିଏସଟି ପରିଷଦ ସମ୍ମିଳନୀରେ ମଧ୍ୟ ଯୋଗ ଦେବେ । ତେବେ ମୁଖ୍ୟମନ୍ତ୍ରୀ ଏହି ୪ ଦିନିଆ ଗସ୍ତ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ସାଂଗଠନିକ ବ୍ୟାପାର ସମ୍ପର୍କରେ ମଧ୍ୟ ଆଲୋଚନା ହେବ ବୋଲି ସୂଚନା ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀରେ ବିଜେପିର ଶୀର୍ଷ ନେତୃତ୍ୱଙ୍କ ସହ କେତେଜଣ କେନ୍ଦ୍ରମନ୍ତ୍ରୀଙ୍କୁ ମଧ୍ୟ ଭେଟିବେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ରାଜ୍ୟରେ ବିଜେପି ସରକାରକୁ ୧୪ ମାସ ପୂରି ୧୫ ମାସ ଚାଲୁଥିଲେ ହେଁ ଏଯାବତ୍ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ହୋଇପାରିଲା ନାହିଁ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଏକାଧିକ ଥର ଦିଲ୍ଲୀଗସ୍ତରେ ଯାଇ ଏନଇ ଉଦ୍ୟମ କରିଥିଲେ ହେଁ ତାହା ଫଳପ୍ରଦ ହୋଇପାରି ନାହିଁ। ଶେଷ ମୂହୂର୍ତ୍ତରେ ମୋହନ-ମନମୋହନଙ୍କ ଉଦ୍ୟମ ଫସର ଫାଟିଥିବା ବେଳେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ ଗଡ଼ି ଗଡ଼ି ଚାଲିଛି। ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ବୋର୍ଡ, ନିଗମ ନିଯୁକ୍ତିକୁ ନେଇ ଦଳରେ ଅସନ୍ତୋଷ ବଢୁଥିବା ବେଳେ ଏ ଖବର ଦିଲ୍ଲୀର ଶୀର୍ଷ ନେତୃତ୍ୱଙ୍କ ନିକଟରେ ପହଞ୍ଚିଛି। ଶୀର୍ଷ ନେତୃତ୍ୱ ▶ପୃଷ୍ଠା-୭

## ୯୦ ଟଙ୍କା ସ୍ତର ଛୁଇଁବ ଟଙ୍କା



**୧ଡଲାର= ୮୮.୨୫ଟଙ୍କା**

■ **ନୂଆଦିଲ୍ଲୀ, ୧।୯ (ଏଜେନ୍ସି):** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ମାଡ଼ରେ ଘାଇଲା ହୋଇଛି ଘରୋଇ ମୁଦ୍ରା 'ଟଙ୍କା'। ଫଳସ୍ୱରୂପ ଧରାଶାୟୀ ହୋଇଛି ଭାରତୀୟ ମୁଦ୍ରା 'ଟଙ୍କା'। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଏବେ ଭାରତ ସରକାରଙ୍କ ଆଗରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ଯେ ଆଗାମୀ ମାସଗୁଡ଼ିକରେ ଟଙ୍କା ପ୍ରତି ଡଲାର ତୁଳନାରେ ୯୦ର ▶ପୃଷ୍ଠା-୭

## ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ

# କେକ୍ ନେବାକୁ ଆସିଥିବା ବାପାକୁ ଚାପିଦେଲା ଡମ୍ପର୍

**କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତଙ୍କ ରାସ୍ତାରୋକ**



■ **ସୋର, ୧।୯ (ସମିସ):** ଅଧାରେ ରହିଗଲା ଝିଅ ଜନ୍ମଦିନ ପାଳନ। କେକ୍ ନେବାକୁ ବଜାର ଆସିଥିବା ବାପାକୁ ଡମ୍ପର୍ ଚାପିଦେଲା। ବାଲେଶ୍ୱର ଜିଲ୍ଲା ସୋର ଅଞ୍ଚଳରେ ଆଜି ଏପରି ଏକ ହୃଦୟବିଦାରକ ଘଟଣା ଘଟିଛି। ମୃତକ ହେଲେ, ସୋର ଥାନା ଗୋପୀନାଥପୁର ପଞ୍ଚାୟତ ଗଡ଼ସାହି ଗ୍ରାମର ଉମାକାନ୍ତ ପାତ୍ରୀ(୩୫)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅପରପକ୍ଷେ ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଦୁର୍ଘଟଣା ଘଟାଇଥିବା ଗାଡ଼ି ଚାଳକକୁ ଗିରଫ ଦାବିରେ ସ୍ଥାନୀୟ ଲୋକ ସୋର-ଗୋପୀନାଥପୁର ରାସ୍ତାରେ ଧାରଣାରେ ବସିଛନ୍ତି। ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ସଦଳବଳେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଥିଲେ ହେଁ ଶେଷ ଖବର ଲେଖା ହେବା ବେଳକୁ ଅବରୋଧ ହଟିନଥିଲା। ▶ପୃଷ୍ଠା-୭



# ନେତା ଯେଉଁଠି ପଶୁଛନ୍ତି, ସେଇଠି ନିଆଁ ଲଗାଉଛନ୍ତି

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି):ଧର୍ମ କାମରୁ ନେତାମନ୍ତ୍ରୀଙ୍କୁ ଦୂରେଇ ରଖିବା ପାଇଁ ଲୋକଙ୍କୁ ନିବେଦନ କରିଛନ୍ତି କେନ୍ଦ୍ର ସଡ଼କ ପରିବହନମନ୍ତ୍ରୀ ନିତିନ ଗଡ଼କରୀ। ଧର୍ମ ଆଳରେ ରାଜନୀତି ସମାଜ ପାଇଁ କ୍ଷତିକାରକ ବୋଲି ସେ କହିଛନ୍ତି। ରବିବାର ନାଗପୁରର ମହାନୁଭବ ପନ୍ଥ ସମ୍ମିଳନୀରେ ସାମିଲ ହୋଇ ଗଡ଼କରୀ ଏହି ଟିପ୍ପଣୀ ଦେଇଥିଲେ।

କେନ୍ଦ୍ରମନ୍ତ୍ରୀ କହିଥିଲେ ଯେ ରାଜନୀତିଜ୍ଞ ଯେଉଁଠି ପ୍ରବେଶ କରିଛନ୍ତି, ସେଠାରେ ନିଆଁ ଲଗାଇ ଦିଅନ୍ତି। କ୍ଷମତା ହାତରେ ଧର୍ମକୁ ଦେଲେ କ୍ଷତି ହିଁ ହେବ। ଧର୍ମ କାର୍ଯ୍ୟ, ସମାଜ କାର୍ଯ୍ୟ ଏବଂ ରାଜନୈତିକ କାର୍ଯ୍ୟ ଅଲଗା ହୋଇଥାଏ। ଧର୍ମ ବ୍ୟକ୍ତିଗତ ଶ୍ରଦ୍ଧାର ବିଷୟ। କିଛି ରାଜନୀତିଜ୍ଞ ଏହାକୁ ବ୍ୟବହାର କରିଥାନ୍ତି। ଏଥିଯୋଗୁଁ ବିକାଶ ଏବଂ ନିଯୁକ୍ତି ପ୍ରସଙ୍ଗ ଗୌଣ ପାଲଟି ଯାଏ। ପ୍ରତ୍ୟେକ କ୍ଷେତ୍ରରେ ମୂଲ୍ୟବୋଧର ଗୁରୁତ୍ୱ ରହିଛି। ସତ୍ୟ, ଅହିଂସାର ଭାବ ବଜାୟ ରହିବା ଜରୁରୀ। କିନ୍ତୁ ସେ ଯେଉଁ ରାଜନୀତି କ୍ଷେତ୍ରରେ ଅଛନ୍ତି ସେଠାରେ ସତ କହିବା ମନା।

### ରାଜନୀତିରେ ସତ କହିବା ମନା

### ଅନ୍ୟକୁ ବୋକା ବନାଉଥିବା ଲୋକ ଭଲ ନେତା ହୁଅନ୍ତି

ରାଜନୀତିରେ ଏପରି ଲୋକ ଅଛନ୍ତି ଯେଉଁମାନେ ଆଗ୍ରହ, ନୂତନ ଉତ୍ସାହ ଏବଂ ଆନନ୍ଦର ସହିତ କାମ କରିଥାନ୍ତି। ତେବେ ଯେଉଁମାନେ ଅନ୍ୟମାନଙ୍କୁ ବୋକା ବନାଇବାରେ ସିଦ୍ଧହସ୍ତ ହୁଅନ୍ତି ସେମାନେ ସେତେ ଭଲ ନେତା ପାଲଟି ଯାଆନ୍ତି।

କେନ୍ଦ୍ରମନ୍ତ୍ରୀ ଜୀବନ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ସତ୍ୟ ପାଳନ କରିବା ଉଚିତ। କାହାକୁ ଦୁଃଖ ଦେବା ଅନୁଚିତ। ସମାଜରେ ସଚ୍ଚୋଟତା, ବିଶ୍ୱସନୀୟତା ଏବଂ ସମର୍ପଣ ଭଳି ମୂଲ୍ୟବୋଧ ଅତ୍ୟନ୍ତ ଜରୁରୀ। ତେବେ ବିନା ପରିଶ୍ରମ (ସର୍ଟକଟ)ରେ କିଛି ପାଇବା ପାଇଁ ଆଶା କରିବା ଅନୁଚିତ। କାରଣ ଏପରି ପନ୍ଥା ଆପଣାଇଲେ ଶୀଘ୍ର ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ସ୍ୱପ୍ନ ଅଧାରେ ରହିଯାଏ।

## ପୁତିନଙ୍କ କାର୍ ଏକ ଚଳନ୍ତା ଦୁର୍ଗ

ତିଆନ୍‌ଜିନ୍, ୨୧୯ (ଏଜେନ୍ସି): ଏସ୍‌ସିଓ ସମ୍ମିଳନୀରେ ନରେନ୍ଦ୍ର ମୋଦୀ ସୋମବାର ରୁଷ୍ ରାଷ୍ଟ୍ରପତି ଭ୍ଲାଡିମିର ପୁତିନଙ୍କ ସହ ସାଥି ହୋଇ ତାଙ୍କ କାରରେ ଦ୍ୱିପାକ୍ଷିକ ବୈଠକ ସ୍ଥଳକୁ ଯାଇଥିଲେ। ପୁତିନଙ୍କ ଏହି କାରକୁ 'ଅରୁସ ସେନାଟ୍ ଲିମୋଜିନ୍' କୁହାଯାଇଥାଏ। ଏହା ରୁଷ୍ ରାଷ୍ଟ୍ରପତିଙ୍କ ସରକାରୀ ବାହନ ତଥା କାର। ଏୟୁ ଓ ରୁଷ୍ ଦୁଇଟି ଶବ୍ଦକୁ ନେଇ ଏହି କାରର ନାମ ଅରୁସ ରଖାଯାଇଛି। ଏୟୁର ଅର୍ଥ ଓରମ ଅର୍ଥାତ ଲାଟିନ୍ ଭାଷାରେ ଏହାର ଅର୍ଥ ସୁନା। ସେହିପରି ରୁଷ୍‌ର ଅର୍ଥ ରୁଷିଆ। ୨୦୧୮ ରେ ପୁତିନଙ୍କ ଚତୁର୍ଥ ଶପଥ ଗ୍ରହଣ ଉତ୍ସବରେ ଏହି କାର୍‌କୁ ପ୍ରଥମଥର ପାଇଁ ବ୍ୟବହାର କରାଯାଇଥିଲା। ଏହି କାରକୁ ରୁଷିଆର ଅରୁସ ମୋଟର୍ସ ତିଆରି କରିଥିଲା। ଜବରଦସ୍ତ ସୁରକ୍ଷା କାରଣରୁ ଏହା ଏକ 'ଚଳନ୍ତା ଦୁର୍ଗ' ବୋଲି କୁହାଯାଇପାରେ। ଏହାପୂର୍ବରୁ ପୁତିନ ପୁରୁଣା ମର୍ସିଡିଜ ବେଞ୍ଜ୍ ଏସ୍ ୬୦୦ ଗାର୍ଡ ପୁଲମ୍ୟାନ ବ୍ୟବହାର କରୁଥଲେ। ଅରୁସ ସେନାଟ୍ ଲିମୋଜିନ୍' ମାତ୍ର ୬ ସେକେଣ୍ଡ ମଧ୍ୟରେ ଘଣ୍ଟାପ୍ରତି ଶୂନରୁ ୧୦୦ କିମି ବେଗରେ ଗତି କରିବାର କ୍ଷମତା ରଖିଥାଏ। ଏହାର ସର୍ବାଧିକ ଗତି ଘଣ୍ଟାପ୍ରତି ୨୪୯ କିମି ରହିଛି। ଏହି କାର ଗୁଳି ଓ ଗ୍ରେନେଡ ଆକ୍ରମଣକୁ ପ୍ରତିହତ କରିବାର କ୍ଷମତା ରଖୁଛି। ଏଥିରେ ରନ୍- ଫ୍ଲାଟ ଟାୟାର ଲଗା ଯାଇଛି। ୬ ସେମିର ରେନଫୋର୍ସଷ କାଚ ଲଗାଯାଇଛି। ଏଥିରେ ଜୁରୁରୀକାଳୀନ ପ୍ରସ୍ଥାନର ବ୍ୟବସ୍ଥା ରହିଛି। ଏହା ଲମ୍ବ ୭ ମିଟର। ଅତିରିକ୍ତ ଅମ୍ଳଯାନ ସହ ଏହି କାର ରାସାୟନିକ ଆକ୍ରମଣକୁ ମଧ୍ୟ ପ୍ରତିହତ କରିପାରିବ।

## ଏସ୍‌ସିଓ ସମ୍ମିଳନୀରେ ଶାହାବାଜ ସରିଫ୍‌ଙ୍କୁ ଅଣଦେଖା

ତିଆନଜିନ୍, ୨୧୯ (ଏଜେନ୍ସି): ଚୀନ୍‌ର ତିଆନଜିନ୍ ସହରରେ ଚାଲିଥିବା ସାଂଘାଇ ସହଯୋଗ ସମ୍ମିଳନୀ (ଏସ୍‌ସିଓ) ରେ ବିଶ୍ୱର ବିଭିନ୍ନ ବଡ଼ ନେତା ତଥା ରାଷ୍ଟ୍ରମୁଖ୍ୟମାନେ ଯୋଗ ଦେଇଛନ୍ତି। ଏଥିରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହାବାଜ ସିରିଫ୍ ମଧ୍ୟ ସାମିଲ ହୋଇଛନ୍ତି। କିନ୍ତୁ ସେ ଅଣଦେଖାର ଶିକାର ହୋଇଥିବା ଲକ୍ଷ୍ୟ କରାଯାଇଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରୁ ଏହା ସ୍ପଷ୍ଟ ହୋଇଛି। ଗୋଟେପଟେ ସମ୍ମିଳନୀରେ ବାକି ସବୁ ନେତା ସଂଯମ ଆଚରଣ କରିବା ସହ ଅତ୍ୟନ୍ତ ସହଜ ଭାବେ ଦେଖାଯାଉଥିବା ବେଳେ ଶାହାବାଜଙ୍କ ହାବଭାବ କିନ୍ତୁ ଭିନ୍ନ ମନେ ହେଉଥିଲା। ଏଥିପାଇଁ ସାମାଜିକ ଗଣମାଧ୍ୟମରେ ତାଙ୍କର ଟ୍ରୋଲିଂ ହେଉଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁତିନ ଓ ଚୀନ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ଫଟୋ ସେସନ ପରେ ସାଥିହୋଇ ଚାଲୁଥିଲେ। ଏତିକିବେଳେ ପଛରୁ ଆସି ଶାହାବାଜ ଅଚାନକ ଦ୍ରୁତଗତିରେ ଆସି ପୁତିନଙ୍କ ହାତ ମିଳାଇବାକୁ ପ୍ରୟାସ କରୁଥିବାର ଭିଡିଓରେ ଦେଖାଯାଇଛି। ଶାହାବାଜଙ୍କ ଏହି ଆଚରଣଙ୍କୁ ପାକିସ୍ତାନରେ ଲୋକେ ନାପସନ୍ଦ କରିଛନ୍ତି। ଏହି ସମ୍ମିଳନୀରେ ତାଙ୍କ ବଡି ଲାଙ୍ଗୁଏଜ ଅର୍ଥାତ ହାବଭାବ ପରିହାସର ପାତ୍ର ହୋଇଛି ବୋଲି କୁହାଯାଇଛି। ଅନ୍ୟପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଜିନ୍‌ପିଙ୍ଗ ଓ ପୁତିନ ପରସ୍ପର ସହ ଅତ୍ୟନ୍ତ ଆତ୍ମୀୟତାର ସହ ଆଲୋଚନା କରୁଥିବାର ଦେଖାଯାଇଥିଲା।

## ସରକାରୀ ବାସଭବନ ଛାଡ଼ିଲେ ପୂର୍ବତନ ଉପ-ରାଷ୍ଟ୍ରପତି ଧନଖଡ଼

ନୂଆଦିଲ୍ଲୀ, ୨୧୯ (ଏଜେନ୍ସି): ପୂର୍ବତନ ରାଷ୍ଟ୍ରପତି ଜଗଦୀପ ଧନଖଡ ତାଙ୍କ ସରକାରୀ ଭାସଭବନ ଛାଡ଼ିଛନ୍ତି। ସେ ଦକ୍ଷିଣ ଦିଲ୍ଲୀ ଛତାରପୁରସ୍ଥିତ ଏକ ଘରୋଇ ଫାର୍ମହାଉସକୁ ସ୍ଥାନାନ୍ତର ହୋଇଛନ୍ତି। ଏହି ଫାର୍ମହାଉସ୍ ଆଇଏନ୍‌ଏଲଡି ନେତା ଅଭୟ ଚୌତାଲାଙ୍କର ବୋଲି ଜଣାଯାଇଛି। ଧନଖଡ ପାଖାପାଖି ମାସେ ହେବ ଉପ- ରାଷ୍ଟ୍ରପତ ପଦରୁ ଇସ୍ତଫା ଦେଇଛନ୍ତି। ସେ ପାର୍ଲାମେଣ୍ଟ ହାଉସ୍ ନିକଟରେ ଥିବା ଉପ- ରାଷ୍ଟ୍ରପତିଙ୍କ ବାସଭବନରେ ଏପର୍ଯ୍ୟନ୍ତ ରହୁଥିଲେ। ଜଣେ ପୂର୍ବତନ ରାଷ୍ଟ୍ରପତି ହିସାବରେ ନୂଆ ଟାଇପ୍- ୮ ବଙ୍ଗଳା ନମିଳିବା ପର୍ଯ୍ୟନ୍ତ ଧନଖଡ ଏହି ଫାର୍ମ ହାଉସ୍‌ରେ ରହିବେ। ଅବଶ୍ୟ ତାଙ୍କୁ ୩୪ ଏପିଜେ ଅବୁଦୁଲ କାଲାମ ଆଜାଦ ମାର୍ଗରେ ଏକ ବଙ୍ଗଳା ଦିଆଯାଇଛି। କିନ୍ତୁ ଏହା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବାକୁ ୩ ମାସ ସମୟ ଲାଗିବ। ପୂର୍ବତନ ଉପ- ରାଷ୍ଟ୍ରପତି ହିସାବରେ ୭୪ ବର୍ଷୀୟ ଧଡ଼ଖଡ ଏକ ନୂଆ ବଙ୍ଗଳ ଦେବାକୁ ବିଭାଗୀୟ ମନ୍ତ୍ରଣାଳୟକୁ ଆବେଦନ କରିସାରିଛନ୍ତି। ଉଲ୍ଲେଖଥାଉ କି, ଧନଖଡ ଜୁଲାଇ ୨୧ରେ ଉପ-ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇ ସମସ୍ତଙ୍କୁ ଚକିତ କରିଥିଲେ। ସେ ମଧ୍ୟ ପୂର୍ବରୁ ବିଧାୟକ ପେନସନ ପାଇଁ ଆବେଦନ କରିଥିଲେ। ସେ ଏବେ ଜଣେ ପୂର୍ବତନ ଉପ-ରାଷ୍ଟ୍ରପତି, ସାଂସଦ ଓ ବିଧାୟକ ଭାବେ ପେନସନ ପାଇବେ।

## ସୁରତ କପଡ଼ା ମିଲ୍‌ରେ ନିଆଁ; ୨ ମୃତ, ୨୦ ଆହତ

ସୁରତ, ୨୧୯ (ଏଜେନ୍ସି): ଗୁଜରାଟର ସୁରଜ ଜିଲ୍ଲାର ଜୋଳବା ଗାଁରେ ଥିବା ସନ୍ତୋଷ ଟେକ୍ସଟାଇଲ୍ ମିଲ୍‌ରେ ସୋମବାର ସନ୍ଧ୍ୟାରେ ଏକ ବଡ଼ ଦୁର୍ଘଟଣା ଘଟିଛି। ମିଲ୍‌ରେ ନିଆଁ ଲାଗିବା କାରଣରୁ ୨ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦ଜଣ ଆହତ ହୋଇଛନ୍ତି। ରାସାୟନିକ ପଦାର୍ଥ ଥିବା ଏକ ଡ୍ରମ୍ ଫାଟିବା ଫଳରେ ମିଲ୍‌ରେ ନିଆଁ ଚାରିଆଡକୁ ବ୍ୟାପୀ ଯାଇଥିଲା। ଆହତଙ୍କୁ ବାରଡୋଲୀର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାରଡୋଲୀର ଫାୟାର ବିଗ୍ରେଡ୍‌ର ୮ରୁ ୧୦ଟି ଗାଡ଼ି ନିଆଁ ଲିଭାଇବାକୁ ପ୍ରୟାସ ଜାରି ରଖିଛନ୍ତି। କେତେଜଣ ଶ୍ରମିକ ମିଲ ଭିତରେ ଫସି ରହିଛନ୍ତି। ନିଆଁ ଲାଗିବା ପରେ ମିଲ୍ ଭିତରରେ ଶ୍ରମିକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ାଦୌଡ଼ି ଆରମ୍ଭ କରିଥିଲେ। କେତେଜଣ ଶ୍ରମିକ ଏବେ ମଧ୍ୟ ନିଖୋଜ ରହିଛନ୍ତି।

# ଏସ୍‌ସିଓ ସମ୍ମିଳନୀରେ ଭାରତକୁ ବଡ଼ ସଫଳତା



ବେଜିଂ, ୨୧୯ (ଏଜେନ୍ସି): ଚୀନ୍‌ର ଜିଆନଜିନ୍‌ରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ (ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତକୁ ବଡ଼ ସଫଳତା ମିଳିଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ଉପସ୍ଥିତିରେ ସଦସ୍ୟ ରାଷ୍ଟ୍ରମାନେ ପହଲଗାମ ଆକ୍ରମଣକୁ ନିନ୍ଦା କରିଛନ୍ତି। ମୃତକଙ୍କ ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି। ଏସ୍‌ସିଓର ଘୋଷଣାପତ୍ରରେ କୁହାଯାଇଛି ଯେ ଏହି ଆକ୍ରମଣର ଅପରାଧୀ, ପ୍ରୋତ୍ସାହନକାରୀ ଏବଂ ସେମାନଙ୍କୁ ସମର୍ଥନ କରିଥିବା ଲୋକଙ୍କୁ ଦଣ୍ଡ ଦେବା ଜରୁରୀ। ଅନ୍ୟପକ୍ଷରେ ଏହି ସମ୍ମିଳନୀ ଉପରେ ସାରା ବିଶ୍ୱର ନଜର ଥିଲା। ଏଠାରେ ରଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଳିତ ଭାବେ ଆଲୋଚନା କରିଥିଲେ। ଏହି ସମୟରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଅଣଦେଖା କରାଯାଇଥିଲା। ଏଠାରେ ମୋଦୀ, ପୁତିନ ଏବଂ ଜିନପିଙ୍ଗଙ୍କ ବନ୍ଧୁତାକୁ ନେଇ ଚର୍ଚ୍ଚା ହେଉଛି। ଆମରିକା ଶୁଳ୍କର ମୁକାବିଲା ପାଇଁ ତିନି ନେତା ଆଲୋଚନା କରିଥିବା କୁହାଯାଉଛି। ଏହାକୁ ତ୍ରିପାକ୍ଷିକ ରଣନୀତି ଭାବେ ଦେଖାଯାଉଛି। ଆମେରିକାର ବିକଳ୍ପ ପାଇଁ ସଦସ୍ୟ ରାଷ୍ଟ୍ର ଚର୍ଚ୍ଚା କରିଥିବା କୁହାଯାଉଛି।

ସମ୍ମିଳନୀ ପରେ ପୁତିନ ଏବଂ ମୋଦୀଙ୍କ ମଧ୍ୟରେ ବୈଠକ ହେବାର ଥିଲା। ଏଥିପାଇଁ ପୁତିନ ମୋଦୀଙ୍କୁ ପ୍ରାୟ ୧୦ ମିନିଟ ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ଉଭୟେ ଗୋଟିଏ କାର୍‌ରେ ବସି ବୈଠକ ସ୍ଥାନକୁ ଯାଇଥିଲେ। ଏହା ପୂର୍ବରୁ ଉଭୟ ନେତା କାର୍ ଭିତରେ ୪୫ ମିନିଟ ପର୍ଯ୍ୟନ୍ତ ଗୁପ୍ତ ଆଲୋଚନା କରିଥିଲେ। ଏହା ପୂର୍ବରୁ ନିଜ ଚୀନ୍ ଗସ୍ତର ଶେଷ ଦିନରେ ମୋଦୀ ଏସ୍‌ସିଓ ବୈଠକକୁ ସମ୍ବୋଧନ କରିଥିଲେ। ସେ କହିଥିଲେ ଯେ ଆତଙ୍କବାଦ ବିଶ୍ୱ ପାଇଁ ବିପଦ। ପହଲଗାମ ଆକ୍ରମଣର ଉଲ୍ଲେଖ କରି ଏହାକୁ ଆତଙ୍କବାଦର ସବୁଠାରୁ ଖରାପ ରୂପ ଭାବେ ଦର୍ଶାଇ ଥିଲେ। ଗତ ଚାରି ଦଶନ୍ଧି ହେଲା ଭାରତ ଏହାର ଶିକାର ହେଉଛି ବୋଲି କହିଥିଲେ। କିଛି ଦେଶ ଆତଙ୍କବାଦକୁ ମୁକ୍ତ ସମର୍ଥନ ଦେଉଥିବା ପ୍ରସଙ୍ଗ ଦେଉଛନ୍ତି। ଏହାକୁ ସହ୍ୟ ନ କରିବା ଉଚିତ। ଆତଙ୍କବାଦର ପ୍ରତ୍ୟେକ ରୂପକୁ ବିରୋଧ କରାଯିବା ଆବଶ୍ୟକ। କେବଳ ଯୋଗାଯୋଗ ନୁହେଁ, ବିଶ୍ୱାସ ଏବଂ ବିକାଶ ଦ୍ୱାର ସମ୍ବନ୍ଧ ମଝବୁତ ହୋଇଥାଏ ବୋଲି ମୋଦୀ କହିଥିଲେ। ସେ ଏସ୍‌ସିଓକୁ ସୁରକ୍ଷା, ଯୋଗାଯୋଗ ଏବଂ ସୁଯୋଗ ଦର୍ଶାଇ ଥିଲେ। ସେହିପରି ଆଜି ଚୀନ୍ ରାଷ୍ଟ୍ରପତି ଏସ୍‌ସିଓ ଦେଶ ପାଇଁ ୨୮୧ ନିୟୁତ ଡଲାରର ସହାୟତା ଘୋଷଣା କରିଥିଲେ। ନାଟୋର ସମ୍ପ୍ରସାରଣ ନ ହେଲେ ୟୁକ୍ରେନ ଯୁଦ୍ଧ ଶେଷ ହୋଇଯିବ ବୋଲି ପୁତିନ ଉଲ୍ଲେଖ କରିଥିଲେ। ଏ ବିଷୟରେ ଭାରତ ଏବଂ ରୁଷ୍ କ୍ରମାଗତ ଭାବେ ଚର୍ଚ୍ଚା ଜାରି ରଖିଥିବା ମୋଦୀ ସୂଚନା ଦେଇଥିଲେ। ଦ୍ୱିପାକ୍ଷିକ ବୈଠକରେ ପୁତିନ ଏବଂ ମୋଦୀ ସମ୍ବନ୍ଧକୁ ଅଧିକ ମଝବୁତ କରିବା ପାଇଁ କହିଥିଲେ। ମୋଦୀ କହିଥିଲେ ଯେ କଠିନ ସମୟରେ ଦୁଇ ଦେଶ କାନ୍ଧରେ କାନ୍ଧ ମିଶାଇ ଛିଡ଼ା ହୋଇଛନ୍ତି। ଏହି ସମ୍ବନ୍ଧ କେବଳ ଦୁଇ ଦେଶ ପାଇଁ ନୁହେଁ, ବରଂ ବିଶ୍ୱର ଶାନ୍ତି, ସମୃଦ୍ଧି ଓ ସ୍ଥିରତା ପାଇଁ ଜରୁରୀ।

# ଚୀନ୍, ରୁଷ୍ ସହ ଭାରତର ବନ୍ଧୁତା ଆମେରିକା ପାଇଁ ଅସହ୍ୟ

ନୂଆଦିଲ୍ଲୀ, ୩୧୯ (ଏଜେନ୍ସି): ବିଶ୍ୱରେ ଭାରତର ପ୍ରଭାବ ବୃଦ୍ଧି ପାଇ ଚାଲିଛି। ଦୁନିଆରେ ଦୁଇ ଦୁଇଟି ଯୁଦ୍ଧ ଚାଲିଥିବାବେଳେ ଭାରତୀୟ ଅର୍ଥନୀତିର ପ୍ରଦର୍ଶନ ବହୁତ ଭଲ ରହିଛି। କିନ୍ତୁ ଶୁଳ୍କ ଲଗାଇ ବିଶ୍ୱ ବଜାରକୁ ଅସ୍ଥିର କରିଥିବା ଆମେରିକା ପାଇଁ ଏହା ଅସହ୍ୟ ପାଲଟି ଯାଇଛି। ୟୁକ୍ରେନ ଯୁଦ୍ଧ ପାଇଁ ଭାରତକୁ ଦୋଷ ଦେଇ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇ ଥିବା ଆମେରିକା ପାଇଁ ଏସ୍‌ସିଓ ଶିଖର ସମ୍ମିଳନୀ ମୁଣ୍ଡବିନ୍ଧା ସୃଷ୍ଟି କରିଛି। ଚୀନ୍‌ର ଟିଆନଜିନ୍‌ରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାମିଲ ହୋଇ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ତିନି ଦେଶ ପାରସ୍ପରିକ ବାଣିଜ୍ୟିକ ଏବଂ ଦ୍ୱିପାକ୍ଷିକ ସମ୍ବନ୍ଧକୁ ଅଧିକ ବୃଦ୍ଧି କରିବା ପାଇଁ ରାଜି ହୋଇଛନ୍ତି। ବିଶ୍ୱରେ ଶାନ୍ତି, ସମୃଦ୍ଧି ଏବଂ ସ୍ଥିରତା ଲାଗି ଭାରତ, ଚୀନ୍ ଏବଂ ରୁଷ୍ ସମ୍ବନ୍ଧ ଗୁରୁତ୍ୱପୂର୍ଣ୍ଣ ବୋଲି ତିନି ନେତା ପ୍ରକାଶ କରିଛନ୍ତି। ଖାଲି ସେତିକି ନୁହେଁ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କର ମୁକାବିଲା କରିବାକୁ ଏହି ସମ୍ମିଳନୀରେ ଆଲୋଚନା ହୋଇଥିବା କୁହାଯାଉଛି। କିନ୍ତୁ ଏହି ସମ୍ମିଳନୀ ଉପରେ ତୀକ୍ଷଣ ଦୃଷ୍ଟି ରଖିଥିବା ଆମେରିକା ପାଇଁ ଏହି ଦୁଇ ଦେଶ ସହ ଭାରତର ସମ୍ବନ୍ଧକୁ ସହଜରେ ହଜମ କରିପାରୁନି। ଶୁଳ୍କ ଚାପ ପକାଇବାରେ ବିଫଳ ହୋଇଥିବା ୱାସିଂଟନ ଏବେ ଭାରତର ଜାତି ରାଜନୀତି ପ୍ରସଙ୍ଗ ଉଠାଇ ବିବାଦ ସୃଷ୍ଟି କରିବାକୁ ପ୍ରୟାସ କରିଛି।

- ତେଲ ପରେ ଜାତି ରାଜନୀତିରେ ମୁଣ୍ଡ ପୂରାଇଲେ ଟ୍ରମ୍ପଙ୍କ ପରାମର୍ଶଦାତା
- ରୁଷ ତେଲ୍‌ରୁ ଭାରତୀୟ ବ୍ରାହ୍ମଣଙ୍କୁ ଲାଭ; ବହୁମୂଲ୍ୟ ଦେଉଛି ଦେଶ
- ଚୀନ, ରୁଷ୍‌ର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ

ଏସ୍‌ସିଓ ସମ୍ମିଳନୀ ଚାଲିଥିବାବେଳେ ଟ୍ରମ୍ପଙ୍କ ବାଣିଜ୍ୟିକ ପରାମର୍ଶଦାତା ପିଟର ନଭାରୋ ରୁଷ୍ ତେଲ କିଣିବାକୁ ନେଇ ଭାରତୀୟ ବ୍ରାହ୍ମଣଙ୍କୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ ରୁଷ୍ ତେଲ କିଣି ଭାରତୀୟ ବ୍ରାହ୍ମଣ ଲାଭ କମାଉଛନ୍ତି। କିନ୍ତୁ ସମଗ୍ର ଭାରତ ଏହାର ମୂଲ୍ୟ ଦେଉଛି। ରୁଷରୁ ତୈଳ କିଣି ଭାରତ ୟୁକ୍ରେନ ଯୁଦ୍ଧକୁ ଅର୍ଥ ଦେଉଛି। ଏଥିପାଇଁ ନୂଆଦିଲ୍ଲୀ ଉପରେ ସର୍ବାଧିକ ଶୁଳ୍କ ଲଗାଯାଇଛି। ଏହା ଦ୍ୱାରା ରୁଷ୍ ଏବଂ ଆମେରିକାର କ୍ଷତି ହେଉନାହିଁ, ବରଂ ସାଧାରଣ ଭାରତୀୟ ଏଥିପାଇଁ ବହୁମୂଲ୍ୟ ଦେଉଛନ୍ତି। ଏହା ସମସ୍ତଙ୍କୁ ବୁଝିବାକୁ ହେବ। ନଭାରୋ ଭାରତକୁ ରୁଷ୍‌ର ୱାସିଂ ମେସିନ କହିଛନ୍ତି। ଭାରତ କେବଳ ବାଣିଜ୍ୟ ଅସନ୍ତୁଳନ ବୃଦ୍ଧି କରୁନାହିଁ, ବରଂ ଏଭଳି ମେଣ୍ଟ ସୃଷ୍ଟି କରିଛି ଯାହା ଆମେରିକାର ସ୍ୱାର୍ଥ ବିରୋଧୀ ବୋଲି ସେ ଅଭିଯୋଗ କରିଛନ୍ତି।

ନଭାରୋ କହିଛନ୍ତି ଯେ ଭାରତ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ର। ଏହି ଦେଶ ଚୀନ୍ ଏବଂ ରୁଷର ନିକଟତର ହେଲେ ବିଶ୍ୱରେ ଅଶାନ୍ତି ବ୍ୟାପିବ। କମ୍ୟୁନିଷ୍ଟ ଦେଶ ରୁଷ ସହ ମୋଦୀ କାହିଁକି ହାତ ମିଶାଉଛନ୍ତି ତାହା ବୁଝାପଡୁନାହିଁ ବୋଲି ନଭାରୋ କହିଛନ୍ତି। ଏହି ଟିପ୍ପଣୀକୁ କଂଗ୍ରେସ ନେତା ପବନ ଖେଡ଼ା ବିରୋଧ କରିଛନ୍ତି। ଆପତ୍ତି ଉଠାଇ ସେ କହିଛନ୍ତି ଯେ ଆମେରିକା ଏଭଳି ଆଧାରହୀନ ଟିପ୍ପଣୀ ଦେବା ଅନୁଚିତ। ସେହିପରି ଟିଏମସି ସାଂସଦ ସାଗରିକା ଘୋଷ କହିଛନ୍ତି ଯେ ବିଶ୍ୱରେ ଇଂରାଜୀ କହୁଥିବା ଧନୀକ ଶ୍ରେଣୀର ଲୋକଙ୍କୁ ବ୍ରାହ୍ମଣ କୁହଯାଏ। ଏଭଳି ସ୍ଥିତିରେ ନଭାରୋଙ୍କ ବୟାନ ବିଭ୍ରାନ୍ତିକର। ଏହା ତାଙ୍କ ଅଜ୍ଞାନତାକୁ ଦର୍ଶାଉଛି। ଏହା ପୂର୍ବରୁ ନଭାରୋ ୟୁକ୍ରେନ ସଂଘର୍ଷକୁ ମୋଦୀଙ୍କ ଯୁଦ୍ଧ କହିଥିଲେ।

## ବିହାର ଭୋଟର ତାଲିକାରେ ନାମ ସାମିଲର ତାରିଖ ବଢ଼ିବନି

ନୂଆଦିଲ୍ଲୀ, ୨୧୯ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ବିହାରର ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ (ଏସଆଇଆର) ମାମଲାର ଶୁଣାଣି ହୋଇଛି। ଏସ୍‌ଆଇଆରର ସମୟସୀମା ବଢ଼ାଇବା ନେଇ ହୋଇଥିବା ଆବେଦନକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ତେବେ ଆଜି ପରେ ଦାଖଲ କରାଯାଇଥିବା ଦାବି ଏବଂ ଆପତ୍ତିକୁ ବିଚାର କରାଯିବ ବୋଲି କୋର୍ଟଙ୍କୁ ନିର୍ବାଚନ କମିଶନ ଜଣାଇଛନ୍ତି। ସୂଚନା ଅନୁଯାୟୀ ଚିଠା ଭୋଟର ତାଲିକାରେ ନାମ ସାମିଲ କିମ୍ବା ସଂଶୋଧନ ପାଇଁ ଆଜି ଶେଷ ତାରିଖ ଥିଲା। ଆବେଦନକାରୀ ଏହି ସୀମାକୁ ୧୫ ତାରିଖ ପର୍ଯ୍ୟନ୍ତ ବଢ଼ାଇବାକୁ ଦାବି କରିଥିଲେ। ତେବେ ସେପ୍ଟେମ୍ବର ୩୦ ପରେ ବି ଆବେଦନ ସ୍ୱୀକାର କରାଯିବ ବୋଲି ଇସିଙ୍କ ପକ୍ଷରୁ କୁହାଯାଇଥିଲା। ଏ ପର୍ଯ୍ୟନ୍ତ ୭.୨୪ କୋଟି ଭୋଟରଙ୍କ ମଧ୍ୟରୁ ୯୯.୫ ପ୍ରତିଶତ କାଗଜପତ୍ର ଜମା କରିଥିବା ଏବଂ ୧.୩୪ ଲକ୍ଷ ନାମ କଟାଇବାକୁ ନିବେଦନ କରିଥିବା ସୂଚନା ଦିଆଯାଇଥିଲା। ତେଣୁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ଆବେଦନକୁ ଖାରଜ କରିଦେଇଥିଲେ।

## କୋର୍ଟରେ ପଡ଼ି ରହିଛି ସିବିଆଇର ୭, ୦୭୨ ଦୁର୍ନୀତି ମାମଲା

ନୂଆଦିଲ୍ଲୀ, ୨୧୯ (ଏଜେନ୍ସି): ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ (ସିବିଆଇ) ବାର୍ଷୀକ ବିବରଣୀ ପ୍ରକାଶ ପାଇଛି। ଏଥିରେ ସିବିଆଇର ୭୦୭୨ ଦୁର୍ନୀତି ମାମଲା ଦେଶର ବିଭିନ୍ନ କୋର୍ଟରେ ପେଣ୍ଡିଂ ହୋଇ ପଡ଼ିଛି। ତେବେ ଚିନ୍ତାର ବିଷୟ ହେଉଛି ଯେ, ଏଥିରୁ ୨, ୬୬୦ ମାମଲା ୧୦ ବର୍ଷ ପୁରୁଣା। ପୁଣି ଏଥିରୁ ୩୭୯ ମାମଲା ୨୦ ବର୍ଷରୁ ଅଧିକ ସମୟ ଅଟକି ରହିଛି। ସେହିପରି ୨, ୨୮୧ ମାମଲା ୧୦ରୁ ୨୦ ବର୍ଷ ମଧ୍ୟର ଓ ଏଗୁଡିକ ମଧ୍ୟ ପେଣ୍ଡିଂ ହୋଇ ପଡ଼ିଛି। ୨୦୨୪ ଡିସେମ୍ବର ୩୧ ପର୍ଯ୍ୟନ୍ତ ୧, ୫୦୬ ମାମଲା ୩ ବର୍ଷରୁ କମ୍ ସମୟ ମଧ୍ୟରେ, ୭୯୧ ମାମଲା ୩ରୁ ୫ ବର୍ଷ ସମୟ ମଧ୍ୟରେ ଓ ୨, ୧୧୫ ମାମଲା ୫ରୁ ୧୦ ବର୍ଷ ହେବ କୋର୍ଟରେ ପଡ଼ିରହିଛି। ସିବିଆଇ ଓ ଅଭିଯୁକ୍ତଙ୍କ ୧୩, ୧୦୦ ଅପିଲ ତଥା ସଂଶୋଧନ ଆବେଦନ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ପଡ଼ି ରହିଛି। ଏଗୁଡିକ ମଧ୍ୟରୁ ୬୦୬ ଆବେଦନ ୨୦ ବର୍ଷରୁ ଅଧିକ ଏବଂ ୧, ୨୨୭ ଆବେଦନ ୧୫ରୁ ୨୦ ବର୍ଷ ମଧ୍ୟରେ କୋର୍ଟରେ ପଡ଼ିରହିଛି।

### ଉତ୍ତର ଭାରତରେ ପ୍ରବଳ ବର୍ଷା

# ସିମ୍‌ଲାରେ ଭୂସ୍ଖଳନ ଯୋଗୁଁ ୪ ମୃତ



ଡେରାଡୁନ, ୨୧୯ (ଏଜେନ୍ସି): ଉତ୍ତର ଭାରତରେ ମୌସୁମୀ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା, ଉତ୍ତରାଖଣ୍ଡ ଓ ଜମ୍ମୁ-କଶ୍ମୀରରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ଆହୁରି ଖରାପ ହୋଇଛି। ହିମାଚଳରେ ରବିବାରଠାରୁ ବର୍ଷା ଜାରି ରହିଛି। ଶିମଳାର କୋଟଖାଇ, ଜୁବ୍ବାଲ ଓ ଜୁଙ୍ଗାରେ ରବିବରା ବିଳମ୍ବିତ ରାତିରେ ଭୂସ୍ଖଳନ ହୋଇଛି ଓ ଏଥିରେ ୪ ଜଣ ଲୋକ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ହିମାଚଳକୁ ବିଧାନସଭାରେ ରାଜ୍ୟକୁ ପ୍ରାକୃତିକ ବିପର୍ଯ୍ୟୟ କବଳିତ ରାଜ୍ୟ ଭାବେ ଘୋଷଣା କରିଛନ୍ତି। ଚଣ୍ଡିଗଡ଼- ମନାଲୀ ଫୋରଲେନ୍ ସମେତ ୫ଟି ରାଜପଥ ଓ ପାଖାପାଖି ୮୦୦ଟି ସଡକକୁ ବନ୍ଦ କରାଯାଇଛି। କୁଲ୍ଲୁ ସମେତ ୧୦ଟି ଜିଲ୍ଲାରେ ସୋମାବାର ସ୍କୁଲ ଓ କଲେଜ ବନ୍ଦ କରିଦିଆଯାଇଛି।

### ଉତ୍ତରାଖଣ୍ଡ ୪ ଧାମ ଯାତ୍ରା ୫ ପର୍ଯ୍ୟନ୍ତ ସ୍ଥଗିତ

### ହରିୟାଣାରେ ୫୦ ଏକର ଜମି ଜଳମଗ୍ନ

ଉତ୍ତରାଖଣ୍ଡର କେଦାରନାଥ ଜାତୀୟ ରାଜପଥରେ ସୋମାବାର ଭୂସ୍ଖଳନ ଯୋଗୁଁ ଦୁଇଜଣ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ଫଳରେ ରାଜ୍ୟରେ ରେଡ ଆଲର୍ଟ ଜାରି କରାଯାଇଛି ଓ ୪ ଧାମ ଯାତ୍ର ସହ ହେମକୁଣ୍ଡ ସାହିବ ଯାତ୍ରା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି ଜମ୍ମୁ-କଶ୍ମୀରର ରୋଜୋରି ଜିଲ୍ଲାରେ ଭୂସ୍ଖଳନ କାରଣରୁ ୧୨ଟି ଘର ଭାଙ୍ଗିଯାଇଛି। ହରିୟାଣର ୬ଟି ଜିଲ୍ଲାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ସିରସାରେ ୫୦ ଏକର ଚାଷ ଜମି ଜଳମଗ୍ନ ହୋଇଛି। ସୋମବାର ସକାଳେ ହାଥିନିକୁଣ୍ଡ ବ୍ୟାରେଜ୍‌ରେ ୨୯, ୩୧୩ କ୍ୟୁସେକ ଜଳ ଛଡା ଯାଇଛି। ଫଳରେ ଯମୁନାର ଜଳସ୍ତର ବିପଦ ସଂକେତ ଉର୍ଦ୍ଧ୍ୱରେ ବହୁଛି। ଦିଲ୍ଲୀ ସରକାର ବନ୍ୟା ନେଇ ସତର୍କତା ଜାରି କରିଛନ୍ତି। ଅନ୍ୟପଟେ ପଞ୍ଜାବର ୯ ଜିଲ୍ଲା ଯଥା ଫଜିଲକା, ଫିରୋଜପୁର, କପୁରଥାଲା, ପଠାନକୋଟ, ତାରା ତାରାନ ଓ ବର୍ଣ୍ଣାଲଶରେ ବନ୍ୟା ସ୍ଥିତି ଜାରି ରହିଛି। ଏପର୍ଯ୍ୟନ୍ତ ୧୩୧୨ ଗାଁ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ଜଳନ୍ଧର ଓ ଲୁଥିଆନାର ବହୁ ଅଞ୍ଚଳ ଜଳମଗ୍ନ ହୋଇଛି। ରାଜସ୍ଥାନର ବିକାନେରରେ ମଧ୍ୟ ପ୍ରବଳ ବର୍ଷା ଜାରି ରହିଛି। ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମୀ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ଜୁନ୍ ୨୦ରୁ ମୌସୁମୀ ଆସିବା ପରେ ହିମାଚଳରେ ଏପର୍ଯ୍ୟନ୍ତ ୩୨୦ ଲୋକ ବର୍ଷା ଜନିତ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଛନ୍ତି ଓ ୩ ହଜାର କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଜମ୍ମୁର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିଛନ୍ତି। ସେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭାଗୱନ୍ତ ମାନ୍‌ଙ୍କ କଥା ହୋଇଛନ୍ତି ଓ ଯଥାସମ୍ଭବ ସାହାଯ୍ୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପଞ୍ଜାବରେ ସ୍କୁଲ ଓ କଲେଜକୁ ୩ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି।


### ସରିଲା ରାହୁଲଙ୍କ ଭୋଟର ଅଧିକାର ଯାତ୍ରା

# ୬ ମାସରେ ଭୁଶୁଡ଼ିବ କେନ୍ଦ୍ର ସରକାର: ଖଡ଼୍‌ଗେ

ପାଟନା, ୩୧୯ (ଏଜେନ୍ସି): ବିହାରରେ ୧୬ ଦିନ ହେଲା ଚାଲିଥିବା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ 'ଭୋଟର ଅଧିକାର ଯାତ୍ରା' ସୋମବାର ପାଟନାରେ ଶେଷ ହୋଇଛି। ଗାନ୍ଧୀ ମୈଦାନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରି ସକାଳ ୧୧ଟାରେ ରାହୁଲ ପଦଯାତ୍ରା ଆରମ୍ଭ କରିଥିଲେ। ସାଢ଼େ ତିନି ଘଣ୍ଟା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ହାଇକୋର୍ଟ ନିକଟରେ ଥିବା ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଏହି ଯାତ୍ରା ଶେଷ ହୋଇଥିଲା। ଏହା ପୂର୍ବରୁ ରାହୁଲ ଏବଂ ଆରଜେଡି ନେତା ତେଜସ୍ୱୀ ଯାଦବ ଏହି ଯାତ୍ରାକୁ ଡାକବଙ୍ଗଳା ଛକରେ ଅଟକାଇ ଦେଇଥିଲେ। ଏଠାରେ ଜନସଭାକୁ ସମ୍ବୋଧନ କରି ରାହୁଲ ବିଜେପିକୁ ନିଶାଣ କରିଥିଲେ। ସେ କହିଥିଲେ ଯେ ଲୋକଙ୍କ ଭୋଟ ଚୋରି କରି ଏନ୍‌ଡିଏ ଜିତିଛି। ମହାରାଷ୍ଟ୍ରରେ ବି ଏମାନେ ଭୋଟ ଚୋରି କରିଥିଲେ। କେବଳ ଦେଶରେ ନୁହେଁ, ଚୀନ୍ ଲୋକ ମଧ୍ୟ କହୁଛନ୍ତି 'ଭୋଟ ଚୋର, ଗଦି ଛାଡ଼'। ଏହି ଯାତ୍ରାକୁ ବିଜେପି ଲୋକ କଳା ପତାକା ଦେଖାଉଛନ୍ତି। ସେମାନେ ଜାଣି ରଖିବା ଉଚିତ ଯେ ପରମାଣୁ ବୋମାଠାରୁ ହାଇଡ୍ରୋଜେନ ବୋମା ବଡ଼। ଏହି ବୋମା ଆସୁଛି। ଭୋଟ ଚୋରିର ସତ୍ୟ ବିଷୟରେ ସାରା ଦେଶ ଜାଣିବ। ଆମେ ସମ୍ବିଧାନକୁ ହତ୍ୟା କରିବାକୁ ଦେବୁ ନାହିଁ। ବିହାରରେ ଏହି ଯାତ୍ରାକୁ ଲୋକେ ଅଶେଷ ସମର୍ଥନ ଦେଇଛନ୍ତି।

### ହାଇଡ୍ରୋଜେନ ବୋମା ବିସ୍ଫୋରଣ: ରାହୁଲ

ରାହୁଲଙ୍କ ଅଭିଭାଷଣ ସରିବା ପରେ ଦୁଇ ଯୁବକ କଳା ପତାକା ଦେଖାଇ ଥିଲେ। ଏହା ପରେ ହଙ୍ଗାମା ଆରମ୍ଭ ହୋଇଥିଲା। ପୁଲିସ ସେଠାରୁ ଦୁଇ ଯୁବକଙ୍କୁ ଯେନତେନ ଉପାୟରେ ବାହାର କରି ଥାନାକୁ ନେଇଥିଲା। ଏହା ପରେ ରାହୁଲ ଦିଲ୍ଲୀ ଫେରି ଯାଇଥିଲେ। ଏହା ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଜନସଭାକୁ ସମ୍ବୋଧନ କରି ୬ ମାସ ମଧ୍ୟରେ କେନ୍ଦ୍ର ସରକାର ଭୁଶୁଡ଼ି ଯିବ ବୋଲି କହିଥିଲେ। ବିଜେପି ଭୋଟ ଚୋରି କରି ବିହାର ଜିତିବାକୁ ପ୍ରୟାସ କରୁଛି। ତେଣୁ ଲୋକଙ୍କୁ ସତର୍କ ରହିବାର ଆବଶ୍ୟକତା ରହିଛି। ସତର୍କ ନ ରହିଲେ ଲୋକଙ୍କୁ ବୁଡ଼ାଇ ଦେବେ। ଏହା ସହିତ ସରକାରଙ୍କ ପକ୍ଷରୁ ପୁଲିସ ବ୍ୟବସ୍ଥା ହୋଇ ନ ଥିବା ଖଡଗେ କହିଥିଲେ। ସେ ଏହାକୁ ନେଇ ପୁଲିସକୁ ଚେତାବନୀ ଦେଇଥିଲେ। ଖୁବଶୀଘ୍ର ଆମ ସରକାର ଆସିବାକୁ ଯାଉଛି।



ସେତେବେଳେ ପୁଲିସକୁ କାମ କରିବାକୁ ପଡିବ ବୋଲି ଖଡଗେ କହିଥିଲେ। ସେହିପରି ତେଜସ୍ୱୀ କହିଥିଲେ ଯେ ଲାଲୁ ଜୀ ବିଜେପିକୁ ଡରି ନ ଥିଲେ। ତାଙ୍କ ପୁଅ ମଧ୍ୟ ଏତଲାକୁ ଡରିବ ନାହିଁ। ବିହାରରେ ଡବଲ ଇଞ୍ଜିନ ସରକାର ଚାଲିଥିବା କୁହାଯାଉଛି। ଏହାର ଗୋଟିଏ ଇଞ୍ଜିନ ଅପରାଧ ଏବଂ ଅନ୍ୟଟି ଦୁର୍ନୀତି। ଏମାନେ ବିହାରୀଙ୍କୁ ଠକିବାକୁ ଚାହୁଁଛନ୍ତି।

# ବୃଦ୍ଧଙ୍କୁ ପିଟିପିଟି ହତ୍ୟା

ମୋରଡା/ରାସଗୋବିନ୍ଦପୁର, ୧।୯ (ସମିସ): ପିଟିପିଟି ବୃଦ୍ଧଙ୍କୁ ମାରିଦେଲେ। ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଗୁଡ଼ିଖିଣିଆ ଗ୍ରାମରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର ସୋରେନ ଟୁଡୁ। ସୂଚନାନୁଯାୟୀ, ସୋରେନ ପୂର୍ବରୁ ପାଞ୍ଚମାଣିଆ ସ୍ଥିତ ସରକାରୀ ଦେଶୀ ଭାଟିରୁ ମଦ କିଣି ଆଣି ଚୋରାରେ ବିକ୍ରି କରୁଥିଲେ। ସୋରେନଙ୍କ କେହି ସନ୍ତାନ ନ ଥିବାରୁ ତାଙ୍କ ପୁତୁରା ମହନ କିସ୍କୁଙ୍କ ଘରେ ରହି ଆସୁଥିଲେ। ପରେ ମଦ ବିକ୍ରି ମଧ୍ୟ ବନ୍ଦ କରିଦେଇଥିଲେ। ରବିବାର ସନ୍ଧ୍ୟାରେ ଏକ ବାଇକ୍‌ରେ ପାଞ୍ଚମାଣିଆ ଗ୍ରାମର ଗୋବିନ୍ଦ ଚନ୍ଦ୍ର ପୃଷ୍ଟି, ଝରିଆ ଗ୍ରାମର କୁଅଁର ମୁର୍ମୁ, ଦେଶୀ ମଦଭାଟି ମ୍ୟାନେଜର୍ କାର୍ତ୍ତିକ ତାଙ୍କ ଘରେ ପଶି ତାଙ୍କୁ ଧମକଚମକ ଦେଇଥିଲେ। କାହିଁକି ମଦ ତିଆରି କରୁଛୁ ବୋଲି ପ୍ରଶ୍ନ କରିଥିଲେ। ସୋରେନ ସେମାନଙ୍କୁ ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସୋରେନ ତଳେ ପଡ଼ିଯିବା ସହ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଏ ସଂପର୍କରେ ସୋରେନଙ୍କ ପୁତୁରା ସନା କିସ୍କୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଆର୍‌ଆଇ, ଅମିନ ପ୍ରିଲିମ୍‌ସ ଅକ୍ଟୋବର ୮ରୁ

ଭୁବନେଶ୍ୱର, ୧।୯ (ସମିସ): ବାତିଲ୍ ହୋଇଥିବା ଆର୍‌ଆଇ, ଏଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର୍ ନିଯୁକ୍ତି ପାଇଁ ପ୍ରିଲିମିନାରୀ ପରୀକ୍ଷା ପୁଣିଥରେ ଅକ୍ଟୋବର ୮ ତାରିଖରୁ ଆରମ୍ଭ ହେବ। କମ୍ପ୍ୟୁଟର୍ ବେସଡ୍ ନିଯୁକ୍ତି ପରୀକ୍ଷା (ସିବିଆର୍‌ଇ) ମାଧ୍ୟମରେ ଆଶାୟୀମାନେ ପରୀକ୍ଷା ଦେବେ। ନଭେମ୍ବର ତୃତୀୟ ସପ୍ତାହ ମଧ୍ୟରେ ଏକାଧିକ ସିଫ୍ଟରେ ପରୀକ୍ଷା ହେବ। ଏଥିପାଇଁ ନର୍ମାଲାଇଜେସନ୍ ପ୍ରକ୍ରିୟା ଆପଣାଯିବ। ଏହାସହ ପ୍ରତି ଜିଲ୍ଲାରେ ପରୀକ୍ଷା କେନ୍ଦ୍ର କରାଯିବ। ଯେଉଁ ଜିଲ୍ଲାରେ ଉପଯୁକ୍ତ ପରୀକ୍ଷା କେନ୍ଦ୍ର ନାହିଁ, ସେହି ଜିଲ୍ଲାର ପିଲାମାନେ ଆବେଦନ ସମୟରେ ଆଗ୍ରାଧିକାର ଦେଇଥିବା ଜିଲ୍ଲାରେ ପରୀକ୍ଷା ଦେବେ। ପରବର୍ତ୍ତୀ ସମୟରେ ଆଡମିଟ୍ କାର୍ଡ ପ୍ରକାଶ ପାଇବ ବୋଲି ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ପକ୍ଷରୁ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପୂର୍ବରୁ ହୋଇଥିବା ପ୍ରଲିମିନାରୀ ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ହେବା ପରେ ସମସ୍ତ ପରୀକ୍ଷାର୍ଥୀଙ୍କୁ ମେନ୍ ପରୀକ୍ଷା ପାଇଁ ଉତ୍ତୀର୍ଣ୍ଣ କରାଯାଇଥିଲା। ମୋଟ୍ ପଦର ୫ ଗୁଣା ପରୀକ୍ଷାର୍ଥୀ ମେନ୍ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହେବାର ନିୟମ ଥିବାରୁ ଉଚ୍ଚ ନ୍ୟାୟାଳୟରେ ମାମଲା ହୋଇଥିଲା। ଫଳରେ ସରକାର ପ୍ରିଲିମିନାରୀ ପରୀକ୍ଷାଫଳକୁ ରଦ୍ଦ କରିବା ସହ ପୁଣିଥରେ ନୂତନ ଭାବେ ପରୀକ୍ଷା କରିବାକୁ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିଥିଲେ।

# ଓଡ଼ିଶା ଯାତ୍ରୀ ଆପ୍‌ରେ ମିଳିବ 'ଆମ ବସ୍' ଓ ଚିଲିକା ବୋଟିଂ ଟିକଟ

ଭୁବନେଶ୍ୱର,୧।୯ (ସମିସ): ଓଡ଼ିଶା ଯାତ୍ରୀ ଆପ୍‌ର କଳେବର ବଢ଼ିଛି। ଏଣିକି ଏହି ଆପ୍ ମାଧ୍ୟମରେ 'ଆମ ବସ୍' ଏବଂ ଚିଲିକା ବୋଟିଂ ନିମନ୍ତେ ଟିକଟ୍ ଉପଲବ୍ଧ ହେବ। ପର୍ଯ୍ୟଟକ ଏବଂ ଯାତ୍ରୀଙ୍କ ଅନୁଭବକୁ ଅଧିକ ସୁଖଦ୍ ଏବଂ ସହଜ କରିବା ଉଦ୍ଦେଶ୍ୟରେ ଏହି ନୂତନ ସୁବିଧାକୁ ଆପ୍‌ରେ ଅନ୍ତର୍ଭୁକ୍ତ କରାଯାଇଛି। ରାଜ୍ୟ ସରକାରଙ୍କ ଆମ ବସ୍ ସେବା ଅଧୀନରେ ଚଳାଚଳ କରୁଥିବା ଯେକୌଣସି ବସ୍‌ରେ ଯାତାୟାତ ନିମନ୍ତେ ଏହି ଆପ୍ ମାଧ୍ୟମରେ ବିନା କୌଣସି ବାଧାରେ ଟିକଟ୍ ବୁକିଂ କରି ସୁରକ୍ଷିତ ଏବଂ ଆରାମଦାୟକ ବସ୍ ଯାତ୍ରାର ଲାଭ ମିଳିପାରିବ।

ଅନୁରୂପ ଭାବେ ଚିଲିକା ଭ୍ରମଣରେ ଆସୁଥିବା ପର୍ଯ୍ୟଟକ ସାତପଡ଼ା ଠାରେ ସେମାନଙ୍କ ସୁବିଧା ମୁତାବକ ବୋଟିଂ ନିମନ୍ତେ ଏହି ଆପ୍ ମାଧ୍ୟମରେ ଟିକେଟ୍ ବୁକିଂ କରି ଡିଜିଟାଲ ଟିକେଟ୍ ପାଇପାରିବେ। ବୋଟିଂ ଆରମ୍ଭ ପୂର୍ବରୁ ଏହି ଡିଜିଟାଲ ଟିକେଟ ଯାଞ୍ଚ କରାଯାଇ ଯାତ୍ରା ନିମନ୍ତେ ଅନୁମତି ଦିଆଯିବ। ସମସ୍ତ ଆଣ୍ଡ୍ରଏଡ୍ ପ୍ଲାଟ୍‌ଫର୍ମରେ ଏହି ଆପ୍ ଉପଲବ୍ଧ ହୋଇସାରିଥିବା ବେଳେ ଆଇଓଏସ୍‌ରେ ନିକଟରେ ଭବିଷ୍ୟତରେ ଏହା ଉପଲବ୍ଧ ହେବ ବୋଲି ସୂଚନା ମିଳିଛି। ଏହା ସହିତ ଯାତ୍ରୀଙ୍କ ମତାମତକୁ ଭିତ୍ତିକରି ଟିକଟ୍ ବୁକିଂ ବ୍ୟବସ୍ଥାରେ ମଧ୍ୟ ଆବଶ୍ୟକ ସୁଧାର ଅଣାଯିବ। ଓଡ଼ିଶା ଯାତ୍ରୀ କେବଳ ଏକ ଡିଜିଟାଲ ସେବା ନୁହଁ; ଯାତ୍ରୀଙ୍କୁ ସାର୍ବଜନୀନ , ଟେକ୍ନୋଲୋଜିଭିତ୍ତିକ, ତ୍ରୁଟିଶୂନ୍ୟ ସେବା ଯୋଗାଇଦେବାର ସଂକଳ୍ପ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି।

# ନିଶା ବେପାରୀଙ୍କୁ 'ପ୍ରହାର'

## ନିଶାଦ୍ରବ୍ୟ ଜବତ ହେଲେ ଦୋକାନ ସିଲ୍

ଭୁବନେଶ୍ୱର,୧।୯ (ସମିସ): ରାଜ୍ୟରେ ନିଶା କାରବାର ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ଜାମିନରେ ଆସିବା ପରେ ମଧ୍ୟ ନିଶା ବେପାର ଛାଡୁନାହାନ୍ତି। ବିଶେଷକରି ଶିକ୍ଷାନୁଷ୍ଠାନ ନିକଟରେ ନିଶାଦ୍ରବ୍ୟ ବିକ୍ରି ଛାତ୍ରଛାତ୍ରୀମାନଙ୍କୁ ପ୍ରଭାବିତ କରୁଛି। ଏ ସବୁରେ ରୋକ୍ ଲଗାଇବା ପାଇଁ ଆଜିଠାରୁ ସାରା ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଅପରେସନ 'ପ୍ରହାର'। ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ନେତୃତ୍ୱରେ ଆରମ୍ଭ ହୋଇଥିବା ଏହି ଅପରେସନ୍ ଆସନ୍ତା ୧୫ ତାରିଖ ଯାଏଁ ଚାଲିବ। ପ୍ରଥମେ ସ୍ଥାନୀୟ ଅଞ୍ଚଳରେ ଥିବା ଅଭ୍ୟାସଗତ ଅପରାଧୀଙ୍କ ତାଲିକା କରି ବିଏନ୍‌ଏସ୍‌ଏସ୍ ୧୨୯ରେ ସେମାନଙ୍କୁ ବୁକ୍ କରିବାକୁ କୁହାଯାଇଛି। ନିଶା ବେପାରୀଙ୍କୁ ଧରିବା ଲାଗି ଚଢ଼ଉକୁ ଜୋରଦାର କରିଛି ପୁଲିସ। ଚଢ଼ଉ ସମୟରେ ଶିକ୍ଷାନୁଷ୍ଠାନ ନିକଟରେ ବିଶେଷ ଧ୍ୟାନ ଦିଆଯାଉଛି। କୌଣସି ଦୋକାନରୁ ନିଶାଦ୍ରବ୍ୟ ଜବତ ହେଲେ, ସଂପୃକ୍ତ ଦୋକାନକୁ ତୁରନ୍ତ ସିଲ୍ କରାଯିବ। କେଉଁ ଥାନାର କେଉଁ କେସ ଆଧାରରେ ସିଲ୍ କରାଯାଇଛି, ସେନେଇ ସଂପୃକ୍ତ ଦୋକାନରେ ପୋଷ୍ଟର୍ ମରାଯିବ। ଅଭ୍ୟାସଗତ ଅପରାଧୀଙ୍କଠାରୁ ନିଶାଦ୍ରବ୍ୟ ଜବତ ହେଲେ ସେମାନଙ୍କ ବିରୋଧରେ ୧୧୧ ବିଏନ୍‌ଏସ୍ ଓ ୨୯ ଏନ୍‌ଡିପିଏସ୍ ଆକ୍ଟରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସ୍ୱତନ୍ତ୍ର ଧରପଗଡ଼ ବେଳେ ଅବକାରୀ ବିଭାଗ, ରାଜସ୍ୱ ବିଭାଗ, ମ୍ୟୁନିସିପାଲିଟି, ଏନ୍‌ଏସି ଓ ପଞ୍ଚାୟତ ସହ ସମନ୍ୱୟ ରଖିବାକୁ କୁହାଯାଇଛି। ଚଢ଼ଉ ବେଳେ ଅଧିକ ପରିମାଣର ନିଶାଦ୍ରବ୍ୟ ଓ ଅଧିକ ନିଶା ବେପାରୀଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଏନ୍‌ଏସି ଘୋଷଣାରେ ସରକାରଙ୍କ ପାତରଅନ୍ତର

# ରାଜରାସ୍ତାକୁ ଓହ୍ଲାଇବାକୁ ବିଜେଡିର ଧମକ

ଭୁବନେଶ୍ୱର,୧।୯ (ସମିସ): ସ୍ୱାୟତ୍ତ ଶାସନ ଦିବସ ଅବସରରେ ରାଜ୍ୟ ସରକାରଙ୍କ ଦ୍ୱାରା ୧୬ ନୂଆ ଏନ୍‌ଏସି ଓ ୭ଟି ମ୍ୟୁନିସିପାଲିଟି ଘୋଷଣା କରାଯାଇଛି। ବିକାଶ ଭାବନା କମ୍, ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ନୂଆ ଏନ୍‌ଏସି ଘୋଷଣା କରାଯାଇଛି ବୋଲି ବିରୋଧୀ ଦଳଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକେ ମତପ୍ରକାଶ କରୁଛନ୍ତି। ଏହିକ୍ରମରେ ବିଜେଡି ଧଧ ପ୍ରତିକ୍ରିୟା ପ୍ରକାଶ କରିଛି। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ୩୯ଟି ଅଞ୍ଚଳକୁ କାର୍ଯ୍ୟକାରୀ ନକରିବା ଦୁର୍ଭାଗ୍ୟଜନକ। ବିଜେଡି ସରକାରଙ୍କ ଦ୍ୱାରା ଏନ୍‌ଏସି ଭାବେ ଘୋଷିତ ହୋଇଥିବା ଅଞ୍ଚଳଗୁଡିକୁ ପାତରଅନ୍ତର କରି ସରକାର ଏପରି ନିଷ୍ପତ୍ତି ନେଇଛନ୍ତି ବୋଲି ଦଳ ଅଭିଯୋଗ କରିଛି।



■ ପୂର୍ବରୁ ଘୋଷିତ ୧୮ ଟି ଅଞ୍ଚଳକୁ ସରକାର ପୁନଃ ଘୋଷଣା କରିଛନ୍ତି
■ ବାଦ୍ ପଡ଼ିଥିବା ଅଞ୍ଚଳଗୁଡ଼ିକରେ ଦେଖାଦେଲାଣି ପ୍ରବଳ ଜନଅସନ୍ତୋଷ

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ, ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ପ୍ରତାପ ଜେନା ଓ ବିଧାୟକ ତଥା ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପାତରଅନ୍ତର ନୀତି ପାଇଁ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ୨୦୨୪ ମସିହା ଫେବୃଆରୀ ଓ ମାର୍ଚ୍ଚ ମାସରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରାଯାଇଥିଲା। ପୌର ଅଧିନିୟମ ୧୯୫୦ ଅନୁଯାୟୀ ପ୍ରଥମେ ଘୋଷଣାନାମା ହୋଇଥାଏ ଓ ପରେ ଏହା ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ଅଣାଯାଇ ଗେଜେଟ ନୋଟିଫିକେସନ କରାଯାଏ। ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା ହେବା ସହିତ ଜିଲ୍ଲାପାଳମାନଙ୍କ ପାଖକୁ ଆବଶ୍ୟକ ରିପୋର୍ଟ ପାଇଁ ପଠାଯାଇଥିଲା। କିନ୍ତୁ ରାଜ୍ୟରେ ବିଜେପି ସରକାର ଦାୟିତ୍ୱ ନେବା ପରେ ପୂର୍ବରୁ ଘୋଷିତ ହୋଇଥିବା ଅଞ୍ଚଳଗୁଡିକ ମଧ୍ୟରୁ କିଛି ଅଞ୍ଚଳକୁ ପୁନଃ ଘୋଷଣା କରିଛନ୍ତି ଓ କିଛି ନୂତନ ଅଞ୍ଚଳକୁ ଏଥିରେ ସାମିଲ କରିଛନ୍ତି। ରାଜ୍ୟରେ ବିଜେପି ସରକାରଙ୍କର ୧୫ ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ବି ଅଞ୍ଚଳ ପାଇଁ ଗେଜେଟ ନୋଟିଫିକେସନ ହୋଇପାରି ନାହିଁ।

ବରିଷ୍ଠ ନେତା ପ୍ରତାପ ଜେନା କହିଥିଲେ ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ବିଜେଡି ସରକାରଙ୍କ ଦ୍ୱାରା ଘୋଷିତ ହୋଇସାରିଥିବା ଅଞ୍ଚଳଗୁଡ଼ିକୁ ରାଜ୍ୟ ସରକାର ପୁଣିଥରେ ଘୋଷଣା କରିବା ଓ ଏଥିରେ ପାତରଅନ୍ତର କରି ଅଧିକାଂଶ ଘୋଷିତ ଅଞ୍ଚଳକୁ ସାମିଲ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ସେହିପରି ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷିତ ହୋଇଥିବା ୫୭ଟି ଏନ୍‌ଏସି ମଧ୍ୟରୁ ମାତ୍ର ୧୮ଟିକୁ ବିଜେପି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବେଳେ ୩୯ଟି ଅଞ୍ଚଳକୁ ସାମିଲ କରାଯାଇ ନାହିଁ, ଯାହା ସରକାରଙ୍କ ପାତରଅନ୍ତର ନୀତିକୁ ପଦାରେ ପକାଉଛି। ଏହାଛଡା କଣ୍ଟାବାଞ୍ଜି ଏନ୍‌ଏସିକୁ ମ୍ୟୁନିସିପାଲିଟି କରାଯିବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହାକୁ ମଧ୍ୟ ବିଚାରକୁ ନିଆଯାଇ ନାହିଁ। ବିଜେଡି ସରକାରଙ୍କ ଘୋଷିତ ତାଲିକା ଅନୁଯାୟୀ ବାଦ୍ ପଡ଼ିଯାଇଥିବା ୩୯ଟି ଅଞ୍ଚଳକୁ ଏନ୍‌ଏସି ମାନ୍ୟତା ଓ କଣ୍ଟାବାଞ୍ଜିକୁ ମ୍ୟୁନିସିପାଲିଟି ଘୋଷଣା ତୁରନ୍ତ କରାଯାଉ ବୋଲି ସେ ଦାବି କରିଥିଲେ।

ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ କହିଥିଲେ ଯେ ଗ୍ରାମାଞ୍ଚଳର ବାସିନ୍ଦାମାନଙ୍କୁ ସହରାଞ୍ଚଳରେ ମିଳୁଥିବା ସୁବିଧା ପ୍ରଦାନ ଲକ୍ଷ୍ୟ ରଖି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୫୭ଟି ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ଏହା ମଧ୍ୟରୁ ଅଧିକାଂଶ ଅଞ୍ଚଳକୁ ବାଦ୍ ଦେଇଛନ୍ତି, ଯେଉଁଥିପାଇଁ ବାଦ୍ ପଡ଼ିଥିବା ଅଞ୍ଚଳଗୁଡିକରେ ଜନଅସନ୍ତୋଷ ଦେଖା ଦେଇଛି। ବାଦ୍ ପଡ଼ିଥିବା ୩୯ଟି ଅଞ୍ଚଳକୁ ତୁରନ୍ତ ଏନ୍‌ଏସି ମାନ୍ୟତା ନଦେଲେ ବିଜୁ ଜନତା ଦଳ ନୀରବଦ୍ରଷ୍ଟା ସାଜିବ ନାହିଁ, ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

# ମଝି ନଈରୁ ଶ୍ରମିକଙ୍କୁ ଉଦ୍ଧାର କଲା ହେଲିକପ୍ଟର୍

ମାଲକାନଗିରି, ୧।୯ (ସମିସ): ମଝି ନଦୀରେ ଫସି ରହିଥିବା ଜଣେ ଶ୍ରମିକଙ୍କୁ ହେଲିକପ୍ଟର୍ ଯୋଗେ ଉଦ୍ଧାର କରାଯିବା ଘଟଣା ଆଜି ଏଠାରେ ଚର୍ଚ୍ଚାର ବିଷୟ ହୋଇଛି। ମାଲକାନଗିରି ଓ ଛତିଶଗଡ଼ ପ୍ରଶାସନର ମିଳିତ ଉଦ୍ୟମ ଯୋଗୁଁ ଗୋଟିଏ ଜୀବନ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଛି। ନୂଆ ଜୀବନ ପାଇଥିବା ଶ୍ରମିକଜଣଙ୍କ ହେଲେ, ମାଲକାନଗିରି ଜିଲ୍ଲା କତାମାଟେରୁ ଗ୍ରାମର ଇର୍ମା ସୋଡ଼ି। ସୂଚନାନୁଯାୟୀ, ଇର୍ମା ଛତିଶଗଡ଼ ସୁକୁମା ଜିଲ୍ଲାରେ ଥିବା ଏକ କଦଳୀ ବାଗିଚାରେ କାମ କରନ୍ତି। ଗତ ବିଳମ୍ବିତ ରାତିରେ ଏକ ଦେଶୀ ଡଙ୍ଗାରେ ସେ ସାବେରୀ ନଦୀ ପାର୍ ହୋଇ ଘରକୁ ଫେରୁଥିଲେ। ତେବେ ବର୍ତ୍ତମାନ ନଦୀରେ ଜଳପ୍ରବାହ ଓ ସ୍ରୋତ ଅଧିକ ଥିବାରୁ ଡଙ୍ଗାଟି ଓଲଟି ପଡ଼ିଥିଲା। ଏହା ଦେଖି ଇର୍ମା ନଦୀ ମଝିରେ ଥିବା ଏକ ଗଛ ଡାଳକୁ ଧରି ଜୀବନ ବଞ୍ଚାଇଥିଲେ। କିନ୍ତୁ ନଦୀର ପ୍ରଖର ସ୍ରୋତରୁ ସେ ବାହାରକୁ ଆସି ପାରିନଥିଲେ। ରାତିତମାମ ସେମିତି ମଝି ନଈରେ ଫସି ରହିଥିଲେ। ତେବେ ଆଜି ସକାଳେ କିଛି ଲୋକେ ଇର୍ମାଙ୍କୁ ଦେଖି ପଡ଼ିଆ ଦମକଳବାହିନୀକୁ ଖବର ଦେଇଥିଲେ। ଖବର ପାଇ

**ଡଙ୍ଗା ଓଲଟିବାରୁ ରାତିତମାମ ଫସି ରହିଥିଲେ**



ମାଲକାନଗିରି ବିଧାୟକ ନରସିଂହ ମାଡକାମୀ ଘଟଣାସ୍ଥଳରେ ପହଞ୍ଚି ଏ ସଂପର୍କରେ ଛତିଶଗଡ଼ ପ୍ରଶାସନ ସହ ଆଲୋଚନା କରିଥିଲେ। ନଦୀରେ ପ୍ରଖର ଜଳସ୍ରୋତ ଯୋଗୁଁ ଦମକଳବାହିନୀ ଇର୍ମାଙ୍କୁ ଉଦ୍ଧାର କରିବାରେ ବିଫଳ ହେବାରୁ ଛତିଶଗଡ଼ ସରକାର ହେଲିକ୍ୟାପ୍ଟର୍ ଯୋଗେ ତାଙ୍କୁ ଉଦ୍ଧାର କରିବା ପାଇଁ ଆଗେଇ ଆସିଥିଲେ। ସିଆରପିଏଫ୍‌ର ଏକ ହେଲିକ୍ୟାପ୍ଟର୍ ଇର୍ମାଙ୍କୁ ଉଦ୍ଧାର ଉଦ୍ଧାର କରି ନିରାପଦ ସ୍ଥାନକୁ ଆଣିଥିଲେ। ପରେ ତାଙ୍କୁ ସୁକୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଇର୍ମା ବର୍ତ୍ତମାନ ସୁସ୍ଥ ଥିବା ଜଣାପଡ଼ିଛି।

# ପିକ୍‌ଅପ୍ ଧକ୍କାରେ ଦୁଇ ଭାଇ ମୃତ

ତୁରେକେଲା,୧।୯ (ସମିସ): ବଲାଙ୍ଗିର ଜିଲ୍ଲା ତୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁ ବୁଲାଣି ନିକଟରେ ଆଜି ଏକ ପିକ୍‌ଅପ ଭ୍ୟାନ୍ ଧକ୍କାରେ ଦୁଇଭାଇଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ବେଲପଡ଼ା ଥାନା ଭାଲୁଖାଇ ଗାଁର ରାଜକୁମାର ରାଏ ଓ ତାଙ୍କ ଭାଇ ଦିନେଶ ରାଏ। ତୁରେକେଲା ପୁଲିସ୍ ଶବଦ୍ୱୟକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାନୁସାରେ, ରାଜକୁମାର ଓ ଦିନେଶ ଆଜି ସକାଳେ ତୁରେକେଲାରୁ କଣ୍ଟାବାଞ୍ଜି ଫେରୁଥିବା ବେଳେ ଲର୍କିଗାଁ ବୁଲାଣିରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ବାଇକ୍ ଚାଳକ ରାଜକୁମାରଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ଦିନେଶଙ୍କୁ ଗୁରୁତର ଅବସ୍ଥାରେ ତୁରେକେଲା ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦିନେଶର ମୃତ୍ୟୁ ଘଟିଛି। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ପିକ୍‌ଅପ୍‌ଟି ଫେରାର୍ ହୋଇଯାଇଥିଲା। ପୁଲିସ୍ ଉକ୍ତ ଗାଡ଼ିକୁ ତୁରେକେଲା ଥାନା ସାଲେମୁଡ଼ଗା ଗାଁରୁ ଜବତ କରିବା ସହ ଚାଳକକୁ ଅଟକ ରଖିଛି। ଅପରପେକ୍ଷ, ମୃତକଙ୍କ ପରିବାରକୁ ସରକାରୀ କ୍ଷତିପୂରଣ ଯୋଗାଇଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

### ପାର୍ବଣରେ ସଙ୍ଗୀନ ଶବ୍ଦ ପ୍ରଦୂଷଣ

# ବଡ଼ ସହରରେ କଟକଣା; ବାକି ସବୁଠି ଢିଲା

କଟକ, ୧।୯ (ସମିସ): ଗଣେଶ ପୂଜାଠାରୁ ପାର୍ବଣର ବିଗୁଲ୍ ବାଜିସାରିଛି। ଏବେ ଗଣେଶ ଓ ଖୁଦରକୁଣି ପୂଜା ଶେଷ ହୋଇ ସବୁଠି ଚାଲିଛି ଭସାଣି ଶୋଭାଯାତ୍ରା। ଉଚ୍ଚ ଶବ୍ଦ ଉତ୍ପନ୍ନକାରୀ ଡିଜେ ସାଉଣ୍ଡ ବ୍ୟବହାର ଉପରେ କଟକଣା ଥିଲେ ମଧ୍ୟ ସବୁଠି ଏହାର ଉଲ୍ଲଂଘନ ହେଉଛି। ବିଶେଷକରି, କଟକ-ଭୁବନେଶ୍ୱର ସମେତ ଆଉ କିଛି ବଡ଼ ସହରକୁ ବାଦ୍ ଦେଲେ ସବୁଠି ଡିଜେ କଟକଣା ଢିଲା ଛାଡ଼ି ଦିଆଯାଇଛି। ସହରାଞ୍ଚଳରେ ପୁଲିସର ଏନ୍‌ଫୋର୍ସମେଣ୍ଟ ଭଳି ଗ୍ରାମାଞ୍ଚଳ ପୁଲିସ କରୁନାହିଁ। ଏଣୁ ଶବ୍ଦ ପ୍ରଦୂଷଣ ପାଇଁ ଥିବା କଟକଣା ନାମକୁ ମାତ୍ର ରହିଯାଇଛି। ଆଉ ସବୁ ଦେଖି ଶୁଣି ପୁଲିସ୍ ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ଗାଁ ଗହଳି ସମେତ କେତେକ ଅର୍ଦ୍ଧସହରାଞ୍ଚଳରେ ଶବ୍ଦ ପ୍ରଦୂଷଣ କଟକଣା ଅଘୋଷିତ ଭାବେ କୋହଳ ହୋଇଥିବା କାରଣରୁ ଏବେ ଡିଜେଗୁଡ଼ିକ ଗ୍ରାମାଞ୍ଚଳମୁହାଁ ହୋଇପଡ଼ିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ଉଚ୍ଚ ନ୍ୟାୟାଳୟଙ୍କ ରହିଥିବା ନିର୍ଦ୍ଦେଶନାମାକୁ ସଠିକ ଢଙ୍ଗରେ ପାଳନ କରାଯାଉନାହିଁ। ଏହା ପୁଲିସର ଉତ୍ତରଦାୟିତ୍ୱ ହୋଇଥିଲେ ସୁଦ୍ଧା ଅଭିଯୋଗ ନ ପାଇଲେ ଡିଜେ ସାଉଣ୍ଡକୁ ବନ୍ଦ କରାଯାଉନଥିବା ପରିଲକ୍ଷିତ ହୋଇଛି।

୬୫ ଡେସିବେଲରୁ ଉଚ୍ଚ ଶବ୍ଦ ଉତ୍ପନ୍ନ ଉପରେ ରୋକ୍ ଲଗାଯାଇଛି। ଏପରିକି, ଶବ୍ଦ ପ୍ରଦୂଷଣ ରୋକିବା

**ଗାଁ' ଭସାଣିରେ କମ୍ପୁଛି ଡିଜେ**

ପାଇଁ ଥିବା ପୁଲିସଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କ୍ଷମତା ମଧ୍ୟ ରହିଛି। ଭସାଣି ଶୋଭାଯାତ୍ରାରେ ଯାଉଥିବା ଡିଜେ ଅବା ମ୍ୟୁଜିକ୍ ସିଷ୍ଟମ୍‌ର ସାଉଣ୍ଡ ଲିମିଟର (ଶବ୍ଦ ନିୟନ୍ତ୍ରକ ଯନ୍ତ୍ର) ସଠିକ ଭାବେ ଆମ୍ପ୍ଲିଫାୟାର ସହ ସଂଯୋଗ ହୋଇଛି କି ନାହିଁ, ତାହା ଯାଞ୍ଚ କରିବା କଥା। ନାମକୁ ମାତ୍ର ସାଉଣ୍ଡ ଲିମିଟର୍ ଥିବା ଦେଖାଇ ଧାର୍ଯ୍ୟ ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ହେଉଥିବା ଜଣାପଡ଼ିଛି।

ସେହିପରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ରାତି ୧୦ଟା ପରେ ଡାକବାଜି ଯନ୍ତ୍ର ବ୍ୟବହାର କରି ହେଉଥିବା ଶୋଭାଯାତ୍ରା ଉପରେ କଟକଣା ରହିଛି। ହାଇକୋର୍ଟ ମଧ୍ୟ ଗତ ୨୦୦୮ ମାର୍ଚ୍ଚ ୨୭ରେ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଅତୀତରେ ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଏସପିମାନଙ୍କୁ ମଧ୍ୟ ଚିଠି କରାଯାଇଥିଲା । ବିଶେଷକରି ସାଉଣ୍ଡଲିମିଟର ରଖିଥିଲେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ବ୍ୟାଣ୍ଡପାର୍ଟି ପଞ୍ଜିକୃତ ହେବା କଥା। ଶୋଭାଯାତ୍ରା ପାଇଁ ଅନୁମତି ମିଳିବା ବ୍ୟବସ୍ଥା ରହିଥିଲା। ହେଲେ ଏସବୁ ଏବେ ପ୍ରହସନ ପାଲଟୁଥିବା ଦେଖିବାକୁ ମିଳିଛି। ଶବ୍ଦର ମାତ୍ରା ବା ପରିମାଣ ମାପିବା ପାଇଁ ଶବ୍ଦ ମାପକ ଯନ୍ତ୍ର ମଧ୍ୟ ଅନେକ ଥାନାମାନଙ୍କରେ ନାହିଁ। ସେହିଭଳି ଅନେକ ଥାନାରେ ଏହି ଯନ୍ତ୍ର ଅଚଳ ଅବସ୍ଥାରେ ପଡ଼ି ରହିଛି। ଏପରିକି, ଡିଜେ ଶବ୍ଦ ପାଇଁ କଟକ ଜିଲ୍ଲା ମାହାଙ୍ଗା ଅଞ୍ଚଳରେ ଗତ ଦୁଇ ବର୍ଷ ତଳେ ଜଣେ ଯୁବକଙ୍କ ଅକାଳରେ ଜୀବନ ଚାଲିଯାଇଥିଲା। ଏହିଭଳି ଘଟଣା ରାଜ୍ୟର ଅନ୍ୟ କେତେକ ଜିଲ୍ଲାରେ ଘଟିଥିବା ନେଇ ଅଭିଯୋଗ ମଧ୍ୟ ଆସୁଛି। ଶବ୍ଦ ପ୍ରଦୂଷଣ ନିରବ ଘାତକ ସାଜିଥିବା ନେଇ ଅତୀତରେ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆରସି) ମଧ୍ୟ ଉଦବେଗ ପ୍ରକାଶ କରିଥିବାର ନଜିର ରହିଛି। ଶବ୍ଦ ପ୍ରଦୂଷଣ ପ୍ରସଙ୍ଗରେ ପୁଲିସ ସହ ସମନ୍ୱୟ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନି। ଓଡ଼ିଶା ସହରାଞ୍ଚଳ ପୁଲିସ ଆଇନ ୨୦୦୩ର ଧାରା ୩୨ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର କ୍ଷମତା ପୁଲିସକୁ ଦିଆଯାଇଛି। ସେହିପରି କେନ୍ଦ୍ର ସରକାରଙ୍କ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଓ କଟକଣା ନିୟମ ୨୦୦୦ ଅନୁସାରେ ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ତେବେ ଚଳିତ ପାର୍ବଣରେ ଏହାକୁ କେତେଦୂର କାର୍ଯ୍ୟକାରୀ କରାଯାଇପାରୁଛି ତାହା ଦେଖିବାକୁ ବାକି ରହିଛି।

### ଯାତ୍ରା ମଞ୍ଚରେ ପୁଣି ଅଶ୍ଳୀଳତାକୁ ପ୍ରଶ୍ରୟ

# ମାର୍ଗଦର୍ଶିକା କଥା ଭୁଲିଗଲେ ସରକାର!

ଭୁବନେଶ୍ୱର,୧।୯ (ସମିସ): କିଛି ଦିନ ତଳେ ଜଟଣୀର ଏକ ଯାତ୍ରା ମଞ୍ଚରେ ବିବାଦୀୟ ନୃତ୍ୟଶିଳ୍ପୀ ନିଶା ମହାରଣାଙ୍କୁ ଚେୟାର୍ ମାଡ଼ ହେଲା। ମଞ୍ଚ ଉପରେ ସେ ଅଶ୍ଳୀଳ ନୃତ୍ୟ ପ୍ରଦର୍ଶନ କରୁଥିବା ଅଭିଯୋଗ କରି ଦର୍ଶକ ଗ୍ୟାଲେରିରୁ ଜଣେ ଯୁବକ ତାଙ୍କୁ ଚେୟାର୍ ଫିଙ୍ଗିଲେ। ଏହା ଖାଲି ଗୋଟିଏ ଘଟଣା ନୁହେଁ, ପୂର୍ବରୁ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରୁ ଏପରି ଅନେକ ଚିତ୍ର ସାମ୍ନାକୁ ଆସିଛି। ଯାତ୍ରା ମଞ୍ଚରେ ବଢୁଥିବା ଅଶ୍ଳୀଳତା ଉପରେ ରୋକ୍ ଲଗାଇବା ପାଇଁ ନୂଆ ବିଜେପି ସରକାର ଗତ ଖଣ୍ଡିଗିରି ମେଳା ପୂର୍ବରୁ ଜୋରସୋର୍‌ରେ ଅଣ୍ଟା ଭିଡ଼ିଥିଲେ। ଖୁବ୍‌ଶୀଘ୍ର ଏଥିପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆସିବ ବୋଲି ବିଧାୟକଙ୍କଠାରୁ ଆରମ୍ଭ କରି ସଂସ୍କୃତି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ କହି ବୁଲିଲେ, ଗଣମାଧ୍ୟମରେ ବିବୃତି ରଖିଲେ। ଏହାକୁ ନେଇ ବିଧାନସଭାରେ ବି ପ୍ରଶ୍ନ ଉଠିଲା, ଚର୍ଚ୍ଚା-ଆଲୋଚନା ହେଲା। କିନ୍ତୁ ମାସ ପରେ ମାସ ବିତିଗଲା ସିନା, ମାର୍ଗଦର୍ଶିକା ଆସିପାରିଲା ନାହିଁ। ଏବେ ତା'ର ସୋରଶବ୍ଦ ବି ନାହିଁ। ସତେଯେମିତି ସରକାର ଏହାକୁ ପାସୋରି ଯାଇଛନ୍ତି। ଏବେ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ଯାତ୍ରା ପଡ଼ିବ। ତେଣୁ, ସେଠାରେ ଜଟଣୀ ଭଳି ଯେ ଅପ୍ରୀତିକର ସ୍ଥିତି ସୃଷ୍ଟି ନ ହେବ, ତାହାକୁ ଏଡ଼ାଇ ଦିଆନଯାଇପାରେ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି।

ସୂଚନାନୁଯାୟୀ, ଖଣ୍ଡଗିରି ଯାତ୍ରା ସମୟରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତତ୍ପରତା ପ୍ରକାଶ କରିଥିଲେ। ଯାତ୍ରା ମଞ୍ଚରେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବନି। ଦ୍ୱି-ଅର୍ଥବୋଧକ ଶବ୍ଦର ବ୍ୟବହାର ଉପରେ ମଧ୍ୟ କଟକଣା ଲାଗିବ। ଯାତ୍ରାର ମାନଦଣ୍ଡ ସ୍ଥିର କରାଯିବା ସହ ଯେଉଁମାନେ ଯାତ୍ରା ମାଧ୍ୟମରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ଏପରିକି, ରାଜ୍ୟ ସରକାର ଏହାକୁ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆଣିବେ ବୋଲି ମତ ରଖିଥିଲେ। ସେହିପରି ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଯାତ୍ରା ପାର୍ଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବାକୁ ରାଜ୍ୟ ସରକାର କ'ଣ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଥିଲେ। ମଞ୍ଚରେ ଯେଉଁଭଳି ଅଶ୍ଳୀଳତା ପ୍ରଦର୍ଶନ ହେଉଛି, ତାହା ଉପରେ ରୋକ୍ ଲଗାଇବା ପାଇଁ ତୁରନ୍ତ ଆଇନ ଆଣିବାକୁ ଦାବି କରିଥିଲେ। ବିଧାୟକ ଅକାଶ ଦାସନାୟକ ମଧ୍ୟ ଏନେଇ ମୁହଁ ଖୋଲିଥିଲେ। ଯାତ୍ରାକୁ ଯେଉଁ କିଛି ଜଣ କଳୁଷିତ କରୁଛନ୍ତି, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ ବୋଲି କହିଥିଲେ। ଖାଲି ସେତିକି ନୁହେଁ, ଯାତ୍ରା କମିଟି ମହାସଂଘ ମଧ୍ୟ ଆଗକୁ ଆସିଥିଲା। ଯାତ୍ରା ଅନୁଷ୍ଠାନ ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦାବିରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଭେଟି ଆଲୋଚନା କରିଥିଲା। ସେତେବେଳେ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ଯାତ୍ରାରେ କୌଣସି ପ୍ରକାର ଅପସଂସ୍କୃତିକୁ ପ୍ରଶ୍ରୟ ନ ଦେବା ସହ ସଂସ୍କୃତିର ସୁରକ୍ଷା ଦିଗରେ ଖୁବ୍‌ଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ। କିନ୍ତୁ ଏହା କେବଳ ପ୍ରତିଶ୍ରୁତିରେ ରହିଯାଇଥିବା କୁହାଯାଉଛି।

ଅପରପକ୍ଷେ, ଅଶ୍ଳୀଳତାକୁ ବିରୋଧ କରି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ ପକ୍ଷରୁ ଯାତ୍ରା ମାଲିକ ସଂଘ ସହ ମଧ୍ୟ ଏନେଇ ଆଲୋଚନା ହୋଇଥିଲା। ପୁନର୍ବାର ମଞ୍ଚରେ ଅଶ୍ଳୀତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ମାଲିକ ସଂଘ ମଧ୍ୟ ସ୍ୱୀକାର କରିଥିଲା। କିନ୍ତୁ ଏସବୁ ପରେ ନିକଟ ଅତୀତରେ ଜଟଣୀ ଯାତ୍ରା ମଞ୍ଚରେ ଯାହା ଘଟିଲା, ତାହା ଚିନ୍ତାଜନକ ବୋଲି ଓଡ଼ିଶା ଯାତ୍ରା ସୁରକ୍ଷା ମଞ୍ଚ କହିଛି। ମଞ୍ଚ ଏହାର ବିରୋଧ କରିବା ସହ ଆଗାମୀ ବୈଠକରେ ଏ ବିଷୟରେ ମାଲିକ ସଂଘର ସଭାପତିଙ୍କ ସହ ଆଲୋଚନା କରିବ ବୋଲି କହିଛି। ମଞ୍ଚରେ ଅଶ୍ଳୀଳତା କାହିଁକି ପ୍ରଶ୍ରୟ ଦିଆଗଲା ବୋଲି ପ୍ରଶ୍ନ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

# ଆରମ୍ଭ ହେଲା କଂଗ୍ରେସର 'ସଂଗଠନ ସୃଜନ' ଅଭିଯାନ

■ ୧୪ ସୁଦ୍ଧା ଏଆଇସିସିକୁ ଦିଆଯିବ ଜିଲ୍ଲା ସଭାପତି ତାଲିକା
■ ଆଜି ଓଡ଼ିଶା ଆସୁଛନ୍ତି ଏଆଇସିସିର ୭ ଜଣ ପର୍ଯ୍ୟବେକ୍ଷକ

ଭୁବନେଶ୍ୱର,୧।୯ (ସମିସ): ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି)ର ନିର୍ଦ୍ଦେଶ କ୍ରମେ ଓଡ଼ିଶାରେ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାରେ ରାଜ୍ୟର ସମସ୍ତ ୩୫ ଟି କଂଗ୍ରେସ ସାଂଗଠନିକ ଜିଲ୍ଲା ପାଇଁ ସଭାପତି ଚୟନ କରାଯିବ। ଏଥିପାଇଁ ଏଆଇସିସି ପକ୍ଷରୁ ନିଯୁକ୍ତ ହୋଇଥିବା ୩୫ ଜଣ ପର୍ଯ୍ୟବେକ୍ଷକଙ୍କ ଗସ୍ତ ଆରମ୍ଭ ହୋଇଯାଇଛି। ରବିବାର ରାତିରେ ବାଲେଶ୍ୱର ଓ କେନ୍ଦ୍ରାପଡ଼ା ପାଇଁ ଏଆଇସିସି ପର୍ଯ୍ୟବେକ୍ଷକ ଭାବେ ଯଥାକ୍ରମେ ସାଂସଦ ଶ୍ରେୟାସ ଏମ୍ ପଟେଲ ଓ ଏଆଇସିସି ସମ୍ପାଦକ ଗୋପୀନାଥ ପାଲାନିୟାପନ୍ ଭୁବନେଶ୍ୱରରେ ପହଞ୍ଚି ସମ୍ପୃକ୍ତ ଜିଲ୍ଲା ଗସ୍ତ କରିଥିବା ବେଳେ ସୋମବାର ଦେବଗଡ଼, ଖୋର୍ଦ୍ଧା, ମାଲକାନଗିରି, ମୟୂରଭଞ୍ଜ (ପୂର୍ବ), ନବରଙ୍ଗପୁର, ନୟାଗଡ଼ ଓ ନୂଆପଡ଼ା ପାଇଁ ନଯୁକ୍ତ ପର୍ଯ୍ୟବେକ୍ଷକମାନେ ଓଡ଼ିଶାରେ ପହଞ୍ଚିଛନ୍ତି।

ପର୍ଯ୍ୟବେକ୍ଷକମାନେ ସେମାନଙ୍କ ଆବଣ୍ଟିତ ଜିଲ୍ଲା ଗସ୍ତ କରିଥିବା ବେଳେ ସେଠାରେ ସ୍ଥାନୀୟ କଂଗ୍ରେସ ନେତୃବୃନ୍ଦ ଓ କର୍ମୀଙ୍କ ସହ ଆଲୋଚନା ମଧ୍ୟ ଆରମ୍ଭ କରିଛନ୍ତି। ଏଆଇସିସି ପର୍ଯ୍ୟବେକ୍ଷକମାନଙ୍କ ସହିତ ୩ ଜଣିଆ ପିସିସି ପର୍ଯ୍ୟବେକ୍ଷକମାନେ ମଧ୍ୟ ସେମାନଙ୍କ ସହ ଜିଲ୍ଲା ଗସ୍ତ କରିଛନ୍ତି। ଏହି କମିଟି ଗସ୍ତ ଓ ସଂଗଠନ ସୃଜନ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ପର୍ଯ୍ୟବେକ୍ଷକମାନେ ନିଜ ନିଜ ନିର୍ଦ୍ଧାରିତ ଜିଲ୍ଲାରେ ଅନ୍ୟୂନ ୭ ଦିନ ବିଭିନ୍ନ ବ୍ଲକ୍ ଗସ୍ତରେ ଯାଇ ସେଠାକାର କଂଗ୍ରେସ ନେତୃବୃନ୍ଦ ଓ କର୍ମୀମାନଙ୍କ ସହ ଆଲୋଚନା କରିବେ। ଏହି ସମୟ ମଧ୍ୟରେ ସେମାନେ ୬ ଜଣିଆ ପ୍ରାରମ୍ଭିକ ତାଲିକା ପ୍ରସ୍ତୁତ କରିବେ। ଉକ୍ତ ତାଲିକାରେ ଅନୁସୂଚିତ ଜାତି, ଜନଜାତି, ମହିଳା, ଓବିସି ଓ ସଂଖ୍ୟାଲଘୁ ଆଦି ବର୍ଗର ପ୍ରତିନିଧିତ୍ୱ ଉପରେ ଗୁରୁତ୍ୱ ଦିଆଯିବ। ଉକ୍ତ ତାଲିକାରୁ ଏଆଇସିସି ଜଣଙ୍କ ନାମ ସଭାପତି ଭାବେ ଘୋଷଣା କରିବ। ଏହି ପ୍ରକ୍ରିୟାକୁ ଯଥାସମ୍ଭବ ସ୍ୱଚ୍ଛ ଓ ନିରପେକ୍ଷ କରିବାକୁ ଏଆଇସିସି ତରଫରୁ ପରାମର୍ଶ ଦିଆଯାଇଛି। ଫଳରେ ପ୍ରତି ଜିଲ୍ଲାରେ ଜଣେ ଲେଖାଏଁ ଯୋଗ୍ୟ ତଥା ଦକ୍ଷ ବ୍ୟକ୍ତି ଦଳର ସାଂଗଠନିକ ନେତୃତ୍ୱ ନେବେ ବୋଲି ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୧୪ ତାରିଖରେ ସରିବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ମଙ୍ଗଳବାର ମଧ୍ୟ ୭ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଓଡ଼ିଶା ଆସିବେ ବୋଲି କଂଗ୍ରେସ ପକ୍ଷରୁ ସୂଚନା ଦିଆଯାଇଛି।

## ପଶ୍ଚିମବାଡ଼-କଣ୍ଟାପାଳ ରାସ୍ତା ପ୍ରଶସ୍ତିକରଣ କେବେ

କାଳିପଦା, ୧।୯ (ସମିସ): ପଶ୍ଚିମବାଡ଼ ଭାୟା କଣ୍ଟାପାଳରୁ ବାଲିଆପାଳ କମର୍ଦ୍ଦା ରାସ୍ତାକୁ ସଂଯୋଗ କରୁଥିବା ରାସ୍ତା ଦୀର୍ଘ



ଦିନ ହେବ ପ୍ରଶସ୍ତିକରଣ ହେଉ ନାହିଁ। ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପଶ୍ଚିମବାଡ଼ ଗିରି ଘର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାମ ସରିଛି। ଅବଶିଷ୍ଟ ଦେଢ଼ କିଲୋମିଟର ରାସ୍ତା ନା ପ୍ରଶସ୍ତିକରଣ ନା ମରାମତି କୌଣସି କାମ ହେଉ ନାହିଁ। ସାମାନ୍ୟ ବର୍ଷାରେ ରାସ୍ତା ଯାକ ପାଣି କାଦୁଅ ପଚ ପଚ। ଅଣ ଓସାରିଆ ଏହି ରାସ୍ତାରେ ଦୈନନ୍ଦିନ ଛୋଟ ମୋଟ ଦୁର୍ଘଟଣାମାନ ଘଟୁଛି। ଏହି ରାସ୍ତା ଉପରେ ବାଲିଆପାଳ, ଭୋଗରାଇ, ବାଲିଆପାଳ ଆଦି ବ୍ଲକର ଲୋକ ମାନେ ନିର୍ଭର କରନ୍ତି। ଜଳେଶ୍ୱରରେ ଟ୍ରେନ ଧରିବା ପାଇଁ ଶହ ଶହ ଲୋକ ଏହି ରାସ୍ତା ପାରି କରି ଯାଇଥାନ୍ତି। ସରକାରଙ୍କ ଲକ୍ଷ୍ମୀ ବସ ଜଳେଶ୍ୱରରୁ ପଶ୍ଚିମବାଡ଼ ପର୍ଯ୍ୟନ୍ତ ଆସି ଫେରି ଯାଏ। ଲୋକେ ଏହି ଦେଢ଼ କିଲୋମିଟର ରାସ୍ତା ପାରି ବାଲିଆପାଳ କମର୍ଦ୍ଦା ରୋଡରେ ବସ୍‌କୁ ଧରି ଥାନ୍ତି। ଏହି ଦେଢ଼ କିଲୋମିଟର ରାସ୍ତା ପ୍ରଶସ୍ତୀକରଣ ହେଲେ ଜଳେଶ୍ୱରରୁ ବସ ବାଲିଆପାଳ ଓ ଭୋଗରାଇ ଅଞ୍ଚଳକୁ କମ ସମୟ ଓ କମ ପଇସାରେ ଯା ଆସ କରି ପାରନ୍ତା। ଜଳେଶ୍ୱର ବିଧାୟକ ଓ ବସ୍ତା ବିଧାୟିକା ଏଥିପ୍ରତି ଦୃଷ୍ଟି ଦେବାକୁ ଗଗନ ଜେନା, ସୀତାରାମ ମାଝୀ, ଚୈତନ୍ୟ ମାଝୀ, ମୁକୁନ୍ଦ ମାଝୀ, ଫିନି ଭୂଷଣ ଗିରି, ଲୋଚନ କୁମାର ପାତ୍ର, ଲାବଣ୍ୟ ବେହେରା, ଗଣେଶ୍ୱର ବେହେରା, ବସନ୍ତ ସାହୁ, ସୁଷମା ବାରିକ, ତିଲୋତ୍ତମା ମାଝୀ, ଲବଙ୍ଗଲତା ବର, ସୁରେଶ ଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି।

# ରାଇବଣିଆରେ ଡେଙ୍ଗୁ ଆତଙ୍କ; ଜଣେ ମୃତ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧।୯ (ସମିସ)

ଗତ ୧୦ଦିନ ଧରି ରାଇବଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ ଖୁଦିଆମାଝିସାହି ପଞ୍ଚାୟତର ବେହେରାସାହି ଗାଁରେ ଡେଙ୍ଗୁ ଜ୍ୱର ବ୍ୟାପିଛି। ନିକଟସ୍ଥ ଗାଁ ବୈଦଙ୍କଠାରୁ ଚିକିତ୍ସା ଚାଲିଥିବାବେଳେ ଜଣେ ବାଳିକାର ମୃତ୍ୟୁ ଘଟିଛି। ୪ଜଣ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ଉଚ୍ଚ ଚିକିତ୍ସା ପାଇଁ କଟକ ପଠାଯାଇଛି। ଅନ୍ୟଜଣେ ସୀମାନ୍ତ ପ୍ରାଥମିକ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା କୁହାଯାଇଛି। ଘଟଣା ଜଣାଯିବା ପରେ ଆଜି ବେହେରାସାହି ଗାଁରେ ଏକ ଡାକ୍ତରୀଦଳ ପହଞ୍ଚିଛନ୍ତି। ଗାଁରେ ସଚେତନତା କରାଯାଇଥିବାବେଳେ ୫୦ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି



ପରୀକ୍ଷା ପାଇଁ ପଠାଯାଇଛି। ସମଗ୍ର ଉତ୍ତର ବାଲେଶ୍ୱରରେ ଦୀର୍ଘଦିନ ବର୍ଷା ଓ ବନ୍ୟା ଲାଗି ରହିଥିବାରୁ ବିଭିନ୍ନ ଗ୍ରାମାଂଚଳରେ ଜ୍ୱର ଲାଗି ରହିଛି। ବ୍ୟାପକ ମଶା ଦେଖା ଦେଇଥିବା ବେଳେ କେତେକ ଗାଁରେ ରକ୍ତ ନମୁନାରେ ଡେଙ୍ଗୁ ପରିଲକ୍ଷିତ ହୋଇଛି। କିନ୍ତୁ ଘରେ ରହି ଚିକିତ୍ସା ହେଉଥିଲେ ମଧ୍ୟ କେତେକେ ସୁସ୍ଥ ହେଉଛନ୍ତି। ଅନ୍ୟପକ୍ଷରେ ରାଇବଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନ କେତେକ ଗାଁରେ ଡେଙ୍ଗୁର ପ୍ରାଦୁର୍ଭାବ ବଢିଥିବା ବେଳେ ବେହେରାସାହି ଗାଁରେ ପରିସ୍ଥିତି ଜଟିଳ ହୋଇଛି। ଗାଁରେ ଜଣେ ଆୟୁଷ ଡାକ୍ତର ଓ

- ମୋଟ ଆକ୍ରାନ୍ତ ସଂଖ୍ୟା ୪୫
- ବେହେରାସାହିରେ ଡାକ୍ତରୀ ଦଳ
- ୫୦ଜଣଙ୍କ ରକ୍ତ ନମୁନା ସଂଗୃହୀତ

୨ଜଣ ଗାଁ ବୈଦଙ୍କ ଚିକିତ୍ସାରେ ଅଦ୍ୟାବଧି ଚିକିତ୍ସା ହୋଇ ଆସୁଥିଲା। ଗତ ରବିବାର ତପନ ମାରାଣ୍ଡିଙ୍କ ଝିଅ ଜସ୍ମିନ ମାରାଣ୍ଡି (୨୧)ର ମୃତ୍ୟୁ ପରେ ଗାଁରେ କୋକୁଆ ଭୟ ସୃଷ୍ଟି ହୋଇଛି। ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା. ଭୀଷ୍ମନାରାୟଣ ପରିଡାଙ୍କୁ ପଚାରିବାରୁ ସେଠାରେ ସଧାରାଣୀ ବେହେରା(୩୨), ବସନ୍ତ ବାଗ (୩୨), ସୁଚିତ୍ରା ଦାସ (୪୫), ସୁଶାନ୍ତ ବେହେରା(୬୦) ଚିକିତ୍ସିତ ହୋଇଥିବା ସଂପର୍କରେ କହିଛନ୍ତି। ରକ୍ତ ପରୀକ୍ଷା ପରେ ତାଙ୍କୁ ବାଲେଶ୍ୱର ପଠାଯାଇଥିଲେ ମଧ ବସନ୍ତ ବାଗ ଓ ସୁଶାନ୍ତ ବେହେରାଙ୍କୁ କଟକ ପଠାଯାଇଛି। ଅନ୍ୟଜଣେ ସମ୍ବିତ ବେହେରା ଲକ୍ଷ୍ମଣ ନାଥ ସୀମାନ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାଯାଇଛି। ଫଳରେ ଆଜି ଡାକ୍ତର ପରିଡାଙ୍କ ନେତୃତ୍ୱରେ ଏକ ଚିକିତ୍ସା ଦଳ ଗାଁରେ ପହଂଚି ରକ୍ତ ନମୁନା ଧରି ଫେରିଛନ୍ତି। ପ୍ରାୟ ୫୦ଜଣଙ୍କ ରକ୍ତ ନମୁନା ନିଆଯାଇଥିବା ବେଳେ ସଚେତନ କରାଯାଇଛି।

## ଆନ୍ଦୋଳନ ପରେ ରାସ୍ତା ମରାମତି ଆରମ୍ଭ

ବାଲେଶ୍ୱର, ୧।୯(ସମିସ): ସଦର ବ୍ଲକ ଖାନନଗର ପଞ୍ଚାୟତ ଓ ଗେଙ୍ଗୁଟି



ପଞ୍ଚାୟତରେ ମୁଖ୍ୟ ରାସ୍ତା କୁରୁଡା ଛକରୁ ମଠସାହି ଭାୟା ପଳାସପୁର ଛକ ରାସ୍ତା, ଚଳିତ ବର୍ଷ ମରାମତି ଅଭାବରୁ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ହରିଡା ଗ୍ରାମରେ ଶହୀଦ ଗଙ୍ଗାରାମ ଦାସଙ୍କ ବାସଭବନ ପାଖାପାଖି ବେଶି ଖରାପ ହୋଇ ବର୍ଷାଦିନେ ପୋଖରୀର ଭ୍ରମ ସୃଷ୍ଟି କରୁଥିଲା। ବହୁ ସମୟରେ ଦୁର୍ଘଟଣାର ଘଟିଥିବାର ନଜିର ଅଛି। ରାସ୍ତାଟି ସମ୍ପୂର୍ଣ୍ଣ ରୂପେ ସାଜିଥିଲା ମରଣଯନ୍ତା। ସ୍କୁଲ କଲେଜ ପିଲା, ଶ୍ରମିକ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ଫେରୁଥିଲେ କାଦସରସର ହୋଇ। ବିଭିନ୍ନ ସମୟରେ ବିଭିନ୍ନ ଅନୁଷ୍ଠାନ ବ୍ୟକ୍ତିବିଶେଷ ଏବାବଦରେ ଅଭିଯୋଗ ଆଣିଥିଲେ ବି ବିଭାଗୀୟ ଅଧିକାରୀଙ୍କ କୌଣସି ସହଯୋଗ ମିଳିନଥିଲା। ସ୍ଥାନୀୟ ଅଧିବାସୀଙ୍କୁ ନେଇ ନବଗଠିତ ଆଞ୍ଚଳିକ ସୁରକ୍ଷା ମଞ୍ଚ କଥାଟିକୁ ଗୁରୁତର ସହ ବିଚାର କରି କୁରୁଡା ଛକ ଠାରେ ରାସ୍ତାରୋକ, ବିକ୍ଷୋଭ କରିଥିଲା। ଏହାପରେ ବିଭାଗୀୟ ଅଧିକାରୀ ଲିଖିତ ଭାବରେ କାର୍ଯ୍ୟ କରିବାକୁ ପତ୍ର ପ୍ରଦାନ କରିବା ସହ କାମ ଆରମ୍ଭ କରିଛନ୍ତି।

## ମାଛଧରାଳିଙ୍କ ପାଇଁ ନିରାପତ୍ତା ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଚନ୍ଦନେଶ୍ୱର, ୧।୯ (ସମିସ): ଭୋଗରାଇର କୃଷ୍ଣନଗର ଓ ହାସିମପୁର ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ମାଛ ଧରାଳିଙ୍କ ପାଇଁ ନିରାପତ୍ତା ଓ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାଳସାରୀ ସାମୁଦ୍ରିକ ଥାନା ଓ ମତ୍ସ୍ୟ ବିଭାଗର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପକୂଳ ଅଞ୍ଚଳର ବହୁ ମତ୍ସ୍ୟଜୀବୀ ଅଂଶଗ୍ରହଣ କରିଥିଲେ। ଏ ନେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସାମୁଦ୍ରିକ ଥାନା ଅଧିକାରିଣୀ ଚମ୍ପାବତୀ ସୋରେନ ପୌରୋହିତ୍ୟ କରିଥିଲେ। ବରିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଅନନ୍ତ କୁମାର ଜେନା ଯୋଗଦେଇ ମାଛ ଧରିବାକୁ ଗଲାବେଳେ କୌଣସି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ପ୍ରଶାସନକୁ ସୂଚନା ଦେବାକୁ ପରାମର୍ଶ ଦେଇଥିଲେ। ସମୁଦ୍ରକୁ ଗଲାବେଳେ ଲାଇଫ ଜାକେଟ, ଲାଇଫ ବୟ ଏବଂ ଡାଟ ମେସିନ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଏହାଛଡା ମତ୍ସ୍ୟଜୀବୀ ମାନେ ବୀମାଭୁକ୍ତ ହେବା ସହ ଶୁଖୁଆ, ଡଙ୍ଗା ଆଦି ପାଇଁ ସରକାରୀ ସହାୟତା ସମ୍ପର୍କରେ ସଚେତନ




କରିଥିଲେ। ନେଭି ଅଧିକାରୀ ଗୁଡ଼୍ଡୁ କୁମାର ଯୋଗଦେଇ ସୁରକ୍ଷିତ ଭାବେ ସମୁଦ୍ରକୁ ଯାଇ ଫେରିଆସିବା ଉପରେ ଗୁରୁତ୍ୱ ଦେବା ସହ ବୁଡି ଯାଇ ଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ତାର ପ୍ରାଥମିକ ଚିକିତ୍ସା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏଏସଆଇ ପିଥ ହେମ୍ବ୍ରମ, ନେଭି କର୍ମଚାରୀ ବିଶ୍ୱମ୍ବର ଓଝା, ସାଗର ମିତ୍ର, ସଂଗ୍ରାମ କେଶରୀ ନନ୍ଦୀ, ଶିବାୟନ ସେନାପତି, ସ୍ନେହାଞ୍ଜଳି ଦାସ ପ୍ରମୁଖ ସଚେତନ କରାଇଥିଲେ। ଏହାଛଡା କୃଷ୍ଣନଗରରେ ଇଷ୍ଟକୋଷ୍ଟ ଫିସ ୱାର୍କର୍ସ ୟୁନିଅନର ସଭାପତି ଶଙ୍କର ବେହେରା, ଗୋଛିଦା ତେଘରି ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ କୁମାର କାମିଲା, ହାସିମପୁରରେ ଗଙ୍ଗାମାତା ମତ୍ସ୍ୟଜୀବୀ କମିଟିର ସଭାପତି ସୁରେନ୍ଦ୍ର ନାଥ ଗଙ୍ଗାଇ, ହୁଗୁଳି ସମିତି ସଦସ୍ୟ ଗୋବିନ୍ଦ ଦାସ, ଭାରପ୍ରାପ୍ତ ସରପଞ୍ଚ ବିଭୂତି ପ୍ରଧାନ ପ୍ରମୁଖ ସାମିଲ ଥିଲେ। ଏଥିରେ କୃଷ୍ଣନଗର, ଗମ୍ଭାରିଆ, ବିନ୍ଧାପଦ୍ମପୁର ଆଦି ଗାଁର ଲୋକମାନେ ଯୋଗଦେଇ ଥିଲେ। ସାମୁଦ୍ରିକ ଥାନାର ପୁଲିସ, ସାଗରମିତ୍ର ଓ ସ୍ୱତନ୍ତ୍ର ପୁଲିସ ପରିଚାଳନାରେ ସହଯୋଗ କରିଥିଲେ। ସୂଚନା ଥାଉକି, ସାତ ମିଟରରୁ ଅଧିକ ୧୬୮ ଟି ପଞ୍ଜିକୃତ ହୋଇଥିବା ଯନ୍ତ୍ର ଚାଳିତ ଡଙ୍ଗାକୁ ଆଗାମୀ ଦିନରେ ୩ଟି ଲାଇଫ ଜ୍ୟାକେଟ ଓ ୧ଟି ଲାଇଫ ବୟ ମାଗଣାରେ ଯୋଗାଇ ଦିଆଯିବ ବୋଲି ମତ୍ସ୍ୟ ଅଧିକାରୀ ପ୍ରକାଶ କରିଥିଲେ।

### କାଳବୈଶାଖୀ ଏବଂ କୁଆପଥର ମାଡ଼

## କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ଜଳେଶ୍ୱର/ଜଳେଶ୍ୱର ବ୍ଲକ,୧।୯(ସମିସ): ଚଳିତ ବର୍ଷ ମାର୍ଚ୍ଚ ମାସ ୨୧ ତାରିଖରେ କାଳ ବୈଶାଖୀ ବାତ୍ୟା ଏବଂ କୁଆପଥର ମାଡ଼ ହୋଇ ଜଳେଶ୍ୱର ଅଞ୍ଚଳର ବହୁ ଲୋକଙ୍କ ଘରଦ୍ୱାର ଭାଙ୍ଗିଯାଇଥିଲା। ବ୍ୟାପକ ମାତ୍ରାରେ ବୃକ୍ଷ ଉପୁଡ଼ିବା ଯୋଗୁଁ ଯିବାଆସିବା, ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ



ହୋଇଥିଲା। ଚାଷୀଙ୍କ ପନିପରିବା ଏବଂ ଧାନ ଚାଷ ଉଜୁଡ଼ି ଦେଇଥିଲା କୁଆପଥର। ଖୁଦିଆମାଝିସାହି, ମାକିଡ଼ିଆ, ଓଲମାରା, ଶ୍ରୀରାମପୁର, ଗୋବରଘଟା, ଦକ୍ଷିଣପ୍ରହାରାଜପୁର ଆଦି ପଞ୍ଚାୟତର ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। କ୍ଷତିଗ୍ରସ୍ତ ପନିପରିବା ଚାଷୀଙ୍କ ତଥ୍ୟ ଉଦ୍ୟାନ ବିଭାଗ ଦ୍ୱାରା ଏବଂ ଧାନ ଚାଷୀଙ୍କ ତଥ୍ୟ କୃଷିବିଭାଗ ଦ୍ୱାରା ଗତ ୪ ମାସ ପୂର୍ବରୁ ସଂଗ୍ରହ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଚାଷୀମାନଙ୍କୁ କ୍ଷତିପୂରଣ ମିଳିନାହିଁ। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। କ୍ଷତିଗ୍ରସ୍ତ ପନିପରିବା ଚାଷୀ ଏବଂ ଧାନ ଚାଷୀଙ୍କୁ ଯଥା ଶୀଘ୍ର କ୍ଷତିପୂରଣ ଦେବା ପାଇଁ ଆଜି ଯୁବନେତା ବିପ୍ଳବ ପ୍ରଧାନ, ସଂଗ୍ରାମ ଜେନା, ସଂଜୀବ ଘୋଷ, ଜୋତିର୍ମୟୀ ବାଡର୍, ସୁଶାନ୍ତ ଘୋଷ, ସାଗର କୁମାର ଦାସ ପ୍ରମୁଖ ଜଳେଶ୍ୱର ଅତିରିକ୍ତ ତହସିଲଦାର ନିଧି ବେହେରାଙ୍କୁ ବହୁ ଚାଷୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ଦେଭୋଗ ଏସ୍‌ସି ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା




ବାଲିଆପାଳ, ୧।୯ (ସମିସ): ଏହି ବ୍ଲକ ଦେଭୋଗସ୍ଥିତ ଶ୍ରୀହରି ଚରଣ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପ୍ରସୂନ କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର ମୁଖ୍ୟଅତିଥି, ଓଷ୍ଟା ଜିଲା ସଂପାଦକ ବିଜୟ କୁମାର ପାତ୍ର ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ଓଷ୍ଟା ଜିଲା ସଭାପତି ମନୋରଞ୍ଜନ ଦାସ, ବ୍ଲକ ସଭାପତି ନିରଞ୍ଜନ ପ୍ରଧାନ, ବିନୋଦ କୁମାର ଜେନା, ମୃତ୍ୟୁଞ୍ଜୟ ନାୟକ, ଡମ୍ବରୁଧର ମାଣିକ, ଧନଞ୍ଜୟ ଗିରି, ରବୀନ୍ଦ୍ର ନାୟକ, ଅବସରପ୍ରାପ୍ତ ଶିକ୍ଷକ ମନୋରଞ୍ଜନ ଗିରି, କରୁଣାକର ନାୟକ, ବିଶ୍ୱେଶର ରଣା ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଗୌରୀ ଶଙ୍କର ଦାସ ଅତିଥି ପରିଚୟ ଓ ପୂର୍ବତନ ଛାତ୍ର ନିତାଇ ଚରଣ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ରାଜସ୍ମିତା ଓ ଦିବ୍ୟାଂଶୁ ଚାମ୍ପିଅନ




ରାଜଘାଟ, ୧।୯ (ସମିସ): ଜାତୀୟ କ୍ରୀଡା ଦିବସ ଉପଲକ୍ଷେ ବାଲେଶ୍ୱର ମଲ୍ଟି ପର୍ପୋଜ ଇଣ୍ଡୋର ଷ୍ଟାଡିୟମ ପରିସରରେ ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ସିଙ୍ଗଲ ଓ ଡବଲ୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଅଣ୍ଡର ୯ ଓ ଅଣ୍ଡର ୧୫ ସିଙ୍ଗେଲ ଏବଂ ଡବଲ୍ସ ପ୍ରତିଯୋଗିତାରେ ଅମର୍ଦ୍ଦାରୋଡ ଅଞ୍ଚଳର ଅଣ୍ଡର ୯ ସିଙ୍ଗେଲ ପ୍ରତିଯୋଗିତାରେ ଦିବ୍ୟାଂଶୁ ବେହେରା ଚାମ୍ପିଅନ ଓ ଅଣ୍ଡର ୧୫ ସିଙ୍ଗେଲ ଓ ଡବଲ୍ସ ପ୍ରତିଯୋଗିତାରେ ରାଜସ୍ମିତା ବେହେରା ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିବାରୁ ଅମର୍ଦ୍ଦା ରୋଡ ଅଞ୍ଚଳରେ ଶୁଭେଚ୍ଛାର ସୁଅ ଛୁଟୁଛି। ସମ୍ବର୍ଦ୍ଧିତ ହୋଇ ନିଜର ପ୍ରତିକ୍ରିୟାରେ ରାଜସ୍ମିତା ବେହେରା ଓ ଦିବ୍ୟାଂଶୁ ବେହେରା କୋଚ ନୀଳମାଧବ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଉଭୟଙ୍କୁ ବସ୍ତା ସରକାରୀ ଓକିଲ ପ୍ରଣବ ମିଶ୍ର, ଆଇନଜୀବୀ ଗୌତମ ମହାନ୍ତି, ସାମ୍ବାଦିକ ଶିରିଶ ଚନ୍ଦ୍ର ମହାନ୍ତି, ଜଗତ କୁମାର ଗିରି, ସୀତାକାନ୍ତ ଦାସ, ଅମର୍ଦ୍ଦାରୋଡ ସମବାୟ ସମିତିର ସଭାପତି ଦୀପକ ସାହୁ, ନଟାକଟା ପଞ୍ଚାୟତର ବିଜେପି ପଞ୍ଚାୟତ ସଭାପତି ଅକ୍ଷୟ ସ୍ୱାଇଁ, ସମବାୟ ସମିତିର ପୂର୍ବତନ ସଭାପତି ମଦନ ମୋହନ ପାଳ, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି କୃତଜ୍ଞତା ଜଣାଇଛନ୍ତି। ଅମର୍ଦ୍ଦାରୋଡ ନଟାକଟା ପଞ୍ଚାୟତର ସରୋଜ ବେହେରାଙ୍କ ପୁତ୍ର ଓ କନ୍ୟା ଅଟନ୍ତି।

## ସ୍ୱାୟତ୍ତ ଶାସନ ଦିବସରେ ସମ୍ବର୍ଦ୍ଧନା



ଜଳେଶ୍ୱର, ୧।୯ (ସମିସ): ସହରରେ ବସବାସ କରୁଥିବା ଗରିବ ଶ୍ରେଣୀର ତିନି ପରିବାରର ମୁଖ୍ୟଙ୍କ ମୃତ୍ୟୁ ପରେ ପରିବାରବର୍ଗ ଦୁଃଖ କଷ୍ଟରେ କାଳତିପାତ କରୁଥିଲେ। ସ୍ୱାୟତ୍ତ ଶାସନ ଦିବସ ଅବସରରେ ଜଳେଶ୍ୱରର କେତେକ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ମରଣୋତ୍ତର ଭାବେ ତାଙ୍କ ପରିବାରକୁ ସମ୍ବର୍ଦ୍ଧନା ଓ ପ୍ରୋତ୍ସାହନ ଦିଆଯାଇଛି। ସମାଜସେବୀ ଗୌରହରି ସାହୁ ଓ କାଉନସିଲର ଗୋବିନ୍ଦ ସାହୁଙ୍କ ନେତୃତ୍ୱରେ ୭ନଂ ୱାର୍ଡର ସ୍ୱର୍ଗତ ଗୟାରାମ ପରିଡା, ସ୍ୱର୍ଗତ ରମେଶ ଅଣ୍ଡିଆ, ସ୍ୱର୍ଗତ ଅଶୋକ ଦତ୍ତଙ୍କ ପରିବାର ନିକଟରେ ପହଞ୍ଚିଥିଲେ। ପ୍ରାକ୍ତନ ପ୍ରଧାନ ଶିକ୍ଷକ ବନବିହାରୀ ପ୍ରଧାନ, ଆଇନଜୀବୀ ତୁଷାର ମହାନ୍ତି, କେଦାର ପାହାଡି, ସପନ ପରିଡା, ମୀର ଜାଭେଦ, ଏସ କେ ସୁଲତାନ, ଇର୍ସାଦ ଖାନ, ଏସ କେ ଗୁଫରାନ ଅଲ୍ଲି, ଏସ କେ ଗଫର, ଲାଳନ ସାହା, ମୀର ମତଲବ, ଇଦ୍‌ବାର ଖାନ, ମୀର ନବିଜୁଦ୍ଦିନ୍, ଏସ କେ ଅବତାର, ଏସ କେ ଆକବର, ଏସ କେ ରହିମ୍ ଅଲି, ମୋହିତ ସାହା, ଏସ୍‌କେ ସୟଦ୍ ପ୍ରମୁଖ ଉପସ୍ଥିତ ହୋଇ ମରଣୋତ୍ତର ପରିବାରକୁ ସମ୍ମାନିତ କରିଥିଲେ।

## ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗୃହୀତ

ନୀଳଗିରି, ୧।୯ (ସମିସ): ନୀଳଗିରି ନିକଟ ସୋମନାଥପୁରସ୍ଥିତ ଇଣ୍ଡିଆନ୍ ଅଏଲ ଡିପୋ ପ୍ରତିଷ୍ଠା ଦିବସ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଟ୍ୟାଙ୍କ୍ ଲୋରି ୱାର୍କର୍ସ ୟୁନିଅନର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ରକ୍ତଦାତା ସଂଘର ଉପଦେଷ୍ଟା ରବି ରାଉତ ରକ୍ତଦାନର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ। ଉକ୍ତ ଶିବିରରୁ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଶିବିରକୁ ନୀଳଗିରି ରକ୍ତକେନ୍ଦ୍ରର ଟେକ୍ନିସିଆନ୍ ସରୋଜ ପଣ୍ଡା, ରାଜେଶ ବେହେରା, ସଂଗ୍ରାମ ମହାପାତ୍ର, ରାଜେନ୍ଦ୍ର ବେହେରା, ମଞ୍ଜରୀ ବେହେରା ଓ ଡ. ରୋଜାଲିନ ଦାସଙ୍କ ସହିତ ରକ୍ତଦାତା ସଂଘ ର ବରିଷ୍ଠ ସଭ୍ୟ ପ୍ରଭାକର ବେହେରା ସହଯୋଗ କରିଥିଲେ।

## ସମୂହ ସଫେଇ ଅଭିଯାନ

ଜଳେଶ୍ୱର,୧।୯ (ସମିସ): ବାଜପେୟୀ ୱେଲଫେୟାର ଟ୍ରଷ୍ଟ ଓ ଜଳେଶ୍ୱର ପୌରପରିଷଦଙ୍କ ମିଳିତ ସହଯୋଗରେ ଜଳେଶ୍ୱର ସହର ଭିତରେ ସମୂହ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜଳେଶ୍ୱର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଏମ.ଆଇ.ଏସ ବ୍ରଜଗୋପାଳ ମହାପାତ୍ର, ଟ୍ରଷ୍ଟ ସମ୍ପାଦକ ରବୀନ୍ଦ୍ର କୁମାର ପାତ୍ର, ଗୋଷ୍ଠୀ ସଂଯୋଜିକା ଜ୍ୟୋତ୍ସ୍ନାରାଣୀ ପତି, ମନୋରଞ୍ଜନ ପରିଡ଼ା, ୱାର୍ଡ



କାଉନସିଲର ଶେଖ ସୈୟଫୁଦିନ, ସୁରୋଜ ଚଉରାସିୟା, ଚନ୍ଦନ ଦାସ ଓ ମହିଳା ସଙ୍ଘ ସହାୟିକା ଗୋଷ୍ଠୀ ଓ ପୌର ପରିଷଦର କର୍ମଚାରୀ ଉପସ୍ଥିତ ଥିଲେ।

## ମାର୍କୋଣା ଷ୍ଟେସନରେ ଧଉଳି ଏକ୍ସପ୍ରେସ ରହଣିକୁ ସ୍ୱାଗତ

ସିମୁଳିଆ, ୧।୯ (ସମିସ): ଆଜକୁ ପାଞ୍ଚବର୍ଷ ହେବ ୨୦୨୦ ମସିହା କୋଭିଡ଼ (୧୯)ଠାରୁ ମାର୍କୋଣା ଷ୍ଟେସନରେ ହାୱଡ଼ା-ପୁରୀ ଧଉଳି ଏକ୍ସପ୍ରେସ ରହଣି ବନ୍ଦ ହୋଇଯାଇଥିଲା। ଉକ୍ତ ଟ୍ରେନ୍ ରହଣି ପାଇଁ ଜନପ୍ରତିନିଧି ଏବଂ ଜନସାଧାରଣ ବାରମ୍ବାର ଦାବି କରିଆସୁଥିଲେ। ରେଳମନ୍ତ୍ରୀ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ଆଜି ହାୱଡ଼ା-ପୁରୀ ଧଉଳି ଏକ୍ସପ୍ରେସ ପୁରୀ ଅଭିମୁଖେ ଯାଉଥିବା ବେଳେ ଦିବା ୧ ଘଟିକା ୪୦ରେ ରହଣୀ କରିଥିଲା। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା. ଓ ଭଦ୍ରକ ଲୋକସଭା ପ୍ରାର୍ଥୀ ଅଭିମନ୍ୟୁ ସେଠୀଙ୍କ ସହିତ ଚେୟାରମ୍ୟାନ ବାବାଜୀ ମଲ୍ଲିକ, ଯୁବ ନେତା ଡ଼. ଅଣୁମାଧବ ପଣ୍ଡା. ନୀଳମାଧବ ପଣ୍ଡା, ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ମଣ୍ଡଳ ସଭାପତି ଅବିନାଶ ବେହେରା. ସମିତି ସଭ୍ୟ ସୂର୍ଯ୍ୟକାନ୍ତ ମହାପାତ୍ର, ସରପଞ୍ଚ ଦୀପକ ଖିଲାର, ଲକ୍ଷ୍ମୀନାରାୟଣ ବଳ ପ୍ରମୁଖ ଉପସ୍ଥିତ ଥିଲେ।

# ମେଗା ପାନୀୟ ଜଳପ୍ରକଳ୍ପ ନିର୍ମାଣ ଅଧାପନ୍ତରିଆ

ଚନ୍ଦନେଶ୍ୱର, ୧।୯ (ସମିସ)

ସରକାର ମେଗା ପାନୀୟ ଜଳ ପ୍ରକଳ୍ପ ଜରିଆରେ ପ୍ରତ୍ୟେକ ପରିବାରକୁ ବିଶୁଦ୍ଧ ଜଳ ଯୋଗାଇ ଦେବା ପାଇଁ ହଜାର ହଜାର କୋଟି ଟଙ୍କା ମଞ୍ଜୁର କରିଛନ୍ତି । କୋଟି କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରତ୍ୟେକ ପଞ୍ଚାୟତ ପାଇଁ ମେଗା ପ୍ରକଳ୍ପ ଓଭର ହେଡ଼ ପାଣି ଟାଙ୍କି ନିର୍ମାଣ କରି ଲୋକମାନଙ୍କୁ ବିଶୁଦ୍ଧ ପାଣି ଯୋଗାଇବା ସହିତ ବର୍ଷା ହେଉ ଅବା ଝଡ଼ ହେଉ ଦିନେ ବା ଦୁଇ ଦିନ ବିଦ୍ୟୁତ ସରବରାହ ବନ୍ଦ ହେଲେ ମଧ କିପରି ସୁରଖୁରରେ ବିଶୁଦ୍ଧ ପିଇବା ପାଣି ପାଇବେ ସେଇଥିପାଇଁ ବିଭିନ୍ନ ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ କରିଛନ୍ତି। କିନ୍ତୁ ଏହାର ନିର୍ମାଣ କାର୍ଯ୍ୟ ପ୍ରାୟ ଦୀର୍ଘ ଚାରି ବର୍ଷରୁ ଅଧିକ ହେବ କାର୍ଯ୍ୟ ଆରମ୍ଭ ହୋଇ ଏବେ ଅଧାପନ୍ତରିଆ ହୋଇପଡିଛି। ଠିକାଦାରଙ୍କ ଏଭଳି ମନମୁଖୀ ନିର୍ମାଣ କାର୍ଯ୍ୟକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି । ବିଶେଷ କରି କାନ୍ଥଭଉଁରୀ, ଶ୍ରଦ୍ଧାପୁର, ନାରାୟଣ ମହାନ୍ତି ପଡିଆ ଓ ଗୋଛିଦାତେଘରି ଆଦି ପଞ୍ଚାୟତ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ



ଗାଁ ଭିତରକୁ ଲୁଣି ପାଣି ମାଡି ଆସିଥାଏ । ବିଗତ ଦିନରେ ସାମୁଦ୍ରିକ ବାତ୍ୟା ଫାଇଲିନ, ହୁଡହୁଡ ଓ ୟାସ ସମୟରେ ଲୁଣି ପାଣି ମାଡି ଆସିବା ଫଳରେ ଏ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ଉତ୍କଟ ରୂପ ନେଉଛି। ପଞ୍ଚାୟତ ତରଫରୁ ଯୋଗାଇ ଦିଆଯାଉଥିବା ପିଇବା ପାଣି ସବୁ ଜାଗାକୁ ଯାଇ ପାରୁନାହିଁ । ଯାହା ଦ୍ୱାରା ପିଇବା ପାଣି ସମସ୍ୟା ସବୁବେଳେ ଲାଗି ରହିଥିବାରୁ ଲୋକମାନେ ପାଣି ଟିକେ ପାଇଁ ଡହଳ ବିକଳ ହେଉଥିବାର ଦେଖିବାକୁ ମିଳେ। ସାଧାରଣ ନଳକୂପରୁ ଦୂଷିତ ପାଣିକୁ ବାଧ ହୋଇ ପିଇବା ପାଣି ରୂପେ ବ୍ୟବହାର କରୁଛନ୍ତି । ଏବେ ଭୋଗରାଇରେ ଝାଡା ବାନ୍ତି ରୋଗ ବ୍ୟାପୁଥିବାବେଳେ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଛି। ତୁରନ୍ତ ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ବିଶୁଦ୍ଧ ପାନୀୟ ଜଳ ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

**ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ନେଇ ଅସନ୍ତୋଷ**

**ବିଶୁଦ୍ଧ ପାନୀୟ ଜଳ ପଞ୍ଚାୟତବାସୀଙ୍କ ସ୍ୱପ୍ନ**



## ପିସିପୁର ଜୋନ୍‌ସ୍ତରୀୟ ଖେଳକୁଦ ପ୍ରତିଯୋଗିତା



**ବାରିପଦା, ୧।୯ (ସମିସ):** ବାରିପଦା ପୌରପରିଷଦ ଅନ୍ତର୍ଗତ ୧୫ ନଂ. ୱାର୍ଡର ପୂର୍ଣ୍ଣଚନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ପିସିପୁର ଜୋନସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାରିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିମନ୍ୟୁ ସେଠୀଙ୍କ ଦିଗଦର୍ଶନରେ ବାରିପଦା ବ୍ଲକକୁ ୪ଟି ଜୋନରେ ବିଭକ୍ତ କରାଯାଇଥିବାବେଳେ ପିସିପୁର ଜୋନରେ ୧୦ଟି ସରକାରୀ ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ନେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ସୋମନାଥ ସିଂହ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ଉପଲକ୍ଷେ ୧୪ ଓ ୧୭ ବର୍ଷରୁ କମ ବାଳକ ଓ ବାଳିକା ଉଭୟ ବର୍ଗର କବାଡି, ଖୋ-ଖୋ ଏବଂ ଫୁଟବଲ ପ୍ରତିଯୋଗିତା ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଶ୍ରେଷ୍ଠ ଖେଳାଳିଙ୍କୁ ଚୟନ କରାଯାଇ ଉଭୟ ବିଭାଗର ମୋଟ ୯ଟି ଦଳ ଆସନ୍ତା ୨ଦିନ ଧରି ଏମଟିକେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକସ୍ତରୀୟ ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। କ୍ରୀଡା ଶିକ୍ଷକ ପ୍ରଦୀପ ମହାନ୍ତ, ସରୋଜ ରାମ, ଅଭିଷେକ ବେହେରା, ମନୋଜ ରାମ, ପ୍ରଶାନ୍ତ ଦଣ୍ଡପାଟ, ଧରିତ୍ରୀ ମହାନ୍ତ, ସୁପ୍ରଭା ପାତ୍ର, କାପୁରା ସୋରେନ, ଇପ୍ସିତା ମଲ୍ଲିକ ଓ ମମତା ଦାସ ଖେଳ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୌମ୍ୟ ଦାଶ ସମସ୍ତ କୃତୀ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଥିଲେ।

### ଏନ୍‌ଆର୍‌ଏଚ୍‌ଏମ୍‌ର ହାଉସ୍ କିପିଙ୍ଗ ଓ କ୍ଲିନିଂ ଟେଣ୍ଡର ଫିକ୍ସିଂ ମାମଲା

# ଅଭିଯୋଗ ପରେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ହସ୍ତକ୍ଷେପ

**ବାରିପଦା, ୧।୯ (ସମିସ)**

ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (ଏନଆରଏଚଏମର) ବିଭାଗର ହାଉସ କିପିଙ୍ଗ ଓ କ୍ଲିନିଂ ଟେଣ୍ଡର ଫିକ୍ସିଂ ହୋଇଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଭୁବନେଶ୍ୱରର 'ପ୍ରତ୍ୟୁଷ' ନାମକ ଏକ ସ୍ୱେଚ୍ଛାସେବୀ ସଂଗଠନକୁ ଯୋଜନା ମୁତାବକ ଟେଣ୍ଡର ପ୍ରଦାନ କରାଯାଇଥିବା ନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିକଟରେ ଅନ୍ୟ ସଂସ୍ଥା ଅଭିଯୋଗ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ମୟୂରଭଞ୍ଜ ଜିଲ୍ଲାର ଏନଆରଏଚଏମର ବିଭାଗର ନିର୍ମଳ ଯୋଜନାରେ ହାଉସ କିପିଙ୍ଗ ଓ କ୍ଲିନିଂ ପାଇଁ ଗତ ଅପ୍ରେଲ ୧୭ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡରରେ ୬ଟି ସଂସ୍ଥା ଅଂଶ ଗ୍ରହଣ କରିଥିବା ବେଳେ ଅଗଷ୍ଟ ୨୬ ତାରିଖରେ ଟେଣ୍ଡର ଖୋଲାଯାଇ 'ପ୍ରତ୍ୟୁଷ' ସଂସ୍ଥାକୁ ଟେଣ୍ଡର ପ୍ରଦାନ କରାଯାଇଥିଲା। ତେବେ ଟେଣ୍ଡରରୁ ବାଦ ପଡ଼ିଥିବା ଅଭିରାମ କେୟାର ଟେକିଂ ଏକ୍ସପୋର୍ଟ ସର୍ଭିସ, ଶେଫାର୍ଡ୍, ସୁମିତ ସିକ୍ୟୁରିଟି ସର୍ଭିସ, ହେରାଲଡ୍ ମେନପାୱାର, ଭାରତ ସିକ୍ୟୁରିଟି ସର୍ଭିସ ମାସିକ କୋଟେଡ୍ ଦର ୧, ୩୩, ୯୨, ୬୮୮.୪୮ ଟଙ୍କା ଟେଣ୍ଡରରେ ଉଲ୍ଲେଖ କରିଥିବା ବେଳେ ଟେଣ୍ଡର ପାଇଥିବା ପ୍ରତ୍ୟୁଷ ସଂସ୍ଥା ୧, ୩୩, ୯୨, ୬୮୮.୪୯ ଟଙ୍କା ଉଲ୍ଲେଖ କରିଥିଲା। ସେହିପରି ପ୍ରତ୍ୟୁଷ ୧୮୬୦ ଧାରାରେ ରେଜିଷ୍ଟର ହୋଇଥିବା ଏକ ଏନଜିଓ ସଂସ୍ଥା। ଏହି ସଂସ୍ଥା କୌଣସି ଲାଭଜନକ କାର୍ଯ୍ୟ କରିବାର ଅର୍ଥ ଉପରୋକ୍ତ ଧାରାର ସେକ୍ସନ ୨୦କୁ ଉଲ୍ଲଂଘନ କରୁଛି ବୋଲି ଆଇଜିଆର ଓଡ଼ିଶାଙ୍କ ଜନସୂଚନା ଅଧିକାରୀ ମଗାଯାଇଥିବା ସୂଚନା ଅଧିକାରର ଉତ୍ତରରେ ଉଲ୍ଲେଖ କରିଛନ୍ତି। ସେହିପରି ଟେଣ୍ଡରରୁ ବାଦ ପଡ଼ିଥିବା ଅନ୍ୟ ସଂସ୍ଥା ଏହି ଟେଣ୍ଡରରେ ଅନିୟମିତତା ହୋଇଥିବା ନେଇ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଚେୟାରମ୍ୟାନ ତଥା ଜିଲ୍ଲା ପରିଷଦ ସଭାପତିଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର ଚେୟାରମ୍ୟାନ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟକୁ ପଠାଇଥିଲେ। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ ଅତ୍ୟନ୍ତ ଜରୁରୀ ବୋଲି କହିବା ସହ ଏ ନେଇ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଫାଇନାଲ ୱାର୍କଅଡର ପ୍ରଦାନ କରାଯିବା ପୂର୍ବରୁ ଘଟଣାର ବିଧିବଦ୍ଧ ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିକଟରେ ଅଭିଯୋଗକାରୀ ଫେରାଦ ହୋଇଛନ୍ତି। ଟେଣ୍ଡର ଟିମ୍ ଯାଞ୍ଚ କରିବା ପରେ ଚୟନ କରାଯାଇଛି। ତେବେ ଅଭିଯୋଗ ଅନୁସାରେ ସେ ପୁନର୍ବାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି। ଏହି ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଟେଣ୍ଡର ଅନିୟମିତତା ନେଇ ହୋଇଥିବା ଅଭିଯୋଗକୁ ଖଣ୍ଡନ କରି ଜିଲ୍ଲା ଚିକିତ୍ସାଧିକାରୀ ଡା. କିଶୋର ଆଚାର୍ଯ୍ୟ। ଟେଣ୍ଡର ପ୍ରକ୍ରିୟାରେ କୌଣସି ଅନିୟମିତତା ହୋଇନାହିଁ ବୋଲି ସେ କହିଛନ୍ତି। ତେବେ ଏହି ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ଜଳ ଜଳ ଦେଖାଯାଉଛି। ଏଥିରେ ଟେଣ୍ଡର ପାଇଥିବା ସଂସ୍ଥା ପ୍ରତ୍ୟୁଷ ପ୍ରତି କର୍ତ୍ତୃପକ୍ଷ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଟେଣ୍ଡର ପ୍ରଦାନ କରାଯାଇଛି। ଏପରିକି ୧୫ଦିନ ମଧ୍ୟରେ ଚୁକ୍ତି କରି କାର୍ଯ୍ୟ ଆରମ୍ଭ କରିବାକୁ ଚିଠିରେ ଉଲ୍ଲେଖ କରିଥିବା ନିନ୍ଦନୀୟ ଘଟଣା ବୋଲି ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି।

**ଅଧିକ ବିଡିଙ୍ଗ ଦେଇଥିବା ସଂସ୍ଥାକୁ ଚୟନ ହୋଇଥିବା ନେଇ ପ୍ରଶ୍ନ**

### ନୂତନ ଓ ସ୍ୱତନ୍ତ୍ର ବ୍ଲକ୍ ଗଠନ ଦାବି

## ଜିଲ୍ଲାପାଳଙ୍କୁ ଭେଟିଲେ ପ୍ରତିନିଧି ଦଳ

**ବାରିପଦା, ୧।୯ (ସମିସ):** ବଡ଼ସାହି ବ୍ଲକକୁ ବିଭାଜନ କରି ନୂତନ ଓ ସ୍ୱତନ୍ତ୍ର ବ୍ଲକର ମାନ୍ୟତା ପାଇଁ ଜିଲ୍ଲାପାଳଙ୍କ ନିକଟରେ ବାରିପଦା ବିଧାୟକ ପ୍ରକାଶ ସୋରେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଦାବି ଉପସ୍ଥାପନ କରିଛନ୍ତି। ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ୧୧ଟି ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ ଗଠନ ପାଇଁ ଦାବି ରଖିଛନ୍ତି। ସୂଚନାଯୋଗ୍ୟ, ଜିଲାର ବୃହତ୍ ବ୍ଲକ ଭାବେ ବଡ଼ସାହି ବ୍ଲକ ରହିଛି। ୩୦ଟି ପଞ୍ଚାୟତକୁ ନେଇ ଗଠିତ ବ୍ଲକଟି ଶିମିଳିପାଳ ପାଦଦେଶରୁ ଆରମ୍ଭ ହୋଇ ବାଲେଶ୍ୱର ସୀମା ପର୍ଯ୍ୟନ୍ତ ରହିଛି। ଗତ ୧୯୬୧ ମସିହାରେ ସ୍ଥାପିତ ହୋଇଥିବା ବ୍ଲକରେ ୨୨୪ଟି ରାଜସ୍ୱ ଗ୍ରାମ ରହିଥିବା ବେଳେ ଜନସଂଖ୍ୟା ୩ଲକ୍ଷ ପାର ହୋଇଛି। ୩୫ ହଜାର ୩୪୧ହେକ୍ଟର ପରିସୀମା ମଧ୍ୟରେ ଥିବା ବ୍ଲକର ଜନସାଧାରଣ ସାଧାରଣତଃ ଚାଷ ଓ ଦିନ ମଜୁରିଆ ଭାବେ ନିର୍ଭର କରିଥାନ୍ତି। ଏହି ବ୍ଲକ ମଧ୍ୟରେ ଥିବା ଗୁଡିଆଲବନ୍ଧ, ଉଠାଣୀନୂଆଗାଁ, ସାନକେରକୋ, ଟଙ୍ଗାଶୋଳ, ଯଦୁନାଥପୁର, ପୂର୍ଣ୍ଣଚନ୍ଦ୍ରପୁର, ନାଉପାଳ, ଖାନୁଆ, ଜାରକାଣୀ, ବିରେଶ୍ୱରପୁର ଓ ପ୍ରତାପପୁର ପଞ୍ଚାୟତର ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଥାନା, ବ୍ଲକ ଓ ତହସିଲ କାର୍ଯ୍ୟାଳୟରୁ ସରକାରୀ ସୁବିଧା ପାଇବା ପାଇଁ ୩୦କିମି ଦୂର ବଡ଼ସାହି ମୁଖ୍ୟାଳୟକୁ ଯିବାଆସିବା କରିଥାନ୍ତି। ଏପରିକି ବ୍ଲକରେ କର୍ମଚାରୀ ଅଭାବ ଯୋଗୁଁ ୧୧ଟି ପଞ୍ଚାୟତର ୬୭ଟି ରାଜସ୍ୱ ଗ୍ରାମର ୫୦ହଜାରରୁ ଊର୍ଦ୍ଧ୍ୱ ଲୋକେ ବାରମ୍ବାର କାର୍ଯ୍ୟାଳୟକୁ ଯାଇ ନିରାଶ ହେବା



ସହିତ ଖର୍ଚ୍ଚାନ୍ତର ଶିକାର ହେଉଛନ୍ତି। ଯାହା ଫଳରେ ଅନେକ ଆଦିବାସୀ ଅପାଠୁଆ ଲୋକେ ବିଭିନ୍ନ ସରକାରୀ ଯୋଜନା ପାଇବାରୁ ବଞ୍ଚିତ ହେଉଥିବା ବେଳେ ଅନେକ ମୌଳିକ ସୁବିଧା ପାଇପାରୁ ନାହାନ୍ତି। ଏହାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ସାନକେରକୋଠାରେ ଏକ ନୂତନ ବ୍ଲକ ଗଠନ କରିବା ପାଇଁ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ବିଭାଗୀୟ ପଦକ୍ଷେପ ନିଆଯାଇନାହିଁ। ଏପରିକି ୨୦୧୮ ମସିହାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତତ୍କାଳୀନ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଅଞ୍ଚଳବାସୀ ବଡ଼ସାହି ବ୍ଲକକୁ ବିଭାଜନ କରି ସାନକେରକୋକୁ ଏକ ନୂତନ ବ୍ଲକ ମାନ୍ୟତା ପାଇଁ ଏକ ଦାବିପତ୍ର ଦେଇଥିଲେ; ହେଲେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଲୋକଙ୍କ ସମସ୍ୟାର ସମାଧାନ କରାଯାଇନାହିଁ। ଏହିସବୁ ପଞ୍ଚାୟତରେ ଆଦିବାସୀ ଜନଜାତି ଓ ଜାତି ସମ୍ପ୍ରଦାୟର ଲୋକେ ବସାବାସ କରୁଥିବା ବେଳେ ଅଧିକାଂଶ ଲୋକଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ସେମାନେ ବଡ଼ସାହି ମୁଖ୍ୟାଳୟକୁ ଯିବାଆସିବା କରିବାରେ ଅସମର୍ଥ ସାଜିଛନ୍ତି। ସେହିପରି ଶିମିଳିପାଳ ସଂଲଗ୍ନ ପଞ୍ଚାୟତ ଗୁଡିକରେ ଉନ୍ନୟନ ମୂଳକ କାର୍ଯ୍ୟ ସଠିକ ଭାବେ ହୋଇପାରୁ ନ ଥିବାରୁ ଅଞ୍ଚଳବାସୀ ବିକାଶଠାରୁ ଦୂରରେ ରହିଛନ୍ତି। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ନୂତନ ବ୍ଲକ କାର୍ଯ୍ୟାଳୟ ସ୍ଥାପନ କରିବାକୁ ଉପରୋକ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଦାବି କରିଛନ୍ତି।

### ବିଚ୍ଛିନ୍ନାଞ୍ଚଳରେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ

## ଅକ୍ଟୋବର ୩୦ରୁ ଓଡ଼ିଆ ଶ୍ରୀମଦ୍ ଭାଗବତ ପାଠ

**ବାରିପଦା, ୧।୯ (ସମିସ):** ବିଚ୍ଛିନ୍ନାଞ୍ଚଳ ପଶ୍ଚିମ ସିଂହଭୂମ ଜିଲ୍ଲାର ଚକ୍ରଧରପୁରରେ ଓଡ଼ିଆ ଭାଷା, ସାହିତ୍ୟ ଓ ଅସ୍ମିତାର ଅନ୍ୟତମ ପ୍ରମୁଖ ବିଦ୍ଧାଣି ମହାପୁରୁଷ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୟନ୍ତୀ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥିରୂପେ ଝାଡ଼ଖଣ୍ଡ ଅଳ୍ପସଂଖ୍ୟକ ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ସମାଜସେବୀ ଅଶୋକ ପ୍ରଧାନ, ବିଶିଷ୍ଟ ଅତିଥି ସମାଜସେବୀ ଭଗବତୀ ଚରଣ ଦିକ୍ଷିତ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡକ୍ଟର ନାଗେଶ୍ୱର ପ୍ରଧାନ ଯୋଗଦେଇ ଅତିବଡ଼ି ଜଗନ୍ନାଥ ଦାଶଙ୍କ ଜୀବନୀ ବିଷୟରେ ଆଲୋକପାତ କରିଥିଲେ। ସମାଜସେବୀ ପୂର୍ବତନ ମୁଖିଆ ସଜ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅକ୍ଟୋବର ୩୦ରୁ ନଭେମ୍ବର ୫ ଯାଏ ଓଡ଼ିଆ ଶ୍ରୀମଦ ଭାଗବତ ପାଠ ଚକ୍ରଧରପୁର ପୋଡାହାଟ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ପ୍ରବଚକ ପଣ୍ଡିତ ଜିତୁ ଦାଶ ଯୋଗଦେଇ ଶ୍ରୀମଦ ଭାଗବତ ଓଡ଼ିଆ ପ୍ରବଚନ ଦେବେ। ଏହି



ଅବସରରେ ଶ୍ରୀମଦ ଭାଗବତ ଓଡ଼ିଆ ପ୍ରବଚନ କାର୍ଯ୍ୟକ୍ରମର ଏକ ସଞ୍ଚାଳନ ସମିତି ଗଠନ କରାଯାଇଛି। ନିର୍ଦ୍ଦେଶକ ମଣ୍ଡଳୀରେ ଭଗବତୀ ଚରଣ ଦିକ୍ଷିତ, ଅଶୋକ ଷଡ଼ଙ୍ଗୀ, ଅଶୋକ ପ୍ରଧାନ, ଜଗଦୀଶ ନାୟକ, ଜୟଜଗନ୍ନାଥ ପ୍ରଧାନ, ଭବାନୀ ମିଶ୍ର, ବନମାଳୀ ପ୍ରଧାନ, ଡାକ୍ତର ଅନିଲ ପ୍ରଧାନ, କେଦାର ପ୍ରଧାନ, ସରୋଜ ପ୍ରଧାନ, ଭୁବନେଶ୍ୱର ମୁଣ୍ଡାରି, ଜିତମୋହନ ମହାତୋ, ପବନ ଶଙ୍କର ପାଣ୍ଡି, ଅଜୟ ଲାଲ, ଚିନ୍ତାମଣି ପ୍ରଧାନ, ଦିଲ୍ଲୀପ ପ୍ରଧାନ, ଦିଲିପ ମହାତୋ, ଈଶ୍ୱରଚନ୍ଦ୍ର ଚକ୍ରବର୍ତ୍ତୀଙ୍କୁ ରଖାଯାଇଛି। ସେହିପରି ସଭାପତି ଡକ୍ଟର ନାଗେଶ୍ୱର ପ୍ରଧାନ, ଉପସଭାପତି କାମାକ୍ଷା ପ୍ରସାଦ ସାହୁ, ସମ୍ପାଦକ ଜୟ କୁମାର ସିଂହଦେବ, ଯୁଗ୍ମ ସମ୍ପାଦକ ଗୋପାଳ ପ୍ରଧାନ, କୋଷାଧ୍ୟକ୍ଷ ଭଗବତୀ ପ୍ରଧାନ ଓ ସତ୍ୟପ୍ରକାଶ କରଙ୍କୁ ସର୍ବସମ୍ମତି ଭାବେ ମନୋନୀତ କରାଯାଇଛି। ଏହା ବ୍ୟତୀତ ୫୧ ଜଣ କାର୍ଯ୍ୟକାରୀ ସଦସ୍ୟଙ୍କୁ ମଧ୍ୟ ମନୋନୀତ କରାଯାଇଛି।

### ପୌର ପରିଷଦ ପକ୍ଷରୁ ମେଗା ରକ୍ତଦାନ ଶିବିର

## ରେକର୍ଡ ସଂଖ୍ୟକ ୬୫୦ ୟୁନିଟ୍ ରକ୍ତ ସଂଗ୍ରହ

**ବାରିପଦା, ୧।୯ (ସମିସ):** ବାରିପଦା ପୌରପାଳିକା ପକ୍ଷରୁ ତିନି ଦିନିଆ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ପାଳନ ଅବସରରେ ସୋମବାର ଏକ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା ଓ ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ରେକର୍ଡ ସଂଖ୍ୟକ ୬୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଛି; ଯାହାକି ଗତ ୪ବର୍ଷ ମଧ୍ୟରେ ରେକର୍ଡ କରିଛି। ବହୁ ସଂଖ୍ୟକ ମହିଳା ସ୍ୱେଚ୍ଛାକୃତ ରକ୍ତଦାନ କରିଛନ୍ତି। ବାରିପଦା ଉପ ଜିଲ୍ଲାପାଳ ଡ଼ଃ ଦୟାସିନ୍ଧୁ ପରିଡ଼ା, ବାରିପଦା ତହସିଲଦାର ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସପନ କୁମାର ସାହୁ, ୱାଟକୋ ସାଧାରଣ ପରିଚାଳକ ଗୁଲଶନ ସାହୁ, ଉପ ନଗରପାଳ ସୀମା ଦାସ, କାଉନସିଲର ଦିଗବିଜୟ ହାଁସଦା, ପୂଜା ତରେଇ, ଶିବଶଙ୍କର ପାତ୍ର ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିବା ନିମନ୍ତେ ନିଜେ ରକ୍ତଦାନ କରିଛନ୍ତି। ଏଥିସହିତ ସ୍ୱେଚ୍ଛାକୃତ ଭାବେ ପରିବାରର ସ୍ୱାମୀ ଅମିତ ମହାପାତ୍ର ଓ ସ୍ତ୍ରୀ ରୀତ ମହାନ୍ତି ଏବଂ ମା' ମଧୁସ୍ମିତା ନାୟକ ଓ ଝିଅ ଆଦ୍ୟାଶା ନାୟକ ମଧ୍ୟ ରକ୍ତଦାନ କରିଛନ୍ତି। ପୌରାଞ୍ଚଳର ୨୮ଟି ୱାର୍ଡର ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ। ରେଡକ୍ରସ ପକ୍ଷରୁ ଅମର ସେଠୀ, ବାରିପଦା ରକ୍ତ ଭଣ୍ଡାରର ଡା ସୌମ୍ୟରଞ୍ଜନ ନାୟକ, ଡା ନିଲେଶ ଦାସ, ଡା ଭାଗ୍ୟଶ୍ରୀ ନାୟକ ଏବଂ ଉଦଳା ରକ୍ତ ଭଣ୍ଡାରର ଡା ଖଗେଶ୍ୱର ସିଂ ଓ ଅନ୍ୟାନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ଡିଭାଇନ ଇଞ୍ଜିନିୟରିଂ କଲେଜ, ସାରଦା ଦେବି ନର୍ସିଂ କଲେଜ, ଏମପିକେ ନର୍ସିଂ କଲେଜ, ସାଇ ଆଦର୍ଶ କଲେଜ, ବିଜୁ ପଟ୍ଟନାୟକ ନର୍ସିଂ କଲେଜ, ଲିଜେଣ୍ଡ ଅଟୋ ମେଟିକ, ପୌର କର୍ମଚାରୀ, ବିଭିନ୍ନ ୱାର୍ଡର ଯୁବକ, ଯୁବତୀ, ମହିଳା, ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନର ସଦସ୍ୟମାନେ ମଧ୍ୟ ରକ୍ତଦାନ କରିଥିଲେ। ଏହି ଅବସରରେ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ ଯେ, ନୂତନ ପରିଷଦ ଗଠନ ହେବା ପରେ ସ୍ୱାୟତ୍ତ ଶାସନ ଦିବସ ରକ୍ତଦାନ ଶିବିରରେ ୨୦୨୨ରେ ୩୨୩ ୟୁନିଟ, ୨୦୨୩ରେ ୪୦୭ ୟୁନିଟ, ୨୦୨୪ରେ ୪୬୩ ୟୁନିଟ ସଂଗୃହୀତ ହୋଇଥିଲା। ଚଳିତ ବର୍ଷ ସର୍ବାଧିକ ୬୫୦ ୟୁନିଟ ରକ୍ତ ସଂଗ୍ରହ ହୋଇଛି ବୋଲି ଶ୍ରୀ ମହାନ୍ତି କହିଛନ୍ତି।



### ରୋଷେୟା, ଜଗୁଆଳି ନିଯୁକ୍ତିରେ ତଞ୍ଚକତା ଅଭିଯୋଗ

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଏସ୍‌ଏଚ୍‌ଜି ମହିଳା

**ବାରିପଦା, ୧।୯ (ସମିସ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ତଞ୍ଚକତା କରି ରୋଷେୟା, ଜଗୁଆଳି ଆଦି ନିଯୁକ୍ତି ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିର ସ୍ୱୟଂସହାୟକ ଗୋଷ୍ଠୀ ମହିଳା ମିଶନ ଶକ୍ତି ସଭାପତି ଓ ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟକଳାପକୁ ବିରୋଧ କରି ଜିଲ୍ଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ଏଥିରେ ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିର ମିଶନ ଶକ୍ତି ବିପିସି, ବିପିଏମ, ବିଏଲଇ, ସଭାପତି ଓ ସମ୍ପାଦକଙ୍କ ସମ୍ପୃକ୍ତ ଥିବାବେଳେ ତୁରନ୍ତ ବହିଷ୍କାର ଦାବି ହୋଇଛି। ମହିଳାଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ପାଇଁ ମିଶନ ଶକ୍ତି ଯୋଜନା ତତ୍କାଳୀନ ବିଜେଡ଼ି ସରକାର ସମୟରେ କାର୍ଯ୍ୟକାରୀ କରାଯାଇଛି। କିନ୍ତୁ ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିର ମିଶନ ଶକ୍ତି କର୍ମୀ ତଞ୍ଚକତା କରି ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିରେ ଥିବା କୌଣସି ଗ୍ରାମ ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନ ଜଣାଇ ନିଜର ସମ୍ପର୍କୀୟଙ୍କୁ ଚୟନ କରି ନିଯୁକ୍ତି ଦେଇଛନ୍ତି। ଗତ ୨୯.୪.୨୦୨୫ରେ ଚିଠି ନମ୍ବର ୧୯୩/ଓଏଭିଏସଏସ/୨୦୨୪ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାନଶୋଳ ତରଫରୁ ମୁଖ୍ୟ ରୋଷେୟା, ସହଯୋଗୀ ରୋଷେୟା ଓ ରାତ୍ରି ଜଗୁଆଳି ନିଯୁକ୍ତି ନିମନ୍ତେ ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତିରେ ମିଶନ ଶକ୍ତି ବିଏଲଏଫକୁ ଚିଠି ହୋଇଥିଲା। ଏ ନେଇ କୌଣସି ଗ୍ରାମପଞ୍ଚାୟତର ଏସଏଚଜି ମହିଳାଙ୍କୁ ନ ଜଣାଇ କିମ୍ବା କୋଣସି ବୈଠକ ନ କରି ଲୁଚାଛପାରେ ଆତ୍ମୀୟଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିସହିତ ଯେଉଁମାନଙ୍କୁ ନିଯୁକ୍ତି ଦିଆଯାଇଛି, ସେମାନଙ୍କ ଆବେଦନ ଫର୍ମରେ ଅନେକ ତ୍ରୁଟି ରହିଛି ବୋଲି ଅଭିଯୋଗ ହୋଇଛି। ଆବେଦନ ଫର୍ମକୁ ସମ୍ପୂର୍ଣ୍ଣ ଭାବରେ ପୂରଣ କରି ନାହାନ୍ତି, ଶିକ୍ଷାଗତ ଯୋଗ୍ୟତା ସବୁ ନକଲ ଦିଆଯାଇନାହିଁ, ଅଭିଜ୍ଞତା ପ୍ରମାଣ ପତ୍ର ନାହିଁ, ଶିକ୍ଷାଗତ ଯୋଗ୍ୟତା ବିନା ରାତ୍ରି ଜଗୁଆଳି ନିଯୁକ୍ତି ହୋଇଛି ବୋଲି ଅଭିଯୋଗ କରିଛନ୍ତି। ତେଣୁକରି ଉକ୍ତ ଚୟନ ପ୍ରକ୍ରିୟାକୁ ଯଥାଶୀଘ୍ର ରଦ୍ଦ କରିବାକୁ ନିବେଦନ କରିଛନ୍ତି। ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା କୋଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ତେଣୁ ଆଗାମୀ ଏକ ମାସ ମଧ୍ୟରେ ସମାଧାନ ନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ୟାମାଖୁଣ୍ଟା ପଞ୍ଚାୟତ ସମିତି ଅଧୀନରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଚେତାବନୀ ଦେଇଛନ୍ତି।




SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/07 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (01.08.2025 କଟ୍ ଅଫ୍) |
|---|---|---|
| ସହକାରୀ ତଥ୍ୟ ସୁରକ୍ଷା ଅଧିକାରୀ | 1 | 45 |

**ବିଜ୍ଞାପନ ସଂ. CRPD/SCO/2025-26/09 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ ସଂଖ୍ୟା | ସର୍ବାଧିକ ବୟସ (31.05.2025 କଟ୍ ଅଫ୍) |
|---|---|---|---|
| ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 40 |
| ଡେପୁଟି ମ୍ୟାନେଜର (ବେତନ ପ୍ୟାକେଜ୍ ଉତ୍ପାଦ) | ଏମଏମଜିଏସ୍ II | 2 | 35 |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

- ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 25.08.2025 ରୁ 15.09.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 25.08.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


### ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା କନ୍‌ଭେନ୍‌ସନ୍

# ଗୁରୁ ଦିବସରୁ ଆନ୍ଦୋଳନ ଚେତାବନୀ



**ବାରିପଦା, ୧।୯ (ସମିସ):** ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଜିଲ୍ଲା କନଭେନସନ ଓଷ୍ଟାର ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଲତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କନଭେନସନ ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ମୟୂରଭଞ୍ଜ ଶାଖାର ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟଙ୍କ ନେତୃତ୍ୱରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ୫ଦଫା ଦାବି ନେଇ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡିକ ମଧ୍ୟରେ ଦୀର୍ଘ ବର୍ଷ ଧରି ବିନା ଦରମାରେ ଶିକ୍ଷାଦାନ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ଅନୁଦାନ ପ୍ରଦାନ, ଦୀର୍ଘ ବର୍ଷ ଧରି କାର୍ଯ୍ୟ କରିଥିବା ଓ କରୁଥିବା ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀ ମାନଙ୍କୁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ପେନସନ ପ୍ରଦାନ, ଚାକିରି ବୟସ ସୀମା ୬୦ ରୁ ୬୨ବର୍ଷକୁ ବୃଦ୍ଧି ସହିତ ସମସ୍ତ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜ ରେ ନୂତନ ନିଯୁକ୍ତି, ଗ୍ରେଡପେରେ ଅସଙ୍ଗତି ଦୂର ସହିତ ଚୁକ୍ତି ଭିତ୍ତିକ ଶିକ୍ଷକ ଭାବରେ କାର୍ଯ୍ୟରେ ଯୋଗଦାନ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ୬ଟି ନୋସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ସମସ୍ତ ଅନୁଦାନ ପ୍ରାପ୍ତ ଓ ନୂତନ ଅନୁଦାନ ପ୍ରାପ୍ତ ସ୍କୁଲ ଓ କଲେଜକୁ ସରକାରୀ କରଣ ଆଦି ସାମିଲ ଅଟେ। ଦାବି ପୂରଣ ନହେଲେ ଆସନ୍ତା ଗୁରୁ ଦିବସ ଠାରୁ ଭୁବନେଶ୍ୱରରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ ଓଷ୍ଟା ସଂଘର ରାଜ୍ୟ ଉପ ସଭାପତି ଜ୍ଞାନ ରଞ୍ଜନ ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ଗୋପି ବଲ୍ଲଭ ଭୂୟାଁ, ମୟୂରଭଞ୍ଜ - ୨ର ଓଷ୍ଟା ସଭାପତି ଦୁର୍ଯ୍ୟୋଧନ ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁବଳ ଦାସ ମହାପାତ୍ର, ଅଲ୍ ଓଷ୍ଟାର ଜିଲ୍ଲା ସଭାପତି ପ୍ରଦୀପ କୁମାର ନାୟକ, ସମ୍ପାଦକ ଅଞ୍ଜନ କୁମାର ଜେନା, ସଂସ୍କୃତ ଟୋଲର ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ମହନ୍ତ, ଓଷ୍ଟାର ପୂର୍ବତନ ସଭାପତି ସନ୍ତୋଷ କୁମାର କାସ୍ତଙ୍କ ସମେତ ସମସ୍ତ ଜିଲ୍ଲା, ବ୍ଲକ ପଦାଧିକାରୀ, ଶିକ୍ଷକଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଅଂଶ ଗ୍ରହଣ କରିଥିଲେ।

## ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବଡ଼ସାହି, ୩୧।୮ (ସମିସ):** ବଡ଼ସାହି ଥାନା ଅଧୀନ ଦୁର୍ଗାପୁର ପଞ୍ଚାୟତ କୁଲକୋଠା ଗ୍ରାମର ପ୍ରତାପ ସିଂ (୫୦) ବୁଢାବଳଙ୍ଗ ନଦୀରେ ଭାସି ଯାଇଥିଲେ। ଦମକଳ ବାହିନୀ ରବିବାର ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳିନଥିଲା। ମାତ୍ର ସୋମବାର ନଦୀରୁ ତାଙ୍କର ମୃତଦେହ ଉଦ୍ଧାର ହୋଇଛି।


Institute of Medical Science and Research
IMSR ESTD. 2020
Affiliated by : Odisha University of Health Science
Approved by : ONMRC, DMET &Department of Health & Family Welfare Govt. of Odisha



Announcing Admission for
B.Sc. Nursing
ANM • GNM
Contact : 9178 69 8272 / 7381 45 9965 / 7978 01 7254
Kalidaspur, Near Utkal Vani, Opposite of Hotel Chandravaga
Balasore-756 003, Odisha
Email : imsrodisha@gmail.com, Visit : www.imsr.co.in

# ସମ୍ପାଦକୀୟ



ଯେତେବେଳେ ଜଣେ ବ୍ୟକ୍ତି ତା' ଈପ୍‌ସିତ ଜୀବନ ଜିଇଁବାର ଅଧିକାରରୁ ବଞ୍ଚିତ ହୁଏ ସେତେବେଳେ ସେ ନୀତି ବିରୋଧୀ ହୋଇଯାଏ।
-ନେଲ୍‌ସନ୍ ମାଣ୍ଡେଲା

ସକାଳ
THE SAKALA

## ସମ୍ପର୍କ ସୁଧୁରୁଛି

ବିଶ୍ୱ କୂଟନୈତିକ ଦୃଶ୍ୟପଟରେ ପରିଲକ୍ଷିତ ପରିବର୍ତ୍ତନ ଭାରତ ଓ କାନାଡ଼ା ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା ସକାଶେ ସୁଯୋଗ ସୃଷ୍ଟି କରିଛି। ଖାଲିସ୍ତାନ ଆନ୍ଦୋଳନକୁ ନେତୃତ୍ୱ ଦେଇଥିବା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣାରେ ଭାରତର ପ୍ରତ୍ୟକ୍ଷ ସମ୍ପର୍କ ଥିବା ଅଭିଯୋଗ କରି ତତ୍କାଳୀନ ପ୍ରଧାନମନ୍ତ୍ରୀ ଟ୍ରୁଡୋ ଦ୍ୱିପାକ୍ଷିକ ସମ୍ପର୍କରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଏପରିକି ଦୁଇନେତା ନିଜ ନିଜର ଦୂତାବାସ ଅଧିକାରୀଙ୍କୁ ମଧ୍ୟ ପ୍ରତ୍ୟାହାର କରିଥିଲେ। କାନାଡ଼ା ସରକାରରେ ଶିଖଙ୍କ ନୂତନ ଗଣତାନ୍ତ୍ରିକ ଦଳର ସମର୍ଥନ ଅନିବାର୍ଯ୍ୟ ହୋଇପଡ଼ିଥିବାରୁ ଜଷ୍ଟିନ ଟ୍ରୁଡୋ ଚାପରେ ଥିଲେ। ଦ୍ୱିପାକ୍ଷିକ ସମ୍ପର୍କ ବିଗିଡ଼ିଯିବା. ପଛରେ ଏହା ହିଁ ଥିଲା ମୁଖ୍ୟ କାରଣ।

ଜଷ୍ଟିନ ଟ୍ରୁଡୋଙ୍କ ପରେ ପରେ ମାର୍କ କର୍ଣ୍ଣେ ଏବେ କାନାଡ଼ାର ପ୍ରଧାନମନ୍ତ୍ରୀ। ଉଭୟ ଅବଶ୍ୟ ଲିବରାଲ ପାର୍ଟିର ନେତା। କଞ୍ଜରଭେଟିଭ୍ ପାର୍ଟିର ପରାଜୟ ଟ୍ରମ୍ପଙ୍କ ପ୍ରାଧାନ୍ୟ ଓ ପତିଆରା ପ୍ରଦର୍ଶନରେ ବାଧକ ସାଜିଛି। କାନାଡ଼ା ମଧ୍ୟ ଅନ୍ୟ ରାଷ୍ଟ୍ରଭଳି ଆମେରିକା ରପ୍ତାନି ଶୁଳ୍କ ବୃଦ୍ଧି ନିଷ୍ପତ୍ତିର ସମ୍ମୁଖୀନ ହୋଇଛି। ତେବେ ନିର୍ବାଚନ ପୂର୍ବରୁ ଟ୍ରମ୍ପଙ୍କ ନୀତି ନିକଟରେ ଆତ୍ମସମର୍ପଣ ନ କରି କାନାଡ଼ା ନିଜର ସାର୍ବଭୌମତ୍ୱ ଅତୁଟ ରଖିବ ଘୋଷଣା କରିଥିଲେ କାର୍ଣ୍ଣେ। ଲୋକପ୍ରିୟତାରେ ପଛରେ ପଡ଼ିଥିବା ତାଙ୍କ ଦଳ ନିର୍ବାଚନରେ ଏହି ପ୍ରସଙ୍ଗଭିତ୍ତିରେ ସଫଳତା ହାସଲ କରିଥିଲା। ତେବେ ଆଜିର ପରିବର୍ତ୍ତିତ ବିଶ୍ୱ ଭୂରାଜନୀତିର ସମ୍ବେଦନଶୀଳତା ଦୃଷ୍ଟିରୁ ଭାରତ- କାନାଡ଼ା ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ସକାଶେ ଉଭୟ ଦେଶ ସକାରାତ୍ମକ ପଦକ୍ଷେପ ଗ୍ରହଣ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

ଦୀର୍ଘ ଦଶମାସ ଧରି ଶୂନ୍ୟ ପଡ଼ିଥିବା ଦୂତାବାସର ଉଚ୍ଚାୟୁକ୍ତ ପଦ ପୂରଣ କରିଛନ୍ତି ଦୁଇଦେଶ। ବରିଷ୍ଠ କୂଟନୀତିଜ୍ଞ ଦୀନେଶ କୁମାର ପଟ୍ଟନାୟକ କାନାଡ଼ାରେ ଏବଂ ଖ୍ରୀଷ୍ଟୋଫର କୁଟ୍ଟର ଭାରତରେ ଉଚ୍ଚାୟୁକ୍ତ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୯୦ରୁ ଭାରତୀୟ ବିଦେଶ ସେବାର ଅଧିକାରୀ ଦୀନେଶ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସିଛନ୍ତି। ଏହା ପୂର୍ବରୁ ସେ ସ୍ପେନରେ ଭାରତର ରାଷ୍ଟ୍ରଦୂତ ଥିଲେ। ଏହି ପ୍ରେକ୍ଷାପଟରେ କାନାଡ଼ାର ବୈଦେଶିକ ମନ୍ତ୍ରୀ ଅନିତା ଆନନ୍ଦ କହିଛନ୍ତି ଯେ ଦୁଇ ଦେଶର ନାଗରିକଙ୍କ ମଧ୍ୟରେ ସମ୍ପର୍କ ପ୍ରତିଷ୍ଠା ଓ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ସୁଦୃଢ଼ କରିବାରେ ଏହି ନୂତନ ନିଯୁକ୍ତି ସହାୟକ ହେବ। ଏଠାରେ ସୂଚନାଯୋଗ୍ୟ କି ମାର୍କ କର୍ଣ୍ଣେ ପ୍ରଧାନମନ୍ତ୍ରୀ ନିର୍ବାଚିତ ହେବା ପରେ ପରେ ଭାରତୀୟ ପ୍ରତିପକ୍ଷ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଶୁଭେଚ୍ଛା ପ୍ରଦାନକୁ ନେଇ ଯେଉଁ ବାର୍ତ୍ତାଳାପ ହୋଇଥିଲା ସେଥିରୁ ମନେ ହେଉଥିଲା ଦୁଇ ଦେଶ ମଧ୍ୟରେ ଖୁବ୍ଶୀଘ୍ର ସମ୍ପର୍କର ଭିତ୍ତିଭୂମି ସୁଦୃଢ଼ ହେବାକୁ ଯାଉଛି।

ସମଗ୍ର ବିଶ୍ୱରେ ଆମେରିକାର ଅତିରିକ୍ତ ଶୁଳ୍କ ନେଇ ଯେଉଁ ବିବାଦୀୟ ପରିସ୍ଥିତି ସୃଷ୍ଟି କରିଛି ସେଥିରେ ପାରସ୍ପରିକ ବୁଝାମଣା ଓ କୂଟନୈତିକ ସମ୍ପର୍କ ସୁଧାରିବା ସକାଶେ ଶତ୍ରୁ-ମିତ୍ର କ୍ରମେ ନୂଆ ନୂଆ ମଞ୍ଚରେ ଏକତ୍ର ହେଉଛନ୍ତି। କାନାଡ଼ା-ଭାରତ ମଧ୍ୟରେ ପରିବର୍ତ୍ତିତ ସମ୍ପର୍କକୁ ସେ ଦୃଷ୍ଟିରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇପାରେ।

## ବାୟୁ ପ୍ରଦୂଷଣ ବିପତ୍ତି

ସମଗ୍ର ବିଶ୍ୱରେ ସବୁଠାରୁ ଅଧିକ ପ୍ରଦୂଷିତ ଅଞ୍ଚଳ ଉତ୍ତରଭାରତ। ମୋଟ ଜନସଂଖ୍ୟାରେ ୩୮.୯ ପ୍ରତିଶତ ଅର୍ଥାତ୍ ପ୍ରାୟ ୫୪ କୋଟି ଏହି ଅଞ୍ଚଳରେ ବସବାସ କରନ୍ତି। ବାୟୁ ପ୍ରଦୂଷଣ ଜନିତ ବିଭିନ୍ନ ରୋଗରେ ଏହି ଅଞ୍ଚଳର ଲୋକେ ଯେତେ ପୀଡ଼ିତ, ସେହି ଅନୁସାରେ ଆୟୁ ସୀମା ମଧ୍ୟ ହ୍ରାସ ପାଇଛି। ଜାତୀୟ ରାଜଧାନୀ ଅଞ୍ଚଳ ଦିଲ୍ଲୀରେ ପରିସ୍ଥିତି ସବୁଠାରୁ ଉଦ୍‌ବେଗଜନକ। ଫଳରେ ଦିଲ୍ଲୀରେ ଅଧିବାସୀଙ୍କ ଆୟୁ ସୀମା ହାରାହାରି ୮.୨ ବର୍ଷ ହ୍ରାସ ପାଉଛି। ବିହାରରେ ୫-୬ ବର୍ଷ, ହରିଆନାରେ ୫.୩ ବର୍ଷ ଓ ଉତ୍ତର ପ୍ରଦେଶରେ ହାରାହାରି ଆୟୁ ସୀମା ୫ ବର୍ଷ ହ୍ରାସ ପାଇଛି। ୨୦୨୩ରେ ଚିକାଗୋ ବିଶ୍ୱବିଦ୍ୟାଳୟ ବାୟୁ ପ୍ରଦୂଷଣ ଉପରେ କରିଥିବା ସମୀକ୍ଷା ରିପୋର୍ଟରୁ ଏହା ଜଣାପଡ଼ିଛି। ଶିଶୁ ଓ ଗର୍ଭବତୀଙ୍କ ଅପୁଷ୍ଟଜନିତ ସ୍ୱାସ୍ଥ୍ୟଗତ ସମସ୍ୟାଠାରୁ ଏହି ବାୟୁ ପ୍ରଦୂଷଣ ଜନିତ କ୍ଷତି ପ୍ରାୟ ଦୁଇଗୁଣ ଅଧିକ। ସେହିଭଳି ଦୂଷିତ ପାନୀୟ ଜଳ, ଦୂଷିତ ପରିବେଶ ଓ ହାତ ଧୋଇବା ବର୍ଜିତ କ୍ଷତିଠାରୁ ଏହା ୫ ଗୁଣ ଅଧିକ। ଦିଲ୍ଲୀରେ ବାୟୁ ପ୍ରଦୂଷଣକୁ ଏକ ନିୟନ୍ତ୍ରଣ ସ୍ତରକୁ ଆଣିବା ସକାଶେ ଏକାଧିକ ପରୀକ୍ଷା ନିରୀକ୍ଷା କରାଯାଇ ଥିଲେ ମଧ୍ୟ ପରିବେଶ ଅପରିବର୍ତ୍ତିତ ରହିଛି। ଦେଶର ପ୍ରମୁଖ ନୀତିନିର୍ଦ୍ଧାରକ, ସର୍ବୋଚ୍ଚ ଅଦାଲତଠାରୁ ସବୁ ଉଚ୍ଚବର୍ଗର ଲୋକଙ୍କ ଆସ୍ଥାନ ଏଠାରେ ଥିଲେ ମଧ୍ୟ ଏହି ଗୁରୁତର ପରିସ୍ଥିତି ପ୍ରତି କାହାର ନିଘା ଥିଲା ଭଳି ମନେ ହେଉନାହିଁ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବାୟୁର ମାନକ ନିର୍ଦ୍ଧାରଣ କରାଯାଇଛି। ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ମାନକ ୫ ୟୁଜି/ଏମ୍ଣ୍ୟୁ୩ ରହିବା କଥା, କିନ୍ତୁ ଦିଲ୍ଲୀରେ ତାହା ପିଏମ ୨.୫ରେ ପହଞ୍ଚିଛି। ଏହି ପରିବେଶର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି ସାଧାରଣ ଜନତା। କାରଣ ଶଯ୍ୟାଶାୟୀ ନହେବା ପର୍ଯ୍ୟନ୍ତ ଏହି ପ୍ରତିକୂଳ ପରିବେଶରେ ଭୋଗୁଥିବା ରୋଗର ଚିକିତ୍ସା ପାଇଁ. ସେମାନେ ଗୁରୁତ୍ୱ ଦେଇନଥା'ନ୍ତି। ଚିକାଗୋ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାନ ରିପୋର୍ଟ ଅନୁଯାୟୀ, ୨୦୨୨ ତୁଳନାରେ ୨୦୨୩ର ପ୍ରଦୂଷଣ ବଢ଼ିଛି। ନିର୍ଦ୍ଧାରିତ ଜାତୀୟ ବାୟୁମାନକଠାରୁ ଊର୍ଦ୍ଧ୍ୱରେ ଥିବା ଅଞ୍ଚଳରେ ଦେଶର ୪୬ ପ୍ରତିଶତ ଲୋକ ବସବାସ କରୁଛନ୍ତି। ସେମାନଙ୍କ ଆୟୁସୀମା ହାରାହାରି ଦେଢ଼ ବର୍ଷ ହ୍ରାସ ପାଇଛି। ଜୀବନ ପ୍ରତି ଅପେକ୍ଷାକୃତ କମ୍ ହାନିକାରକ ପ୍ରସଙ୍ଗକୁ ସରକାର ଗୁରୁତ୍ୱ ଦେଇଆସିଥିବା ବେଳେ ଏହା ଯେ ଆଗକୁ ଗୁରୁତର ସମସ୍ୟା ସୃଷ୍ଟି କରିବ ସେଥିପ୍ରତି ଏହି ରିପୋର୍ଟ ଧ୍ୟାନ ଆକର୍ଷଣ କରୁଛି। ବାୟୁପ୍ରଦୂଷଣ ଏତେ ଗୁରୁତର ସମସ୍ୟା ସୃଷ୍ଟି କରୁଥିଲେ ମଧ୍ୟ ଶିଳ୍ପାୟନ ଅନିୟନ୍ତ୍ରିତ ଯାନବାହାନ ଚଳାଚଳ, ଘନ ଜଙ୍ଗଲ ବିନିମୟରେ ଖଣି ଖାଦାନ ପାଇଁ ସୁଯୋଗ ସୃଷ୍ଟି କରିବା ଭଳି ପ୍ରତିକୂଳ ପରିବେଶ ପ୍ରତି ଧ୍ୟାନ ଦିଆଯାଇ ପାରୁନି। ତେଣୁ ପରିବେଶରେ ସନ୍ତୁଳନ ରକ୍ଷା କରି ବାୟୁପ୍ରଦୂଷଣକୁ କିଭଳି ନିୟନ୍ତ୍ରଣକୁ ଅଣାଯାଇପାରିବ ସେଥିପ୍ରତି ଅଗ୍ରାଧିକାର ଭିତ୍ତିରେ ଦୃଷ୍ଟି ଦେବାର ଜରୁରୀ ଆବଶ୍ୟକତା ରହିଛି।

# ରାଷ୍ଟ୍ରନିର୍ମାଣରେ ଜନଜାତି ଜ୍ଞାନ-ବିଜ୍ଞାନର ଉପଯୋଗିତା

**ଡ.ଅନ୍ତର୍ଜିତା ନାୟକ**

ଭାରତର ବିଶାଳ ବିବିଧ ପରିଦୃଶ୍ୟରେ ଜନଜାତି ସମ୍ପ୍ରଦାୟ ଯୁଗ ଯୁଗ ଧରି ଜଙ୍ଗଲ, ପାହାଡ଼, ନଦୀ ଏବଂ ଜୈବ ବିବିଧତାର ରକ୍ଷକ ଭାବରେ ପରିଚିତ। ସେମାନଙ୍କର ଜୀବନ ଓ ଜୀବିକା ଶିଳ୍ପ କିମ୍ବା ଜଗତୀକରଣ ଉପରେ ନୁହେଁ, ବରଂ ପ୍ରକୃତିର ଏକ ଗଭୀର, ପାରସ୍ପରିକ ବୁଝାମଣା ଉପରେ ନିର୍ଭର କରେ। ଜନଜାତି ଜ୍ଞାନବ୍ୟବସ୍ଥା ଅଭିଜ୍ଞତା ଆଧାରିତ ପ୍ରମାଣ, ନୀତିଗତ ଦିଗ ଏବଂ ସମସାମୟିକ ପ୍ରୟୋଗକୁ ଏକତ୍ର କରି ଦେଶର ସମାବେଶୀ ବିକାଶକୁ କିପରି ତ୍ୱରାନ୍ୱିତ କରାଯାଇପାରିବ, ତାହା ଉପରେ ଗୁରୁତ୍ୱ ଦେବାର ବେଳ ଆସିଛି। ଔଷଧୀୟ ଗୁଳ୍ମ ଚିହ୍ନଟଠାରୁ ଆରମ୍ଭ କରି ମୌସୁମୀ ପୂର୍ବାନୁମାନ ପର୍ଯ୍ୟନ୍ତ, ମରୁଡ଼ି-ପ୍ରତିରୋଧକ ଫସଲ ଚାଷରୁ ଆରମ୍ଭ କରି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଜନଜାତିମାନେ ପଢ଼ି ପରେ ପିଢ଼ି ଦକ୍ଷତାର ଏକ ବିଶାଳ ଭଣ୍ଡାର। ବର୍ତ୍ତମାନ ଯେଉଁଠି ଜଳବାୟୁ ସଙ୍କଟ, ଜୈବ ବିବିଧତା, କାର୍ବନ ଅର୍ଥନୀତି ପ୍ରାଧାନ୍ୟ ବିସ୍ତାର କରୁଛି, ସେଇଠି ଜନଜାତି ଜ୍ଞାନ ସମୟ-ପରୀକ୍ଷିତ ମାର୍ଗ ପ୍ରଦାନ କରି ସ୍ଥାୟୀ ବିକାଶର ନୀତି ନିର୍ମାଣରେ ଅନେକ ଗୁରୁତ୍ୱ ବହନ କରେ।

ଜନଜାତି-ଜ୍ଞାନ କୌଣସି ପାଠ୍ୟପୁସ୍ତକରେ ଲେଖାଯାଇନାହିଁ କି କୌଣସି ତଥ୍ୟାଗାରରେ ସଂରକ୍ଷିତ ନାହିଁ। ଏହା ଜନଜାତି ଲୋକଗୀତରେ, ରୀତିନୀତିରେ, ଜଙ୍ଗଲରେ ଓ ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହୁଏ। ଆଧୁନିକ ପ୍ରଯୁକ୍ତିବିଦ୍ୟାଠାରୁ ବହୁତ ଦୂରରେ ଜନଜାତି ଜ୍ଞାନ। କିନ୍ତୁ ସ୍ଥାୟିତ୍ୱ ଓ ପରିବର୍ତ୍ତନର ଏପରି ଏକ ସମୃଦ୍ଧ ନକ୍ସା ପ୍ରଦାନ କରେ, ଯାହା ଆଧୁନିକ ବୈଜ୍ଞାନିକ ଚିନ୍ତନ ସହିତ ମେଳ ଖାଏ। ଉଦାହରଣସ୍ୱରୂପ, ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ର ଜନଜାତି ଅଞ୍ଚଳର ଚାଷୀ, ବିଶେଷକରି ମହିଳା ଚାଷୀମାନେ, ୨୦୦ରୁ ଅଧିକ ସ୍ୱଦେଶୀ ମଞ୍ଜି କିସମ ସଂରକ୍ଷଣ କରିଛନ୍ତି, ଯେଉଁଥିରୁ ଅନେକ ମରୁଡ଼ି-ସହନଶୀଳ, କୀଟ-ପ୍ରତିରୋଧକ ଏବଂ ଜଳବାୟୁ ନମନୀୟ। ଦିନଥିଲା, ଯେତେବେଳେ ମାଣ୍ଡିଆ କେବଳ ଗରିବ ଓ ଜନଜାତିଙ୍କର ଖାଦ୍ୟ ଥିଲା। ହେଲେ ଆଜି ସେଇ ପଛୁଆ ଲୋକଙ୍କର ପଛୁଆ ଖାଦ୍ୟ ସମସ୍ତଙ୍କୁ ପଛରେ ପକାଇ ଦେଇଛି। କୋରାପୁଟର ଜନଜାତି ଅଞ୍ଚଳର ୩୩ରୁ ଅଧିକ ସ୍ୱଦେଶୀ ମାଣ୍ଡିଆ କିସମ ହାଇବ୍ରିଡ୍ କିସମ ଅପେକ୍ଷା ଅଧିକ ପୁଷ୍ଟିକର ବୋଲି ଚିହ୍ନଟ ହୋଇଛି। ଜନଜାତିଙ୍କ ଦ୍ୱାରା ଉତ୍ପାଦିତ ତେଲୁଗୁ, ବଡା, ଦଶହେରା କିସମର ମାଣ୍ଡିଆରେ ପ୍ରୋଟିନ, କାର୍ବୋହାଇଡ୍ରେଟ୍, ଫାଇବର, ଫ୍ଲାଭୋନାଏଡ୍ ଓ ଆଣ୍ଟିଅକ୍ସିଡାଣ୍ଟର ମାତ୍ରା ଅତ୍ୟାଧୁନିକ ହାଇବ୍ରିଡ୍ ମାଣ୍ଡିଆ ଓ ମାଣ୍ଡିଆ ଜାତୀୟ ଶସ୍ୟ ତୁଳନାରେ ଖୁବ୍ ଅଧିକ। ପ୍ରାକୃତିକ ଉପାୟରେ ବିନା ରାସାୟନିକ ଦ୍ରବ୍ୟ ବ୍ୟବହାର କରି ନିଜର ସ୍ୱଦେଶୀ ବା ଦେଶୀୟ ପଦ୍ଧତି ଓ ଜ୍ଞାନକୌଶଳ ଉପଯୋଗ କରି ଜନଜାତିମାନେ କେତେ ଆଗୁଆ, ତାହାର ପ୍ରମାଣ ସମୟ ସମୟରେ ମିଳୁଛି। ଜନଜାତିଙ୍କର ଏହି ଫସଲ ପରିବେଶବିତ୍‌ଙ୍କଠାରୁ ଚାଷୀ, ବୈଜ୍ଞାନିକ ଓ ସରକାରଙ୍କ ପର୍ଯ୍ୟନ୍ତ ବର୍ତ୍ତମାନ ପ୍ରାୟ ସମସ୍ତଙ୍କର ପ୍ରାଥମିକତା ପାଲଟିଛି।

ଖାଦ୍ୟ ଓ କୃଷି ସଂଗଠନ ଅନୁଯାୟୀ ଜନଜାତି କୃଷି ପଦ୍ଧତି ଜଳବାୟୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଖାଦ୍ୟ ଓ ପୁଷ୍ଟି ସୁରକ୍ଷା ସୁନିଶ୍ଚିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରେ। ମାଣ୍ଡିଆ ଚାଷ ସହିତ ଦେଶିଆ ଧାନ ଚାଷ, ଶାଳ ପତ୍ର, ମହୁଆ ଫୁଲ, ବାଉଁଶ, ଲାଖ, ମହୁ ଓ ଆହୁରି ଅନେକ ଜଙ୍ଗଲ ଉତ୍ପାଦ ଅନ୍ତର୍ଭୁକ୍ତ, ଯାହା ଜନଜାତି ସମ୍ପ୍ରଦାୟ ଦ୍ୱାରା ସଂଗୃହୀତ ଓ ସଂରକ୍ଷିତ। ପରିବେଶ ଓ ପ୍ରକୃତିକୁ କ୍ଷତି ନ ପହଞ୍ଚାଇ କିପରି ଉତ୍ପାଦନ ଓ ଅମଳ କରିହେବ, ତାହାର ଉପଯୁକ୍ତ ଜ୍ଞାନ ଜନଜାତିଙ୍କ ପାଖରେ। ସେମାନେ ନିଜର ତୀକ୍ଷ୍ଣ ନିରୀକ୍ଷଣ କଳା ଦ୍ୱାରା ଜାଣିପାରନ୍ତି କେଉଁ ଗଛ ସର୍ବାଧିକ ଉତ୍ପାଦନ କରେ, କେଉଁ ଫୁଲ ସବୁଠାରୁ ଭଲ କିଣ୍ୱନ କରେ ଏବଂ ପ୍ରାକୃତିକ ପୁନର୍ଜନ୍ମ କିପରି ସୁନିଶ୍ଚିତ କରିହେବ। ସେମାନେ କେବଳ ସଂଗ୍ରାହକ ନୁହନ୍ତି, ଜଙ୍ଗଲ ଅର୍ଥନୀତିଜ୍ଞ ଏବଂ ପରିବେଶବିତ୍।

ଏହାବ୍ୟତୀତ, ଭାରତର ଜନଜାତି ସମ୍ପ୍ରଦାୟ ଦୀର୍ଘଦିନ ଧରି ପ୍ରାକୃତିକ ନିରାମୟର ରହସ୍ୟକୁ ମଧ୍ୟ ଆୟତ୍ତ କରି ରଖିଛନ୍ତି। ଓଡ଼ିଶାର ଡଙ୍ଗରିଆ କନ୍ଧଙ୍କଠାରୁ ଆରମ୍ଭ କରି ତାମିଲନାଡୁର ଇରୁଲା ପର୍ଯ୍ୟନ୍ତ ଜନଜାତି ଅଞ୍ଚଳର ଔଷଧୀୟ ବୃକ୍ଷଲତା ଏବଂ ଚିକିତ୍ସା ପଦ୍ଧତି, ଦୈନନ୍ଦିନ ଜୀବନରେ ଧୀରେ ଧୀରେ ସନ୍ନିବେଶିତ ହେଉଛି। ଏକ ରିପୋର୍ଟ ଅନୁଯାୟୀ, ଜନଜାତି ସମ୍ପ୍ରଦାୟ ଦ୍ୱାରା ଔଷଧୀୟ ଉଦ୍ଦେଶ୍ୟରେ ବ୍ୟବହୃତ ୭, ୦୦୦ରୁ ଅଧିକ ଉଦ୍ଭିଦ ପ୍ରଜାତି ଚିହ୍ନଟ କରାଯାଇଛି। ଏହି ଚିକିତ୍ସାଗୁଡ଼ିକ ଅନେକ ଆୟୁର୍ବେଦ ଓ ୟୁନାନୀ ପ୍ରଣାଳୀରେ ସୂତ୍ରୀକରଣର ଆଧାର ମଧ୍ୟ ଗଠନ କରନ୍ତି। ବିଶ୍ୱସ୍ତରରେ, ଭେଷଜ ଓ ପାରମ୍ପରିକ ଔଷଧ ବଜାର ବୃଦ୍ଧି ପାଉଛି, ଯାହା ୨୦୩୦ ମସିହା ସୁଦ୍ଧା ୬୦୦ ବିଲିୟନ ଆମେରିକୀୟ ଡଲାର ଛୁଇଁବ ବୋଲି ଆକଳନ କରାଯାଇଛି। ଭାରତ, ଏହାର ଆୟୁଷ ମନ୍ତ୍ରଣାଳୟ ମାଧ୍ୟମରେ, ଏହି ଜ୍ଞାନକୁ ଆର୍ଥିକ ଢାଞ୍ଚାରେ ଆନୁଷ୍ଠାନିକ କରିବା ଆରମ୍ଭ କରିଛି। ରାଜ୍ୟ ସରକାରମାନେ ପ୍ରମାଣିତ ଜନଜାତି ଚିକିତ୍ସକମାନଙ୍କୁ ପରିଚୟପତ୍ର ପ୍ରଦାନ କରିବା, ଗୋଷ୍ଠୀ ସ୍ୱାସ୍ଥ୍ୟସେବାରେ ଜନଜାତିଙ୍କର ଭୂମିକାକୁ ବୈଧତା ଦେବା ଏବଂ ଗବେଷଣା ପାଇଁ ଅନେକ ମାଧ୍ୟମ, ସାହାଯ୍ୟ ଓ ସହଯୋଗ ଦେବା ଆବଶ୍ୟକ ରହୁଛି, ଯାହା ଜନଜାତି ସମ୍ପ୍ରଦାୟର ବୌଦ୍ଧିକ ସମ୍ପତ୍ତି ଅଧିକାରର ସୁରକ୍ଷା ଏବଂ ସେମାନଙ୍କ ଜ୍ଞାନକୁ ଜାତୀୟ ଓ ବିଶ୍ୱସ୍ୱାସ୍ଥ୍ୟ ରଣକୌଶଳରେ ଏକୀକୃତ କରିବା ଭଳି ଦ୍ୱିଗୁଣିତ ସୁଯୋଗ ଉନ୍ମୁକ୍ତ କରିବ। ଜନଜାତି ଏଥ୍ନୋମେଡିସିନର ବ୍ୟାବସାୟିକ ସମ୍ଭାବନା ବ୍ୟାପକ। କିନ୍ତୁ ଏହା ନୈତିକ ଢାଞ୍ଚା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, ଯେପରି ଏହାର ଲାଭ ଓ ଶ୍ରେୟ ଜନଜାତିଙ୍କୁ ମିଳିପାରିବ।

ଜନଜାତି ଜ୍ଞାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି ଜଳବାୟୁ ଅନୁକୂଳତା ଏବଂ ପରିବେଶ ପରିଚାଳନା କ୍ଷେତ୍ରରେ। ବୃଦ୍ଧି ପାଉଥିବା ବନ୍ୟା, ମରୁଡ଼ି ଓ ଅନିୟମିତ ପାଣିପାଗର ଏଇ ଯୁଗରେ ଜନଜାତି ସମ୍ପ୍ରଦାୟ ନିଜର ପବିତ୍ର ଉପବନ, ଗୋଷ୍ଠୀ ଜଳ ଅମଳ, ପାରମ୍ପରିକ ପାଣିପାଗ ପୂର୍ବାନୁମାନ ଏବଂ ସାଧାରଣ ଲୋକଙ୍କ ସାମୂହିକ ମାଲିକାନା ମଧ୍ୟରେ ପ୍ରାକୃତିକ ସମ୍ବଳର ପରିଚାଳନା ଜାରି ରଖିଛନ୍ତି। ମେଘାଳୟରେ, ବାଉଁଶ ବୁନ୍ଦା ଜଳସେଚନର ପ୍ରାଚୀନ ଅଭ୍ୟାସଠାରୁ ଆରମ୍ଭ କରି ଓଡ଼ିଶାର ନିୟମଗିରି ପାହାଡ଼ରେ ଡଙ୍ଗରିଆ କନ୍ଧଙ୍କ ପାହାଡ଼କୁ ପବିତ୍ର ବୋଲି ବିବେଚନା କରି ଜୈବ ବିବିଧତାକୁ ସଂରକ୍ଷିତ କରିବା ହେଉଛି ଅନନ୍ୟ, ଯାହାଦ୍ୱାରା ପରିବେଶ ଅବକ୍ଷୟକୁ ରୋକାଯାଇପାରୁଛି। ଭାରତୀୟ ପାଣିପାଗ ବିଭାଗ, ସ୍ଥାନୀୟ ପାଣିପାଗ ପୂର୍ବାନୁମାନ ପାଇଁ ଜନଜାତି ସମ୍ପ୍ରଦାୟ ସହିତ ସହଯୋଗ କରିବା ଆରମ୍ଭ କରିଛି। ପକ୍ଷୀ ସ୍ଥାନାନ୍ତରଣ, ପବନ ଢାଞ୍ଚା ଓ ମୃତ୍ତିକାର ଆର୍ଦ୍ରତା ପରି ପାରମ୍ପରିକ ସୂଚକକୁ ପାଣିପାଗ ସୂଚକାଙ୍କ ଭାବେ ଗବେଷଣା ଅନ୍ତର୍ଭୁକ୍ତ କରିଛି। ସାରା ବିଶ୍ୱ, ଏକ ସ୍ଥାୟୀ ବିକାଶ ଢାଞ୍ଚାର ସନ୍ଧାନରେ ଥିବା ବେଳେ ଜନଜାତିଙ୍କଠାରୁ ଅନେକ କିଛି ଶିଖିବାର ଅଛି।

ଦ୍ରୁତ ବିକାଶର ଆଢୁଆଳରେ ଜଙ୍ଗଲ ବିନାଶ, ବାଧ୍ୟତାମୂଳକ ବିସ୍ଥାପନ, ସ୍ଥାନୀୟ ଭାଷାଗୁଡ଼ିକର କ୍ଷୟ ଏବଂ ସମଜାତୀୟ ଶିକ୍ଷା ବ୍ୟବସ୍ଥା, ଶହ ଶହ ବର୍ଷର ଜ୍ଞାନକୁ ନିଶ୍ଚିହ୍ନ କରିବାର ଏକ ଭୟଙ୍କର ବିପଦ ସୃଷ୍ଟି କରିଚାଲିଛି। 'ୟୁନେସ୍କୋ ଆଟ୍‌ଲାସ୍ ଅଫ୍ ୱାର୍ଲ୍ଡ ଲାଙ୍ଗୁଏଜସ୍' ଅନୁଯାୟୀ, ଭାରତ ପୂର୍ବରୁ ୨୨୦ଟି ଭାଷା ହରାଇ ସାରିଛି ଏବଂ ସେଥିମଧ୍ୟରୁ ଅନେକ ହେଲେ ଜନଜାତି ଭାଷା। ପ୍ରତ୍ୟେକ ବିଲୁପ୍ତ ଭାଷା ଏକ ବିଶାଳ ଜ୍ଞାନଭଣ୍ଡାରର ସମ୍ପୂର୍ଣ୍ଣ ବର୍ଗୀକରଣ। ବଜାର ଜଗତୀକରଣ ହେବା ସହିତ ଅନେକ ବାଣିଜ୍ୟିକ ସଂସ୍ଥା କୌଣସି ସମ୍ମତି, ଶ୍ରେୟ ବା କ୍ଷତିପୂରଣ ବିନା ଜନଜାତି ଜ୍ଞାନ ସଂଗ୍ରହ କରୁଛନ୍ତି ଏବଂ ପରବର୍ତ୍ତୀ ସମୟରେ ସେଇ ଜ୍ଞାନକୁ ବିକି ଭାଙ୍ଗି ଖାଇ, ଜନଜାତିଙ୍କ ଉପରେ ଦାଉ ସାଧୁଛନ୍ତି। ଜଙ୍ଗଲ ଅଧିକାର ଅଧିନିୟମ (୨୦୦୬) ଏବଂ ଜୈବ ବିବିଧତା ଅଧିନିୟମ (୨୦୦୨) ଭଳି ଆଇନଗୁଡ଼ିକ କିଛିମାତ୍ରାରେ ଜନଜାତିଙ୍କୁ ସୁରକ୍ଷା ପ୍ରଦାନ କରନ୍ତି, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ଅସମ୍ପୂର୍ଣ୍ଣ।

ନବସୃଜନ ପ୍ରତି ଆସକ୍ତ ଏକ ଯୁଗରେ ବୋଧହୁଏ ସବୁଠାରୁ ମୌଳିକ କାର୍ଯ୍ୟ ହେଉଛି ଅତୀତକୁ ଫେରିଯାଇ ଯାହା ଆମେ ହରାଇଛୁ ତାହା ପୁନରୁଦ୍ଧାର କରିବା ଏବଂ ପ୍ରକୃତି ସହିତ ସନ୍ତୁଳନରେ ବଞ୍ଚିବା। ଏହାର ଜ୍ୱଳନ୍ତ ଉଦାହରଣ ହେଲେ ଜନଜାତି ସମ୍ପ୍ରଦାୟ ଓ ଜନଜାତି ଜ୍ଞାନ। ଯଦି ଏହାକୁ ପ୍ରୋତ୍ସାହିତ କରାଯାଏ, ତେବେ ଏହି ଜ୍ଞାନ ଏକ ସବୁଜ, ଅଧିକ ସମାବେଶୀ ଅର୍ଥବ୍ୟବସ୍ଥାକୁ ଶକ୍ତି ଯୋଗାଇବ, ଯାହା କେବଳ ମୋଟ ଘରୋଇ ଉତ୍ପାଦକୁ ନୁହେଁ, ବରଂ ସୌହାର୍ଦ୍ଦ୍ୟ, ସମାବେଶୀ ଓ ନମନିୟତାକୁ ଗୁରୁତ୍ୱ ଦେବ। ଫଳସ୍ୱରୂପ, ଭାରତ କେବଳ ନିଜର ଜନଜାତି ଐତିହ୍ୟକୁ ସଂରକ୍ଷିତ କରିବା ସହିତ ସାରା ବିଶ୍ୱ ପାଇଁ ଏକ ଉତ୍କୃଷ୍ଟ ଉଦାହରଣ ସୃଷ୍ଟି କରିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

# ଚାନ୍ଦା ଏକ ସାମାଜିକ ବ୍ୟାଧି

**ଅଧ୍ୟାପକ ଅଶୋକ ମହାରଣା**



ପାର୍ବଣ ଋତୁ ଚାନ୍ଦାର ଋତୁ। ଭକ୍ତି କମ, ଅହଂଭାବ, ଆଡ଼ମ୍ବରର ସ୍ୱୟମ୍ବର। ଦିଅଁଙ୍କ ନାମରେ ମାନସିକ, ଶାରୀରିକ ନିର୍ଯ୍ୟାତନା। ଦେଲେ ସୁନାପୁଅ, ନଦେଲେ ରୋଷର ଶିକାର। ଚାନ୍ଦା, ତା' ପୁଣି ବିଭିନ୍ନ ନାମ ଓ ଉପାୟରେ ଆଦାୟ। କେହି କହେ ସହାୟତା ତ କେହି କହେ ଦାନ। ଭକ୍ତି ନାମରେ ଏକ କଳଙ୍କିତ ପ୍ରଥା କାଳକାଳ ଧରି ଚାଲିଆସିଛି, ଯାହା ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି।

ପର୍ବପର୍ବାଣୀ ଆମ ସଂସ୍କୃତିର ପରିଚାୟକ। ପୂଜା ପାର୍ବଣରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଅତ୍ୟାଡ଼ମ୍ବରପୂର୍ଣ୍ଣ ପୂଜା କରାଯାଉଛି। ସତରେ କ'ଣ ଈଶ୍ୱର ଆଡ଼ମ୍ବରପୂର୍ଣ୍ଣ ତୋରଣ, ଝଲମଲ ଲାଇଟ, ସୁନାମୁକୁଟ, ରୂପା ମେଢ଼, ଟନ ଟନ ଓଜନର ଗହଣାରେ ମଣ୍ଡିହୋଇ ଭକ୍ତଙ୍କ ପାଇଁ ଆର୍ଶୀବାଦର ପେଡ଼ି ଖୋଲି ଦେଉଛନ୍ତି? ପ୍ରତିଯୋଗିତାପୂର୍ଣ୍ଣ ପୂଜାର୍ଚ୍ଚନାରେ ବ୍ୟସ୍ତ ମଣିଷ ଭକ୍ତିକୁ ବାଜି କରିଛି। ଶାସ୍ତ୍ର, ବେଦ, ପୁରାଣ କେଉଁଥିରେ ଲେଖା ଏହି ବାହ୍ୟାଡ଼ମ୍ବରପୂର୍ଣ୍ଣ ପୂଜାର୍ଚ୍ଚନାର କାହାଣୀ? ଯେଉଁଠି ନଡ଼ିଆଟିଏ ହସ୍ତପ୍ରସାରୀ ପ୍ରଭୁ ନେଉଛନ୍ତି, ସେଠି ସୁନାରୁପାର ମୁକୁଟରେ କ'ଣ ଅଛି? ବାଧ୍ୟବାଧକତାରେ ଚାନ୍ଦା ଆଦାୟ କରି ପୂଜାର୍ଚ୍ଚନା କରିବାରେ ଭକ୍ତି ନା ଶକ୍ତି ପ୍ରଦର୍ଶିତ ହୁଏ, ଭକ୍ତ ନା ଭଗବାନଙ୍କ ପୂଜନ କରାଯାଏ?

ପରିବର୍ତ୍ତିତ ପରିବେଶ, ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ଯୋଗୁଁ ଆମେ ଭକ୍ତି ଅପେକ୍ଷା ଭୋଗବିଳାସକୁ ଅଧିକ ଗୁରୁତ୍ୱ ଦେବାରେ ବ୍ୟସ୍ତ। ଦ୍ୱିଅର୍ଥବୋଧକ ସଙ୍ଗୀତ, ଅଶ୍ଳୀଳ ଉଦ୍ଦାମ ଉଦଣ୍ଡ ନୃତ୍ୟର ତାଳେ ତାଳେ ଆବାଳବୃଦ୍ଧବନିତା ଉଚ୍ଛୃଙ୍ଖଳର ଶୀର୍ଷରେ ଉପନୀତ। ଆମେ ହିଁ ସୃଷ୍ଟି କରୁ ଅପସଂସ୍କୃତିର ମାର୍ଗ। ଆମେ ହିଁ ବୁଣୁ ସାମଜିକ ଅଧୋପତନର ମଞ୍ଜି। ସେଇଥିପାଇଁ ପୂଜା ଅପେକ୍ଷା ଭୋଗଲାଳସାରେ ହିଁ ଆମର ବିଶ୍ୱାସ। ଭକ୍ତି ନାମ ମାତ୍ର। ମଦ ମାଂସ ଭିତରେ ହଜିଯାଏ 'ଭକ୍ତ' ନାମକ ବ୍ୟକ୍ତି ଓ 'ଭକ୍ତି' ନାମକ ସକାରାତ୍ମକ ଚିନ୍ତନ। ଏହା କ'ଣ ଆମ ସଂସ୍କୃତି ନା ପରମ୍ପରା? ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତାର ଭକ୍ତିଯୋଗରେ କହିଛନ୍ତି 'ଯସ୍ମାନ୍ନୋଦବିଜତେ ଲୋକୋ ଲୋକାନ୍ନୋଦ୍‌ବିଜତେ ଚ ଯଃ / ହର୍ଷାମର୍ଷଭୟୋଦଭବେଗୈର୍ମୁକ୍ତୋ ଯଃସବମେ ପ୍ରିୟଃ।' ଅର୍ଥାତ 'ଯାହା ପାଇଁ କେହି ଅସୁବିଧାରେ ପଡ଼ନ୍ତି ନାହିଁ ଏବଂ ଯେ ଆଦୌ କୌଣସି ପରିସ୍ଥିତିରେ ଉଦବିଗ୍ନ ବା ବିଚଳିତ ହୋଇପଡ଼େ ନାହିଁ, ଯେ ସୁଖ-ଦୁଃଖ ସବୁ ଅବସ୍ଥାରେ ସମଭାବାପନ୍ନ ସେ ମୋର ଅତିପ୍ରିୟ।' ପୁନଶ୍ଚ 'ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ / ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ / ସନ୍ତୁଷ୍ଟ ସତତଂ ଯୋଗୀ ଯତାତ୍ମା ଦୃଢ଼ନିଶ୍ଚୟଃ / ମୟ୍ୟର୍ପିତ ମନୋବୁଦ୍ଧିର୍ଯୋ ମଦଭକ୍ତଃ ସ ମେ ପ୍ରିୟଃ।' ଅର୍ଥାତ୍ ଯେ ହିଂସାତ୍ମକ ନୁହେଁ, ବରଂ ସମସ୍ତ ଜୀବର ଏକ କାରୁଣିକ ବନ୍ଧୁ ଅଟେ, ଯେ ନିଜକୁ ଅଧିକାରୀ ବୋଲି ଭାବେ ନାହିଁ, ଯେ ଅହଂକାର ଶୂନ୍ୟ ଏବଂ ସୁଖଦୁଃଖ ସବୁଅବସ୍ଥାରେ ସମଭାବପନ୍ନ, ଯେ ସର୍ବଦା ସନ୍ତୁଷ୍ଟ ଏବଂ ଦୃଢ଼ତାର ସହିତ ଭକ୍ତି ଯୋଗରେ ସେବାରତ ଏବଂ ଯାହାର ମନ ଓ ବୁଦ୍ଧି ମୋ'ଠାରେ ଯୁକ୍ତ ହୋଇଥାଏ ସେ ମୋର ଅତିପ୍ରିୟ।

ତେବେ ପୂଜା ପାଇଁ ଆମେ କେଉଁସ୍ତରକୁ ଓହ୍ଲାଇ ଆସୁ? ଚାନ୍ଦା ପାଇଁ ଗୁଣ୍ଡାରାଜ ସହିତ ମନକୁ ଆଘାତ୍ ଦେଇ ଚାନ୍ଦା ଆଦାୟ କରିଥାଉ। କପର୍ଦ୍ଦକ ଶୂନ୍ୟ ଦୀନଦୁଃଖୀଦରିଦ୍ର ବି ପ୍ରଭୁଙ୍କୁ ଭକ୍ତିରେ ବାନ୍ଧିରଖିପାରେ। ନହେଲେ କ'ଣ ସାମାନ୍ୟ ଖୁଦ କଣିକା ହେଉ କି ଶବରୀର ଅଇଁଠା କୋଳିକୁ ପ୍ରଭୁ ସାଦରେ ଗ୍ରହଣ କରିପାରିଥା'ନ୍ତେ ନା ଦାସିଆ ବାଉରିର ନଡ଼ିଆକୁ ଗ୍ରହଣ କରିଥା'ନ୍ତେ!

ଶାସ୍ତ୍ର ଅନୁସାରେ ଭକ୍ତିକୁ ନଅ ଭାଗରେ ବିଭକ୍ତ କରାଯାଇଛି। ପ୍ରଭୁଙ୍କର ନାମ ଓ ଭଜନ ଶ୍ରବଣ, ପ୍ରଭୁଙ୍କର ନାମ କୀର୍ତ୍ତନ ଓ ସ୍ମରଣ, ପ୍ରଭୁଙ୍କର ପାଦ ସେବା, ସକ୍ଷମ ଅନୁସାରେ ଅର୍ଚ୍ଚନା, ବନ୍ଦନା, ଦାସ୍ୟ, ସଖ୍ୟ ଓ ଆତ୍ମନିବେଦନ ଭଳି ଭକ୍ତି ରହିଛି। ଏତ ପ୍ରଭୁଙ୍କ ନିକଟରେ ସମର୍ପଣ ଓ ସମର୍ପିତ ହେବାର ଗୋଟିଏ ଗୋଟିଏ ମାଧ୍ୟମ। କିନ୍ତୁ ଏବେ ପୂଜା, ଭକ୍ତି ଓ ଭକ୍ତର ସଂଜ୍ଞା ପରିବର୍ତ୍ତନ ହୋଇଯାଇଛି। ଏହା ସମାଜିକ ଅଧୋପତନର ପ୍ରଦର୍ଶନ। ପୂଜା ଈଶ୍ୱରପ୍ରାପ୍ତିର ଏକ ମାଧ୍ୟମ ହୋଇପାରେ। କିନ୍ତୁ ପୂଜା ନାମରେ ଏଭଳି ମାନସିକତା ଈଶ୍ୱରଙ୍କ ପ୍ରତି ଏକ ଉପହାସ। ସେଇଥିପାଇଁ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି - ମନୁଷ୍ୟମାନେ ଯେପରି ଭାବରେ ମୋ ନିକଟକୁ ଆସନ୍ତି, ମୁଁ ସେମାନଙ୍କୁ ସେପରି ଭାବରେ ଗ୍ରହଣ କରିଥାଏ।

ସାମ୍ପ୍ରତିକ ସମୟରେ ଗାଁଠାରୁ ସହର ଚାନ୍ଦା ଦିଅଁ ପୂଜା ନାମରେ ଏକ ସାମାଜିକ ବ୍ୟାଧିରେ ପରିଣତ ହୋଇଛି। ମଧୁର ଶୋଷଣ ମାଧ୍ୟମରେ ଶୋଷିତ ହେଉଥିବା ଏବଂ ଭୟାତୁର ମଣିଷ ଚାନ୍ଦା ନଦେବାର ପରିଣାମ ଚିନ୍ତା କରି ଅନ୍ଧ, ମୂକ, ବଧିରର ଅଭିନୟ କରୁଥାଉ। ଆଇନ ତା' ରାସ୍ତାରେ। ଦଣ୍ଡବିଧାନ ତା' ରାସ୍ତାରେ। କିଏ କାହିଁକି ପ୍ରତିବାଦ କରି ଶତ୍ରୁଅର୍ଜନ କରିବ? ବରଂ ଈଶ୍ୱର ସେମାନଙ୍କର ମଙ୍ଗଳ କରନ୍ତୁ।

ସିମିନଇ(ଢେଙ୍କାନାଳ), ମୋ: ୯୪୩୭୨୯୦୧୮୧

## ମଙ୍ଗଳର କବକ ଗୃହ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ପୃଥିବୀ ବାହାରେ ବସତି ସ୍ଥାପନ କଥା ଚିନ୍ତା କଲେ ଆମକୁ ପ୍ରଥମେ ଆସିଥା'ନ୍ତି ଦୁଇଟି ମହାକାଶ ପିଣ୍ଡ - ଚନ୍ଦ୍ର ଓ ମଙ୍ଗଳ। ଚନ୍ଦ୍ର ଆମର ନିକଟତମ। ଅଦ୍ୟାବଧି ଏହା ଉପରେ ମଣିଷ ପହଞ୍ଚି ସାରିଛି ଏବଂ ଅନେକ ପରୀକ୍ଷା ନିରୀକ୍ଷା ଓ ଗବେଷଣା ମଧ୍ୟ ହୋଇସାରିଛି। ଅତଏବ ପ୍ରଥମେ ଏହିଠାରେ ହିଁ ବସତି ସ୍ଥାପନ କରିବାର ସମ୍ଭାବନା ଅଧିକ ବୋଲି ମନେ ହେବା ସ୍ୱାଭାବିକ। ତେବେ ବର୍ତ୍ତମାନ କେତେକ ବୈଜ୍ଞାନିକ ମତ ଦେଲେଣି ଯେ ଚନ୍ଦ୍ର ତୁଳନାରେ ମଙ୍ଗଳ ପୃଷ୍ଠ ଅଧିକ ବାସୋପଯୋଗୀ। କାରଣ ଏଠାରେ ଥିବା ବାୟୁମଣ୍ଡଳ, ଭୂପୃଷ୍ଠର ସଂରଚନା, ରାସାୟନିକ ଉପାଦାନ ଇତ୍ୟାଦି କିଛିଟା ପୃଥିବୀର ଅନୁରୂପ। ଅତଏବ ସେଠାରେ ବସତିଟିଏ ସ୍ଥାପନ କଲେ ଦୂରଦୂରାନ୍ତରର ମହାକାଶ ଏବଂ ଗ୍ରହନକ୍ଷତ୍ରମାନଙ୍କୁ ଅଧ୍ୟୟନ କରିବା ସହଜ ହେବ।

ମଙ୍ଗଳ ପୃଷ୍ଠରେ ବସତି ସ୍ଥାପନ କରିବାକୁ ହେଲେ ତାହା କେଉଁ ପଦାର୍ଥରେ ଗଢ଼ାଯିବ ଏହାକୁ ନେଇ ନାନାକଥା ଚିନ୍ତା କରାଯାଉଛି। ତନ୍ମଧ୍ୟରୁ ଗୋଟିଏ ହେଲା ସେଠାରେ ସ୍ଥାନୀୟ ଭାବେ ଏକ କବକ ବା 'ଫଙ୍ଗସ୍' ଚାଷ କରି ତହିଁରୁ ପ୍ରସ୍ତୁତ ପ୍ଲାଷ୍ଟିକ୍‌ରେ ଘର ତିଆରି। ଏଦିଗରେ ପ୍ରଥମ ପଦକ୍ଷେପ ରୂପେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ବିଜ୍ଞାନାଗା।।ର ମଧ୍ୟରେ ମଙ୍ଗଳ ଗ୍ରହ ଅନୁରୂପ କୃତ୍ରିମ ପରିବେଶଟିଏ ସୃଷ୍ଟି କରି ତହିଁରେ ପ୍ଲାଷ୍ଟିକ ପାତ୍ରରେ ଏବର କବକଟିକୁ ବଢ଼ାଇବାର ସଫଳତା ମିଳିଛି। ତତ୍ପରେ ଏହାକୁ ବ୍ୟବହାର କରି ବାସଗୃହ ସଦୃଶ୍ୟ ସଂରଚନାଟିଏ ଗଢ଼ି ତନ୍ମଧ୍ୟରେ ତାହାର ବଂଶ ବିସ୍ତାର କରାଯାଇ ପାରୁଛି। ଅତଏବ ଏବର ସବୁଜ କବକରୁ ମଙ୍ଗଳ ଗ୍ରହରେ ବାସଗୃହ ନିର୍ମାଣ କରାଯାଇ ପାରିବ ବୋଲି ମନେ କରାଯାଉଛି।

ହାର୍ଭାର୍ଡଠାରେ ଏବର ଗବେଷଣା ଚଳାଇଥିବା ବୈଜ୍ଞାନିକମାନଙ୍କ ମୁଖ୍ୟ ହେଲେ ରବିନ୍ ୱାର୍ଡସ୍ ୱର୍ଥ। ତାଙ୍କ ମତରେ ସେମାନେ ଏ ପଦାର୍ଥଟିକୁ ଏଥିପାଇଁ ବାଛିବାର କାରଣ ହେଲା ଯେ ଥରେ ତହିଁରୁ କିଛି ସେଠାକୁ ନେଇ ଗଲେ ସେଠାରେ ତାହା ଚାଷ କରି ଅଧିକରୁ ଅଧିକ ଉତ୍ପନ୍ନ କରାଯାଇ ପାରିବ। ପୁନଶ୍ଚ ଏହା ମଧ୍ୟ ଅମ୍ଳଜାନ ସୃଷ୍ଟି କରିବ। ଏହି କବକଟିର ନାମ ହେଲା ଡୁନାଲିଏଲା ଟେର୍ଟିଓଲେକ୍ଟା। ରବିନ୍ ଓ ତାଙ୍କ ସହଯୋଗୀମାନେ ଏହାକୁ ୫ ମିଲିମିଟର ସ୍ଥୂଳତା ବିଶିଷ୍ଟ ଜୈବପ୍ଲାଷ୍ଟିକ ନିର୍ମିତ ପାତ୍ରରେ ନେଇ ଏକ ପ୍ରକୋଷ୍ଠ ମଧ୍ୟରେ ରଖିଥିଲେ। ଏଥିମଧ୍ୟରେ ସୃଷ୍ଟି କରାଯାଇଥିଲା ଆମ ବାୟୁମଣ୍ଡଳ ଚାପର ୦.୬ ଶତାଂଶ, ଯାହାକି ମଙ୍ଗଳ ଗ୍ରହର ବାୟୁମଣ୍ଡଳ ଚାପ ସହିତ ସମାନ। ପୁନଶ୍ଚ ମଙ୍ଗଳ ଅନୁରୂପ ବାୟୁରେ ଥିଲା ପ୍ରାୟ ୭୫ ରୁ ୮୦ ଶତାଂଶ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବାଷ୍ପ। ତନ୍ମଧ୍ୟରେ ପ୍ରାୟ ୧୦ ଦିନ ରଖିଲା ପରେ ଦେଖାଗଲା ଯେ ସେଗୁଡ଼ିକ ସାଧାରଣ ଭାବେ ବଢୁଛନ୍ତି ଏବଂ ଆଲୋକ ସଂଶ୍ଳେଷଣ କରୁଛନ୍ତି।

ଫ୍ଲୋରିଡ଼ା ବିଶ୍ୱବିଦ୍ୟାଳୟର ଅନମାର ମେନେଜେସ୍‌ଙ୍କ ମତରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। କାରଣ ମଙ୍ଗଳ ପୃଷ୍ଠରେ ଦୀର୍ଘ ସମୟ ଧରି ରହିବାକୁ ହେଲେ ଦରକାରୀ ପଦାର୍ଥଗୁଡ଼ିକୁ ସେଠାରେ ଉତ୍ପାଦନ କରିବାକୁ ପଡ଼ିବ। ଏହି ଆବଶ୍ୟକତାର ଅନେକାଂଶ ଉକ୍ତ କବକ ଦ୍ୱାରା ପୂରଣ ହୋଇ ପାରିବ ବୋଲି ଆଶା କରାଯାଏ। ପୁନଶ୍ଚ ଏହା ଶ୍ୱାସ କ୍ରିୟା ଲାଗି ଅମ୍ଳଜାନ ମଧ୍ୟ ଯୋଗାଇବାକୁ ସକ୍ଷମ।

ମଙ୍ଗଳ ଗ୍ରହକୁ ମନୁଷ୍ୟର ଯାତ୍ରା ଆହୁରି କିଛି ବର୍ଷ ସମୟ ନେବ। ଇତିମଧ୍ୟରେ ଏ କବକ ଉପରେ ଅଧିକ ପରୀକ୍ଷା ନିରୀକ୍ଷା କରିହେବ। ଆବଶ୍ୟକ ହେଲେ ଜୈବ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗରେ ତାହାକୁ ସେଠାରେ ଚାଷ କରିବା, ତହିଁରୁ ଖାଦ୍ୟ ଉପଯୋଗୀ ପ୍ରଜାତିମାନ ସୃଷ୍ଟି କରିବା ଏବଂ ତାହାକୁ ଅନ୍ୟାନ୍ୟ କାର୍ଯ୍ୟରେ ଲଗାଇବା ଲାଗି ଉପଯୁକ୍ତ କରାଯାଇ ପାରିବ। ଏହାବ୍ୟତୀତ ବୈଜ୍ଞାନିକମାନେ ଏବେ ମଙ୍ଗଳପୃଷ୍ଠରେ ବ୍ୟବହାର ଲାଗି ଆହୁରି ଅନେକ ପ୍ରଦାର୍ଥ ଉପରେ ଅଧ୍ୟୟନ ଚଳାଇଛନ୍ତି। ବିଜ୍ଞାନାଗାରମାନଙ୍କରେ ସେଠାରେ ଅନୁରୁପ ପରିବେଶମାନ ସୃଷ୍ଟି କରି ଜନ୍ମଧ୍ୟରେ ତାହା ସବୁ ପରୀକ୍ଷା କରାଯାଉଛି। ଏସବୁରେ ସଫଳତା ହେବ ମଙ୍ଗଳ ଗ୍ରହରେ ବସତି ସ୍ଥାପନ ଦିଗରେ ଗୁରୁତ୍ୱପୂର୍ଣ୍ଣ ପରିକ୍ଷେପ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ୨ କଲରାପତରିଆ ବାଘ ଛାଲ ଜବତ, ୪ ଗିରଫ

ରାୟଗଡ଼ା, ୧।୯ (ସମିସ): ରାୟଗଡ଼ା ବନ ବିଭାଗ ସହାୟତାରେ ମୁମ୍ବାଇସ୍ଥିତ ଡାଇରେକ୍ଟର ଅଫ୍ ରେଭେନ୍ୟୁ ଇଣ୍ଟେଲିଜେନ୍ସ ବିଭାଗ




ଆଜି ରାୟଗଡ଼ା ଜିଲ୍ଲା କୋଲନରା ଅଞ୍ଚଳରୁ ୨ଟି କଲରାପତରିଆ ବାଘଛାଲ ଜବତ ସହ ୪ଜଣଙ୍କୁ ଗିରଫ କରିଛି। ଗିରଫ ୨ଜଣ ରାୟଗଡ଼ ଜିଲ୍ଲାର ହୋଇଥିବା ବେଳେ ଅନ୍ୟ ୨ ଜଣ ମହାରାଷ୍ଟ୍ର ରାଜ୍ୟର ବୋଲି ଜଣାପଡ଼ିଛି। ରାୟଗଡ଼ା ରେଞ୍ଜର୍ କାମେଶ୍ୱର ଆଚାରୀଙ୍କଠାରୁ ମିଳିଥିବା ସୂଚନାନୁସାରେ, ଜିଲ୍ଲାର ଗୁଣପୁର ବ୍ଲକ୍ ପୁଟାସିଂ ଅଞ୍ଚଳର ଅଞ୍ଜୀରସିଂ ଗ୍ରାମର ଜିସୟ ଗମାଙ୍ଗ ଓ ମହେଶ ହୁଇକା, ମାଛଖୁଣ୍ଟି ଅଞ୍ଚଳର ଅନ୍ୟ ୨ ଜଣଙ୍କ ସହ ମିଶି ମହାରାଷ୍ଟ୍ର ରାଜ୍ୟର ମାତିନଗର ଅଞ୍ଚଳର ପ୍ରଭାକର ନାୟକ ଓ ରାଜକୁମାର ଗୁପ୍ତାଙ୍କୁ ଏହି ବାଘ ଚମଡ଼ା ବିକ୍ରି କରିବା ପାଇଁ ଯୋଗାଯୋଗରେ ରହିଥିଲେ। ଏହି ଚାଲାଣ ସମ୍ପର୍କରେ କୌଣସି ସୂତ୍ରରୁ ଖବର ପାଇ ଡିରେକ୍ଟର ଅଫ୍ ରେଭେନ୍ୟୁ ବିଭାଗ ଅଭିଯୁକ୍ତମାନଙ୍କୁ ଟ୍ରାକ୍ କରିଥିଲେ ଓ ଏନେଇ ଅଗଷ୍ଟ ୩୦ ତାରିଖ ଦିନ ରାୟଗଡ଼ା ବନ ବିଭାଗକୁ ସୂଚନା ଦେଇଥିଲେ। ସୂଚନା ଆଧାରରେ ଉଭୟ ବିଭାଗ ବାଘ ଚମଡ଼ା ବିକ୍ରି କରିବା ସମୟରେ ସମସ୍ତ ଅଭିଯୁକ୍ତଙ୍କୁ ମାଡ଼ି ବସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ରେଞ୍ଜର ଶ୍ରୀ ଅଚାରୀ ସୂଚନା ଦେଇଛନ୍ତି। ଏହି କଲରାପତରିଆ ବାଘ ଚମଡ଼ାକୁ ଗଜପତି ଜିଲ୍ଲାରୁ ମହାରାଷ୍ଟ୍ର ଚାଲାଣ ପାଇଁ ଅଣାଯାଇଥିଲା ବୋଲି ସୂଚନାରୁ ଜଣାପଡ଼ିଛି। ଉଭୟ ବାଘର ବୟସ ୫/୭ବର୍ଷ ମଧ୍ୟରେ ରହିଥିବା ଜଙ୍ଗଲ ବିଭାଗ ସୂଚନା ଦେଇଛି। ଏହି ଘଟଣାର ତଦନ୍ତ ଚାଲିଥିବା ଏସିଏଫ ଅଶୋକ ପ୍ରଧାନ ପ୍ରକାଶ କହିଛନ୍ତି।

■ ହାଇକୋର୍ଟରେ ଚିଟଫଣ୍ଡ ମାମଲା

# ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୧। ୯(ସମିସ): ଚିଟ୍‌ଫଣ୍ଡ ମାମଲାରେ ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ବିରୋଧରେ କଠୋର୍ କାର୍ଯ୍ୟାନୁଷ୍ଠାନ ଉପରେ ହାଇକୋର୍ଟ ଜାରି କରିଥିବା ଅନ୍ତରୀଣ ସୁରକ୍ଷା ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବଳବତ୍ତର ରହିଛି। ଶ୍ରୀ ଜେନାଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆସନ୍ତା ସେପ୍ଟେମ୍ବର ୧୬ ତାରିଖକୁ ଧାର୍ଯ୍ୟ କରାଯାଇଛି। ଆବେଦନକାରୀ ଏହି ମାମଲାରେ ସିବିଆଇକୁ ତଦନ୍ତରେ ସହଯୋଗ କରିବା ସହ ଆବଶ୍ୟକସ୍ଥଳେ ତଦନ୍ତକାରୀ ଅଧିକାରୀଙ୍କ ନିକଟରେ ହାଜର ହେବେ ବୋଲି ହାଇକୋର୍ଟ ପୂର୍ବରୁ ସର୍ତ୍ତାରୋପ କରିଥିଲେ। ଏହି ଅନୁସାରେ ଶ୍ରୀ ଜେନାଙ୍କୁ ଗତ ଜୁଲାଇ ୨୮ରେ ଜେରା କରାଯାଇଥିବା ଓ ଏଥିରେ ଆବେଦନକାରୀ ସହଯୋଗ କରିଥିବା ନେଇ ହାଇକୋର୍ଟ ଅବଗତ ହୋଇଥିଲେ। ଅନ୍ୟପଟରେ ସିବିଆଇକୁ ମଧ୍ୟ ଚିଟଫଣ୍ଡ ମାମଲା ସମ୍ପର୍କିତ ସମସ୍ତ ଦସ୍ତାବିଜ୍ ଦାଖଲ ସମ୍ପର୍କରେ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି ଅଦାଲତ। ପ୍ରକାଶଥାଉକି ୨୦୧୪ର ସିସୋର ଚିଟଫଣ୍ଡ ମାମଲାରେ ଶ୍ରୀ ଜେନାଙ୍କୁ ହାଜର ହେବାକୁ ସିବିଆଇ ପକ୍ଷରୁ ଗତ ଜୁଲାଇ୩ରେ ନୋଟିସ ଜାରି ହୋଇଥିଲା। ଏହାକୁ ଚାଲେଞ୍ଜ କରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ହାଇଦରାବାଦରେ ଗ୍ୟାସ୍ ଟାଙ୍କି ବିସ୍ଫୋରଣ

# ବସ୍ତା ଅଞ୍ଚଳର ୫ ଆହତ

ରାଜଘାଟ, ୧।୯(ସମିସ): ପୁଣି ସାମ୍ନାକୁ ଆସିଲା ଦାଦନ ଯନ୍ତ୍ରଣା। ହାଇଦରାବାଦରେ ଏକ ଗ୍ୟାସ୍ ଟାଙ୍କି ବିସ୍ଫୋରଣରେ ୫ଜଣ ଓଡ଼ିଆ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୂଳିଦା ଗ୍ରାମର ଗୋଟିଏ ପରିବାରର ୫ ଜଣ ସଦସ୍ୟ ହାଇଦରାବାଦରେ ଗ୍ୟାସ ଟାଙ୍କି ବିସ୍ଫୋରଣରେ ଗୁରୁତର ଆହତ ହୋଇ ସେଠାରେ ଚିକିତ୍ସାଧୀନ ଅଛନ୍ତି। ମୂଳିଦା ଗ୍ରାମର ଗୀତାଞ୍ଜଳି ବେହେରାଙ୍କ ସ୍ୱାମୀ ନିରୁଦ୍ଦିଷ୍ଟ ହେବା ପରେ ନିଜର ୭ ବର୍ଷର ଝିଅକୁ ମାଆ ପାଖରେ ଛାଡ଼ି ପରିବାର ପ୍ରତିପୋଷଣ ପାଇଁ ସେ ହାଇଦରାବାଦର କୁକୁଟାପାଲି କଲୋନୀରେ ନିଜ ଭିଣୋଇ ଭଉଣୀଙ୍କ ସହ ରହି ଦାଦନ ଶ୍ରମିକ ଭାବରେ କାମ କରୁଥିଲେ। ସେମାନେ ରହୁଥିବା କଲୋନୀରେ ଗତକାଲି ଭୋର୍‌ରେ ଗ୍ୟାସ୍ ସିଲିଣ୍ଡର ଫାଟି ନିଆଁ ଲାଗି ଯାଇଥିଲା। ଏହି ବିସ୍ଫୋରଣରେ ଘରର ଛାତ ଉଡ଼ି ଯାଇଥିଲା। ଫଳରେ ଗୀତାଞ୍ଜଳିଙ୍କ ସମେତ ଭିଣୋଇ, ଭଉଣୀ ଏବଂ ଦୁଇଜଣ ପିଲା ଗ୍ୟାସ ନିଆଁରେ ପୋଡ଼ି ଗୁରୁତର ହୋଇପଡ଼ିଛନ୍ତି। ସେମାନେ ଏବେ ନିକଟସ୍ଥ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏପଟେ ଗୀତାଞ୍ଜଳିଙ୍କ ମାଆ ଏହି ଖବର ଜାଣିବା ପରେ ଝିଅକୁ ଚିକିତ୍ସା ସହାୟତା ଯୋଗାଇଦେବା ସହିତ ସୁସ୍ଥ କରି ଘରକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଗୀତାଞ୍ଜଳିଙ୍କ ୮ ବର୍ଷର ଝିଅ ନିବେଦିତା ମାଆର ଫେରିବା ବାଟକୁ ଚାହିଁ ରହିଛି। ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ତାଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ

ଭୁବନେଶ୍ୱର, ୧।୯ (ସମିସ): ଶ୍ରୀମନ୍ଦିରର ପରିଚାଳନା କମିଟିର ନୂତନ ଭାବେ ମନୋନୀତ ହୋଇଥିବା ସଦସ୍ୟମାନେ ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଶ୍ରୀମନ୍ଦିର ପରିଚାଳନା ପାଇଁ ନୂତନ କମିଟି ଗଠନ କରିଥିବାରୁ ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପରିଚାଳନା କମିଟିର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ମନ୍ଦିର ନୀତିକାନ୍ତି, ପର୍ବପର୍ବାଣୀ କିପରି ଶୃଙ୍ଖଳିତ ଭାବେ ପାଳିତ ହେବ ଏବଂ ପୁରୀ ସହରର ବିକାଶ କିପରି ତ୍ୱରାନ୍ୱିତ ହେବ, ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ମହାପ୍ରଭୁଙ୍କ ସେବା ଓ ମନ୍ଦିର ବିକାଶ କାମରେ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ ପରିଚାଳନା କମିଟି ସଦସମାନଙ୍କୁ କହିଥିଲେ।

# ପରକୀୟା ପ୍ରୀତି ସନ୍ଦେହରେ ଭାଇକୁ ଗୁଳିମାଡ଼

ଅନୁଗୋଳ, ୧।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ଥାନା କମଳପୁର ଗାଁର ଦଳିତ ବସ୍ତିରେ ସୋମବାର ସକାଳେ ଗୁଳିମାଡ଼ ହୋଇଛି। ଏଥିରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ, ଗାଁର ସୁରଭି ନାଏକ। ଘଟଣାକୁ ନେଇ ବସ୍ତିରେ ଉତ୍ତେଜନା ପ୍ରକାଶ ପାଇଛି। ପରକୀୟା ପ୍ରୀତିରୁ ଏହି ଗୁଳିକାଣ୍ଡ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, କମଳପୁର ଗାଁର ସୁରଭି ନାଏକ ଓ କ୍ଷୀରୋଦ ନାଏକ ଦୁଇ ଭାଇ। ଉଭୟ ବିବାହିତ ଓ ସେମାନଙ୍କର ପିଲାଛୁଆ ଅଛନ୍ତି। କିଛି ବର୍ଷ ହେବ ସୁରଭିଙ୍କ ସ୍ତ୍ରୀଙ୍କ ସହ କ୍ଷୀରୋଦଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହା ଜଣାପଡ଼ିବା ପରେ ଦୁଇ ଭାଇଙ୍କ ମଧ୍ୟରେ ପାଟିତୁଣ୍ଡ ଓ ଗଣ୍ଡଗୋଳ ଲାଗି ରହିଥିଲା। ସୁରଭିଙ୍କ ସ୍ତ୍ରୀ ୧୨ଦିନ ହେବ ପିଲାଛୁଆଙ୍କୁ ଛାଡ଼ି କୁଆଡ଼େ ଚାଲିଯାଇଛନ୍ତି। କ୍ଷୀରୋଦ ତାଙ୍କ ସ୍ତ୍ରୀକୁ ଲୁଚାଇ ରଖିଥିବା ସୁରଭି ସନ୍ଦେହ କରୁଥିଲେ। ଏହାକୁ ନେଇ ସୋମବାର ସକାଳେ ଦୁହିଁଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ କ୍ଷୀରୋଦ ଏକ ବନ୍ଧୁକ ଆଣି ସୁରଭିଙ୍କୁ ଗୁଳିମାଡ଼ କରିଥିଲେ। ସୁରଭିଙ୍କ ଡାହାଣ ପାଖ କାନ୍ଧ ଓ ଅଣ୍ଟା ପାଖରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୁକ୍ତ କ୍ଷୀରୋଦ ଫେରାର୍ ହୋଇଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଲିଭ ଇନ୍ ପାର୍ଟନରଙ୍କୁ...

ଲିଭ୍-ଇନ୍‌ରେ ରହିଆସୁଥିଲେ। ଭିଠାଲ ପୂର୍ବରୁ ୩ଥର ବିବାହ କରିସାରିଥିଲା। ସେହିପରି ବନଯାକ୍ଷୀ ମଧ୍ୟ ପୂର୍ବରୁ ୨ଥର ବିବାହ କରିଥିଲେ। ଭିଠାଲ ନିୟମିତ ମଦ୍ୟପାନ କରିବା ସହ ନିର୍ଯାତନା ଦେବାରୁ ବନଯାକ୍ଷୀ ବିତସ୍ପୃହ ହୋଇପଡିଥିଲେ। ଫଳରେ ସେ ତାଙ୍କଠାରୁ ଅଲଗା ହୋଇଥିଲେ। ଏହାପରେ ବନଯାକ୍ଷୀ ମାରିଆପ୍ପା ନାମକ ଜଣେ ବ୍ୟକ୍ତି ସହ ବନ୍ଧୁତା ସ୍ଥାପନ କରିଥିଲେ। ଘଟଣା ଦିନ ମନଯାକ୍ଷୀ କାରରେ ମାରିଆପ୍ପା ଓ ଡ୍ରାଇଭର ସହିତ ମନ୍ଦିରରୁ ଫେରୁଥିଲେ। ଭିଠାଲ ତାଙ୍କର ପିଛା କରିଥିଲା। କାର ଏକ ସିଗନାଲରେ ରହିବା ପରେ ବିଠଲ ୩ ଜଣଙ୍କ ଉପରେ ପେଟ୍ରୋଲ ପକାଇଥିଲା। ମାରିଆପ୍ପା ଓ ଡ୍ରାଇଭର ସେଠାରୁ ଦୌଡି ପଳାଇଥିଲେ। କିନ୍ତୁ ବିଠଲ ବନଯାକ୍ଷୀଙ୍କ ପିଛା କରିଥିଲା। ଦୌଡ଼ିବା ପରେ ସେ ପଡିଯିବା ପରେ ବିଠଲ ତାଙ୍କ ଉପରେ ଢ଼ାଳି ନିଆଁ ଲଗାଇଦେଇଥିଲେ। ସ୍ଥାନୀୟ ଲୋକ ବନଯାକ୍ଷୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ କିନ୍ତୁ ସେ ମୃତ୍ୟୁବରଣ କରିଥିଲେ।

## ନୂଆ ରେକର୍ଡ ସ୍ତରରେ...

ନୀତିଗତ ସୁଧ ହାରରେ ହ୍ରାସ ସମ୍ଭାବନା ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ୍ ନୀତିକୁ ନେଇ ଲାଗିରହିଥିବା ଅନିଶ୍ଚିତତା ଯୋଗୁଁ ସୁନା ଏବଂ ରୁପା ମୂଲ୍ୟରେ ଏହି ବୃଦ୍ଧି ଦେଖାଯାଇଥିବା କୁହାଯାଉଛି।

## ୧୦୦୦ରୁ ଊର୍ଦ୍ଧ୍ୱ ମୃତ...

ଭାରତର ଗୁରୁଗ୍ରାମରେ ଭୂକମ୍ପର ମୃଦୁ ଝଟ୍‌କା ମଧ୍ୟ ଅନୁଭୂତ ହୋଇଥିଲା। ଏହି ଭୂକମ୍ପକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଭାବିତ ଲୋକଙ୍କୁ ଭାରତ ଯଥାସମ୍ଭବ ମାନବିକ ସହାୟତା ଏବଂ ଆଶ୍ୱସ୍ତି ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି କହିଛନ୍ତି। ଏହା ପରେ ଭାରତର ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ନିଜ ଆଫଗାନ ସମକକ୍ଷ ମାୱାଲାୱି ଅମିର ଖାନ ମୁତାକିଙ୍କ ସହ କଥା ଗଭୀର ଶୋକ ପ୍ରକାଶ କରିଥିଲେ। ଭାରତ ରିଲିଫ ସାମଗ୍ରୀ ପଠାଇ ଦେଇଛି ବୋଲି ସୂଚନା ଦେଇଥିଲେ। ତତ୍କାଳ ସହାୟତା ଭାବେ ଭାରତ ହଜାରେ ପରିବାର ପାଇଁ ଟେଣ୍ଟ, ୧୫ ଟନ୍ ଖାଦ୍ୟ ସାମଗ୍ରୀ ପଠାଇଥିବା ସୂଚନା ଦେଇଥିଲେ।

ଏହି ଭୂକମ୍ପରେ କୁନାରର ନୁର୍ଗାଲ୍ ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ଏକ ଗାଁ ଲୋପ ପାଇ ଯାଇଛି। ଗ୍ରାମବାସୀ ଅବଶେଷ ତଳେ ଫସି ରହିଛନ୍ତି। ଜଣେ ପ୍ରତ୍ୟକ୍ଷଦର୍ଶୀ ସହାୟତା ପାଇଁ ନିବେଦନ କରିଛନ୍ତି। ପୂର୍ବ ଆଫଗାନିସ୍ତାନ ଏହି ପାର୍ବତ୍ୟାଞ୍ଚଳରେ ଆସିଥିବା ଭୂକମ୍ପ ଯୋଗୁଁ ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇଯାଇଛି। ବର୍ତ୍ତି ଯାଇଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ସେ ଆଖି ସାମ୍ନାରେ ଘର ଭାଙ୍ଗି ପଡୁଥିବା ଏବଂ ଲୋକେ ସାହାଯ୍ୟ ପାଇଁ ଚିତ୍କାର କରୁଥିବାର ଦେଖିଛନ୍ତି। ସାଦିକୁଲ୍ଲାହ କହିଛନ୍ତି ଯେ ସେ ଏକ ବଡ଼ ଝଡ଼ ପରି ଶବ୍ଦ ହେବାରୁ ସେ ନିଦରୁ ଉଠି ପଡିଥିଲେ। ପରେ ସେ ପିଲାମାନଙ୍କ ପାଖକୁ ଦୌଡ଼ି ପଳାଇଥିଲେ। ସେ ମାତ୍ର ତିନି ଜଣଙ୍କୁ ବଞ୍ଚାଇ ପାରିଥିଲେ। ପରିବାରର ଅନ୍ୟ ସଦସ୍ୟଙ୍କୁ ବଞ୍ଚାଇବା ପାଇଁ ଯାଉଥିବାବେଳେ କୋଠାଟି ଭୁଶୁଡି ତାଙ୍କ ଉପରେ ପଡ଼ି ଯାଇଥିଲା।

## ୨୪ ଘଣ୍ଟାରେ ଲଘୁଚାପ...

ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହୋଇଛି। ଗତ ୩୬ ଘଣ୍ଟାରେ ଦେବଗଡ଼ ୫୫ ମିମି ବର୍ଷା ହୋଇଥିବା ବେଳେ ଗୋପାଳପୁରରେ ୩୪, ଝାରସୁଗୁଡ଼ାରେ ୧୭, ପାରଳାଖେମୁଣ୍ଡି ୩୩, ଖୋର୍ଦ୍ଧା ୩୧ ଓ ନବରଙ୍ଗପୁରରେ ୧୭ ମିମି ବର୍ଷା ରେକର୍ଡ ହୋଇଛି। ଲଘୁଚାପ ପରେ ବର୍ଷାର ପ୍ରଭାବ ଆହୁରି ବଢ଼ିବା ଆଶଙ୍କା କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ସେପ୍ଟେମ୍ବର ୨ ରୁ ୪ ତାରିଖ ମଧ୍ୟରେ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ପବନର ବେଗ ୩୦-୪୦ କିଲୋମିଟର ଓ ଝଟକା ପବନ ଘଣ୍ଟାପ୍ରତି ୫୦ କିମି ପହଞ୍ଚିବାର ଆଶଙ୍କା ରହିଛି। ଏଥିପାଇଁ ଓଡ଼ିଶା ଉପକୂଳ ଏବଂ ଉତ୍ତର ବଙ୍ଗୋପସାଗରରେ ସମୁଦ୍ର ସ୍ଥିତି ଅଶାନ୍ତ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନଯିବାକୁ ପାଣିପାଗ ବିଭାଗ ପରାମର୍ଶ ଦେଇଛି।

ଚଳିତ ବର୍ଷ ମୌସୁମୀ ଋତୁରେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୮୭୪ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟ ସୁଦ୍ଧା ସ୍ୱାଭାବିକ ବର୍ଷା ୯୨୨ ମିମି ତୁଳନାରେ ବର୍ଷାର ପରିମାଣ ୫ ପ୍ରତିଶତ କମ୍ ରହିଛି। ଜିଲ୍ଲାୱାରୀ ସ୍ଥିତି ଦେଖିଲେ ୯ ଟି ଜିଲ୍ଲରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ୪ ଜିଲ୍ଲାରେ ସ୍ୱାଭାବିକଠୁ ଅଧିକ ଓ ବାକି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି।

## ଶିକ୍ଷକ ଯୋଗ୍ୟତା...

ଚୂଡ଼ାନ୍ତ ରାୟ ପାଇଁ ସୁପ୍ରିମ୍‌କୋର୍ଟ ମୁଖ୍ୟ ବିଚାରପତିଙ୍କ ନିକଟକୁ ମାମଲା ସ୍ଥାନାନ୍ତର କରାଯାଇଛି। ସୂଚନାଯୋଗ୍ୟ, ଏହି ଶିକ୍ଷା ଅଧିକାର ଆଇନ୍ (ଆର୍‌ଟିଇ) ଅନୁଯାୟୀ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ ରହିଛି। ଓଡ଼ିଶା କ୍ଷେତ୍ରରେ ପ୍ରାଥମିକ ଶିକ୍ଷକଙ୍କ ପାଇଁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)କୁ ୨୦୧୧ ମସିହାରୁ ବାଧ୍ୟତାମୂଳକ କରାଯାଇଛି। ୨୦୧୨ ମସିହାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ପଦୋନ୍ନତି ପାଇଁ ଓଟିଇଟି ବାଧ୍ୟତାମୂଳକ କରାଯାଇଛି। ଏଯାଏଁ ରାଜ୍ୟର ପ୍ରାୟ ୮୦ ହଜାରରୁ ଅଧିକ ଶିକ୍ଷକ ଓଟିଇଟି ପରୀକ୍ଷାରେ କୃତକାର୍ଯ୍ୟ ହୋଇନାହାନ୍ତି। କେବଳ ପଦୋନ୍ନତି ଆଶାୟୀ ଥିବା ପ୍ରାୟ ୭୫ ହଜାର ଶିକ୍ଷକ ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଦେବେ। ସମ୍ପ୍ରତି ଦୁଇବର୍ଷ ମଧ୍ୟରେ ଓଟିଇଟି (ଓଡ଼ିଶା କ୍ଷେତ୍ରରେ) ପାସ୍ କରିବାକୁ ରାୟ ଦେଇଥିବାରୁ ଶିକ୍ଷକଙ୍କ ମଧ୍ୟରେ ଭାଲେଣି ପଡ଼ିଛି। କିଛି ଶିକ୍ଷକ ୩ରୁ ଅଧିକ ଥର ପରୀକ୍ଷା ଦେଇଥିଲେ ମଧ୍ୟ କୃତକାର୍ଯ୍ୟ ହୋଇ ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଆଜିଠୁ ଦୁଇବର୍ଷ ମଧ୍ୟରେ ଓଟିଇଟି ପାସ୍ ନ କଲେ ଅନେକ ଚାକିରି ହରାଇବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି।

ଅପରପକ୍ଷରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ଓଡ଼ିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଏସ୍‌ଏସ୍‌ଟିଇଟି) ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ବାଧ୍ୟତାମୂଳକ କରାଯାଇଛି। ୨୦୧୩ ମସିହାଠାରୁ ନିଯୁକ୍ତ ହୋଇଥିବା ଶିକ୍ଷକମାନେ ଏହି ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ହେଲେ ଏହା ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ କ୍ଷେତ୍ରରେ ଏହାକୁ ବାଧ୍ୟତାମୂଳକ କରାଯାଇ ନ ଥିଲା। ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ମାଧ୍ୟମିକ ଶିକ୍ଷକଙ୍କ କ୍ଷେତ୍ରରେ ମଧ୍ୟ ଏହାକୁ ବାଧ୍ୟତାମୂଳକ କରାଯିବ। ଫଳରେ ଓଏସ୍‌ଏସ୍‌ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ପାରିଲେ ମାଧ୍ୟମିକ ଶିକ୍ଷକମାନେ ମଧ୍ୟ ଚାକିରି ହରାଇବେ ବୋଲି ଆଇନଜ୍ଞମାନେ ମତବ୍ୟକ୍ତ କରିଛନ୍ତି। ରାଜ୍ୟର ବିଭିନ୍ନ ଶିକ୍ଷକ ସଂଗଠନ ରାୟକୁ ଦୁର୍ଭାଗ୍ୟଜନକ କହିବା ସହ ପୁନଃ ବିଚାର ପାଇଁ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ବିଚାର କରୁଥିବା କହିଛନ୍ତି।

## ୪ ଦିନିଆ ଦିଲ୍ଲୀ ଗସ୍ତରେ...

ଏହାକୁ ଗୁରୁତର ସହ ନେଇ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାମ କରିବାକୁ ରାଜ୍ୟର ଛାମୁଆ ନେତାମାନଙ୍କୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶ ଆଧାରରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପାଇଁ ରାଜ୍ୟ ନେତୃତ୍ୱଙ୍କ ମଧ୍ୟରେ ସହମତି ଆସିଥିବା ମଧ୍ୟ କୁହାଯାଇଛି। ଏହି ସହମତି ପତ୍ରକୁ ନେଇ ମୋହନ ଦିଲ୍ଲୀ ଗସ୍ତରେ ଯାଇଥିବା ବେଳେ ଏହା ଉପରେ ମୋହର ବାଜିପାରେ। ଯଦି ସବୁ ଠିକ୍‌ଠାକ୍ ରହେ ତାହେଲେ ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି।

ସେହିପରି ମୋହନଙ୍କ ଏହି ଦିଲ୍ଲୀ ଗସ୍ତ ଅବସରରେ ରାଜ୍ୟରେ ବିଜେପି ସଂଗଠନ ବୃଦ୍ଧି, ବୋର୍ଡ ନିଗମ ନିଯୁକ୍ତି ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହେବାର ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏନେଇ ସରକାର କିମ୍ବା ସଂଗଠନ ପକ୍ଷରୁ କିଛି କୁହାଯାଉନଥିବା ବେଳେ ଚଳିତ ଦିଲ୍ଲୀ ଗସ୍ତରେ ନିଶ୍ଚିତ ଠୋସ୍ ନିଷ୍ପତ୍ତି ନିଆଯିବ ବୋଲି ଦଳର ଜଣେ ବରିଷ୍ଠ ନେତା ସୂଚନା ପ୍ରଦାନ କରିଛନ୍ତି।

ତିନିଦିନ ତଳେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ସାକ୍ଷାତ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କି ଆଲୋଚନା ହୋଇଥିଲା ତାହା ସୂଚନା ମିଳି ନ ଥିଲେ ହେଁ ରାଜ୍ୟରେ ଶିକ୍ଷା ବ୍ୟବସ୍ଥାର ବିକାଶ ସମ୍ପର୍କରେ ଉଭୟ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଥିବା କୁହାଯାଇଥିଲା। ମାତ୍ର ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉଭୟଙ୍କ ମଧ୍ୟରେ ରାଜ୍ୟରେ ସମ୍ଭାବ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ ବୋଡର୍ ନିଯୁକ୍ତି ସମ୍ପର୍କରେ ଆଲୋଚନା ହୋଇଛି। ଗତ ବର୍ଷକ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରାଜ୍ୟ ସରକାରଙ୍କ କିଛି ମନ୍ତ୍ରୀଙ୍କ ଭୂମିକା ଓ କାର୍ଯ୍ୟକୁ ନେଇ ନିଜେ ମୁଖ୍ୟମନ୍ତ୍ରୀ ଖୁସି ନାହାନ୍ତି । ସେହିପରି ଅନେକ ମନ୍ତ୍ରୀଙ୍କ କାର୍ଯ୍ୟ ମଧ୍ୟ ସନ୍ତୋଷଜନକ ହୋଇନାହିଁ । ବିଭିନ୍ନ ପ୍ରସଙ୍ଗରେ ସରକାର ବିବାଦକୁ ନିମନ୍ତ୍ରଣ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ତେଣୁ କେନ୍ଦ୍ରୀୟ ନେତୃତ୍ୱଙ୍କ ପରାମର୍ଶକ୍ରମେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି ଏହି ପ୍ରସଙ୍ଗରେ ଆଲୋଚନା କରି ନିଷ୍କର୍ଷ ବାହାର କରିବାକୁ ଉଦ୍ୟମ କରିଛନ୍ତି ।

## ୯୦ ଟଙ୍କା ସ୍ତର...

ଗୁରୁତ୍ୱପୂର୍ଣ୍ଣ ସ୍ତର ତଳକୁ ଖସିଯାଇପାରେ। ଏକ ରିପୋର୍ଟ ଅନୁଯାୟୀ, ମୁଦ୍ରା ବଜାର ବିଶେଷଜ୍ଞମାନେ ଆକଳନ କରୁଛନ୍ତି ଯେ, ଟଙ୍କା ମୂଲ୍ୟ ଦୁର୍ବଳ ହେବାର ମୁଖ୍ୟ କାରଣ ହେଉଛି ଆମେରିକା ଦ୍ୱାରା ଭାରତ ଉପରେ ଲଗାଯାଇଥିବା ୫୦ ପ୍ରତିଶତ ଉଚ୍ଚ ଶୁଳ୍କ। ବ୍ଲୁମବର୍ଗର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଏ ପର୍ଯ୍ୟନ୍ତ, ଡଲାର ତୁଳନାରେ ଟଙ୍କା ୨.୯୪ ପ୍ରତିଶତ ଦୁର୍ବଳ ହୋଇଛି। ଗତ ତିନି ବର୍ଷ ମଧ୍ୟରେ ଏହି ସମୟରେ ଭାରତୀୟ ମୁଦ୍ରା ମୂଲ୍ୟରେ ସବୁଠାରୁ ବଡ଼ ହ୍ରାସ ବୋଲି ବିବେଚନା କରାଯାଉଛି।

## କେକ୍ ନେବାକୁ ଆସିଥିବା...

ସୂଚନାନୁଯାୟୀ, ଉମାକାନ୍ତଙ୍କ ଝିଅର ଆଜି ଜନ୍ମଦିନ ଥିଲା। ଏଥିପାଇଁ ପରିବାରରେ ଖୁସିର ମାହୋଲ ଥିଲା। ଅପରାହ୍‌ଣରେ ଉମାକାନ୍ତ ଏକ କେକ୍ ଆଣିବା ପାଇଁ ସୋର ବଜାର ଅଭିମୁଖେ ଆସୁଥିଲେ। ଏହି ସମୟରେ ବାଗୁଡ଼ିବଜାର ନିକଟ ଭଗବତୀ ଟ୍ରେଡର୍ସ ସମ୍ମୁଖରେ ପଛରୁ ଆସୁଥିବା ଏକ ପଥର ବୋଝେଇ ଡମ୍ପର୍‌ଟି ତାଙ୍କୁ ପଛରୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ଦୁର୍ଘଟଣା ଘଟାଇବା ପରେ ଡମ୍ପର ଚାଳକ ଏବଂ ଖଲାସୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଛନ୍ତି।

ବିଜ୍ଞାପିତ ଅଚଂଳ ପରିଷଦ, ପଦ୍ମପୁର
OFFICE OF THE NOTIFIED AREA COUNCIL, PADAMPUR
DIST:-BARGARH (ODISHA) PIN-768036,Email-nac.padampur@gmail.com, Ph.06683-223436

ପଦ୍ମପୁର ବିଜ୍ଞାପିତ ଅଚଂଳ ପରିଷଦ ସହରବାସୀଙ୍କୁ ନୂଆଖାଇ ପର୍ବ ଏବଂ ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ସହ ସହରକୁ ପରିଷ୍କାର ପରିଚ୍ଛନ୍ନ, ସୌନ୍ଦର୍ଯ୍ୟକରଣ ଓ ନିମ୍ନ ବିଷୟ ରେ ଆପଣମାନଙ୍କର ସହଯୋଗ କାମନା କରୁଅଛୁ।
୧-ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବାରେ ସହଯୋଗ କରନ୍ତୁ।
୨-ଠିକ୍ ସମୟରେ ଟିକସ ପଇଠ କରନ୍ତୁ।
୩-ପରିଷଦରୁ ଆବଶ୍ୟକୀୟ ମଞ୍ଜୁରୀ ନେଇ ଘର ତିଆରି କରନ୍ତୁ।
୪-ଗୃହପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ଛାଡନ୍ତୁ ନାହିଁ।
୫-ପଲିଥିନ ବ୍ୟବହାର ବର୍ଜନ କରନ୍ତୁ।
୬-ପରିଷଦରେ ନୂତନ ଘର ନକ୍ସା ମଞ୍ଜୁର କରାଇ ଘର ନିର୍ମାଣ କରନ୍ତୁ।
୭-ନିର୍ଦ୍ଧାରିତ ସମୟରେ ଲାଇସେନ୍ସ ନବୀକରଣ କରନ୍ତୁ।
୮- ବାହାରେ ମଳତ୍ୟାଗ କରନ୍ତୁ ନାହିଁ ଓ ନିଜ ନିଜ ଶୌଚାଳୟ ବ୍ୟବହାର କରନ୍ତୁ।

ଶ୍ରୀଯୁକ୍ତ ରାମ ଚନ୍ଦ୍ର ମାଝୀ,ଓ.ପ୍ର.ସେ(କନିଷ୍ଠ), ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର
ଶ୍ରୀମତୀ ଭାରତୀ ପଟ୍ଟନାୟକ, ଉପାଧକ୍ଷା, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର ଓ ସମସ୍ତ ସଭ୍ୟ/ସଭ୍ୟା ବୃନ୍ଦ
ଶ୍ରୀମତୀ ସାବିତ୍ରୀ ବାଗ, ଅଧକ୍ଷା, ବିଜ୍ଞାପିତ ଅଚଂଳ ପରିଷଦ,ପଦ୍ମପୁର

ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

ପବିତ୍ର ସ୍ୱାୟତ୍ତ ଶାସନ ଦିବସ - ୨୦୨୫ (Dt.୩୧.୦୮.୨୦୨୫)
ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

ନିବେଦନ
୧) ପରିଷଦର ସମସ୍ତ ଦେୟ ଯଥା :- ଘରଟିକସ, ଟ୍ରେଡ ଲାଇସେନ୍ସ ଫି ଏବଂ ଦୋକାନ ଭଡା ଇତ୍ୟାଦି ଠିକ ସମୟରେ ପଇଠ କରନ୍ତୁ।
୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ ସମୟରେ ପଇଠ କରନ୍ତୁ।

" କଣ୍ଟାବାଞ୍ଜି ସହର ଆପଣମାନଙ୍କର
ଏହାର ସୁରକ୍ଷା ଦାୟୀତ୍ୱ ଆମସମସ୍ତଙ୍କର "

ଶ୍ରୀମତୀ ମନୋରମା ରାଉତ, ଉପାଧକ୍ଷା
ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା, ଅଧକ୍ଷ
ଶ୍ରୀଯୁକ୍ତ ବିଶନାଥ ଖାଲଖୋ, କାର୍ଯ୍ୟନିର୍ବାହୀ ଅଧିକାରୀ
ଓ ସମସ୍ତ କାଉନସିଲର ବୃନ୍ଦ,
ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି।

AFFIDAVIT
I, Ram Kumar Agrawal, S / O - Tara Chand Agarwal, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha, declare by this affidavit No - 74AA131808, dated - 30.08.2025, that now onwards I shall be known as **RAM KUMAR AGARWAL** for all future porpuses.

AFFIDAVIT
By virtue of an affidavit sworn before Executive Magistrate, Nayagarh, CF.NO-1/2, dated 14-11-2022 I, **PABANA LENKA,** S/o Late Matia Lenka permanent resident of Village At- Badagorada, PO- Sarankul, Dist- Nayagarh, State- Odisha, declare that I have changed my name from **PRANA NATH LENKA** (Old name) to **PABANA LENKA** (New name). Pabana Lenka & Prana Nath Lenka, S/o Late Matia Lenka is same & one person. Henceforth, I shall be known as **PABANA LENKA** for all future purposes.
Sd-( **PABANA LENKA** )

AFFIDAVIT
I, Mamta Agrawal, D/O - Brij Bhan Gupta, resident of AT - Civil Township, Rourkela, PS - Raghunathpali, Dist - Sundargarh, Odisha,declare by this affidavit No - 74AA131809, dated -30.08.2025,that now onwards I shall be known as **MAMTA AGARWAL** for all future purposes.

CHANGE OF NAME
By virtue of an affidavit sworn before Executive Magistrate Bhubaneswar, dated 30/08/2025, I **AKSHAYA KUMAR SUKAL,** resident of Plot No-131/2699, Ekamra Vihar, Sundarpada, Po-Oldtown, PS-Airfield, Bhubaneswar, Dist-Khordha, Pin-751002, Odisha declare by this affidavit CF No.71/2025 that I have changed the name of my son from **Ayush Omkar** (old name) to **Ayush Omkar Sukla** (new name). Henceforth, he shall be known as **AYUSH OMKAR SUKLA** (new name) for all purposes.
**AKSHAYA KUMAR SUKAL**
Deponent

AFFIDAVIT
I KILLAMSETTY SIVARANJANI, W/o KILLAMSETTY JAIDEV (K.JAIDEV) resident of MAIN Road, Near Indian Book Store, Po/PS- Jeypore, Dist-Koraput, Odisha -764001, Odisha declare by this Affidavit No.3580, Dated - 29/08/2025, that now onwards I shall be known as **K SIBARANJANI** for all future purpose.

AFFIDAVIT
I, Minakshi Sahu, aged about 37 years, W/o- Sibaram Sahu, resident of At- Bada Sahi, Haridakhandi, Berhampur, Dist- Ganjam, Pin- 760002, Odisha declared by this affidavit No. 1763, dtd- 29/08/2025 that now onwards I shall be known as **MEENAKSHI SAHU** for all future purposes.

AFFIDAVIT
By virtue of an affidavit no. 5644, dtd. 25.08.2025 sworn before the Executive Magistrate, Bangonunda, Dist.- Balangir, I, Chanda Tahani, have changed my name from Chanda Yadav to Chanda Tahani. Henceforth I shall be known as **Chanda Tahani** for all purposes.
**Chanda Tahani**

AFFIDAVIT
I, Somaresh Samal, aged about 51 years, S/o- Dipti Prakash Samal, resident of At- Kapaleswar, PO- Choudwar, Dist- Cuttack, Pin- 754071, Odisha declared by this affidavit No. 1784, dtd- 01/09/2025 that now onwards I shall be known as **SAMARESH SAMAL** for all future purposes.

AFFIDAVIT
I, Mohsina Parveen, W/o Mohammed Gouse, At- Pardeshipada, Po- Bhawanipatna, Ps-Town Bhawanipatna, Dist- Kalahandi, Pin- 766001, State- Odisha, declare by this affidavit No- 1976, dated 30/08/2025 that now onwards I shall be known as Mohasina Parveen for all future purposes.
Sd- ( Mohasina Parveen )

AFFIDAVIT
I, Vasudha, aged about 40 years, W/o- Sumit Mittal, resident of At- QTR NO- ME 101, Vedanta Meadows, Jharsuguda, Pin- 768201, Odisha declare by this affidavit No. 07, dtd- 30/06/2025, that now onwards I shall be known as **VASUDHA SINGHAL** for all future purposes.

Notice (for Minor)
By virtue of an affidavit sworn before The court of Executive Magistrate, Betnoti, Mayurbhanj, dated 01-08-2025 I, Biswanatha Hembram, AT- Gargadia (Dhadasahi, PO- Agria, PS- Baisinga, Dist- Mayurbhanj, PIN- 757025 declare that I have changed the name,Date of birth, father's name, mother's name and adress of my grand daughter from Chandini Sing, Date of Birth 04.04.2010, D/O (L) Kundu Sing and (L) Gita Sing At Baliapita, PO: Durgapur, PS: Baisinga, Betnoti Block, Mayurbhanj District to Sukanti Hembram, Date of Birth 21.03.2011, D/O (L). Kundu Hembram ( Father), (L) Geeta Hembram ( Mother) At Gargadia ( Dhadasahi), PO; Agria, PS: Baisinga. Dist. Mayurbhanj PIN 757025, Odisha. Henceforth, she shall be known as Sukanti Hembram for all purposes.
**Biswanatha Hembram**

AFFIDAVIT
By virtue of an affidavit No. 7599 sworn before the Executive Magistrate, Jajpur, dated- 05/08/2025. I, **Shaikh Mustaque Ali,** S/o- Shaik Ahmed Ali, resident of Vill/Po- Adangapurusottampur, Ps- Jajpur Sadar, Dist- Jajpur, Odisha, Pin- 755007, I have changed my name from **Shaikh Mustaque Ali** (Old name) to **Shaik Mustaque Ali** (New name) for all future purposes.

ପୂର୍ବ ତଟ ରେଳପଥ
ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025033, ତା.21.08.2025ରିଖ
**କାର୍ଯ୍ୟର ନାମ :** ଭଦ୍ରକ ରେଳ ଷ୍ଟେସନର ପୁନଃବିକାଶ ସମ୍ବନ୍ଧୀୟ ବିଦ୍ୟୁତୀକରଣ ଏବଂ ଦୂରସଂଚାର କାର୍ଯ୍ୟ ସହିତ ରିୟର ସାଇଡ୍ ଷ୍ଟେସନ ଭବନର ନିର୍ମାଣ, ଫୁଟ୍ ଓଭର ବ୍ରିଜ୍ (FOB)ର ନିର୍ମାଣ, ପ୍ଲାଟଫର୍ମର ନିର୍ମାଣ/ନବୀକରଣ, ବର୍ତ୍ତମାନର ସଂରଚନାକୁ ଭାଙ୍ଗିବା ଏବଂ ସ୍ଥାନାନ୍ତର କରିବା, ଉପଯୋଗୀ ସାମଗ୍ରୀଗୁଡ଼ିକର ସ୍ଥାନାନ୍ତରଣ, ପରିଚଳନ କ୍ଷେତ୍ରର ଉନ୍ନୟନ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମୂହ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 4340.99 ଲକ୍ଷ, EMD : ₹ 23,20,500/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଟର୍ଡ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-90/CI/25-26

● ଦାନ୍ତିଆମୁହାଁ-ଭାଲିଆ ରାସ୍ତାରେ କାଦୁଅ ପଚପଚ

# ଠିକାଦାରଙ୍କ ମନମାନି ପାଇଁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା



ବେତନଟୀ, ୧।୯ (ସମିସ): ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖରେ ଚାଲିଥିବା ଦାନ୍ତିଆମୁହାଁ-ଭାଲିଆ ରାସ୍ତା ନିର୍ମାଣ ଓ ବେତନଟୀ-ମୋରଡ଼ା ବ୍ଲକ ସୀମାନ୍ତ ମାଛୁଆଖୋଳ ନାଳ ଉପରେ ପୋଲ ନିର୍ମାଣ ଅବହେଳା ଓ ଠିକାଦାରଙ୍କ ମନମାନି ଯୋଗୁଁ ଲୋକେ ଦୁର୍ଦ୍ଦଶା ଭୋଗଛନ୍ତି। ପ୍ରକଳ୍ପରେ ଅଯଥା ବିଳମ୍ବ ହେଉଥିବା ବେଳେ ଠିକାଦାର ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟି ନ ଦେଇ ମନମାନି ଚଳାଇଛନ୍ତି। ରାସ୍ତାର ଅବସ୍ଥା ବିପର୍ଯ୍ୟସ୍ତ ହୋଇଥିବାରୁ ଚାଲିକରି କିମ୍ବା ଦୁଇଚକିଆ ଯାନରେ ଯିବା ସମ୍ଭବ ହେଉନି। ଏହା କେବଳ ଠିକାଦାରଙ୍କ ଯୋଗୁଁ ଏଭଳି ଅବ୍ୟବସ୍ଥା ହୋଇଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ଅପାରଗତା ମଧ୍ୟ ଏଥିପାଇଁ ଦାୟୀ। ଏ ନେଇ କନିଷ୍ଠ ଯନ୍ତ୍ରୀ ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରୁ ବେତନଟୀ ସବ୍ ଡିଭିଜନରେ ଏସଡିଓ ନ ଥିବାରୁ ଡିଭିଜନ ଆମକୁ ଦାୟିତ୍ୱ ନ ଦେଇ ବାରିପଦା ସବ୍-ଡିଭିଜନକୁ ଦାୟିତ୍ୱ ଦିଆଯାଇଛି। ଚିତ୍ରଡା କନିଷ୍ଠ ଯନ୍ତ୍ରୀ ମହାନ୍ତ ବାବୁ ଦାୟିତ୍ୱରେ ଅଛନ୍ତି। ଏ ନେଇ ଚିତ୍ରଡା କନିଷ୍ଠ ଯନ୍ତ୍ରୀ ମହାନ୍ତ ବାବୁଙ୍କୁ ପଚାରିବାରୁ ଠିକାଦାର ମୋ କଥା ଶୁଣୁ ନାହାଁନ୍ତି କି ମାନୁ ନାହାଁନ୍ତି ବୋଲି କହିଛନ୍ତି। ବାରିପଦା ଏସଡିଓ ଦାୟିତ୍ୱରେ ଥିବା ଯନ୍ତ୍ରୀ ସୁକୁମାର ବାବୁଙ୍କୁ ପଚାରିବାରୁ ଏହା ବାରିପଦା ସବ୍-ଡିଭିଜନର ଦାୟିତ୍ୱ ହୋଇଥିବାରୁ ଯନ୍ତ୍ରୀମାନେ ୩୦ କିମି ଦୂରରୁ ଆସି ତଦାରଖ କରିବା ଅସମ୍ଭବ। ଠିକାଦାର ନିଜର ମନଇଛା ବର୍ଷା ଦିନେ ମୋରମ ପକାଇଥିବାରୁ ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇଛି। ତଥାପି ଠିକାଦାରଙ୍କ ସହିତ କଥାହୋଇ ଡଷ୍ଟ ପକାଇବାକୁ କହିବ ବୋଲି କହିଛନ୍ତି। ରାସ୍ତା ନିର୍ମାଣ ସମୟରେ କୌଣସି ବିଭାଗୀୟ ଅଧିକାରୀ ରହୁ ନ ଥିବାରୁ ଠିକାଦାର ମନଇଛା କାମ କରୁଛି। ବିଶେଷକରି ରବିବାର ଓ ଗୁରୁବାର ଦାନ୍ତିଆମୁହାଁରେ ସାପ୍ତାହିକ ହାଟ୍ ବସୁଥିବାରୁ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରନ୍ତି। ରାସ୍ତାର ଦୁର୍ଦ୍ଦଶା ଯୋଗୁଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଏହି ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆ ନ ଯାଏ, ତେବେ ଦୁର୍ଘଟଣା ଓ ଆହତଙ୍କ ସଂଖ୍ୟା ବୃଦ୍ଧି ପାଇବ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଅନ୍ୟଥା, ଅଞ୍ଚଳବାସୀଙ୍କ କ୍ଷୋଭ ଆନ୍ଦୋଳନରେ ପରିଣତ ହେବ ବୋଲି ସ୍ଥାନୀୟ ବାସିନ୍ଦା ଅର୍ଜୁନ ପାତ୍ର କହିଛନ୍ତି।

ଗାଁରୁ ଦେଶୀ ମଦ ଭାଟି ଉଠିବା ପ୍ରସଙ୍ଗ

# ହଦଗୋଟ ଗ୍ରାମବାସୀଙ୍କ ରାସ୍ତାରୋକ ସ୍ଥଗିତ

**ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଚେତାବନୀ**

କପ୍ତିପଦା, ୧।୯ (ସମିସ): କପ୍ତିପଦା ବ୍ଲକ ମାଙ୍କଡ଼ପଡ଼ା ଗ୍ରାମପଞ୍ଚାୟତ ହଦଗୋଟ ଗ୍ରାମରେ ଥିବା ଦେଶୀ ମଦ ଭାଟି ବନ୍ଦ ନ ହେଲେ ସେପ୍ଟେମ୍ବର ୧ ତାରିଖରେ ଗୋଲେଇ ନିକଟରେ ଦିଆଯାଇଥିବା ରାସ୍ତାରୋକ ଡାକରାକୁ ସ୍ଥଗିତ ରଖାଯାଇଛି। ଏ ନେଇ ଗ୍ରାମବାସୀଙ୍କ ତରଫରୁ ନିଷ୍ପତ୍ତି ନିଆଯାଇ ଏକ ଲିଖିତ ଦରଖାସ୍ତ ଜିଲ୍ଲା ପ୍ରଶାସନ ଓ କପ୍ତିପଦା ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ଗ୍ରାମରେ ୧୭ ବର୍ଷ ହେଲା ଏକ ଦେଶୀ ମଦଭାଟି ରହିଛି। ସବୁଠାରୁ ଦୁଃଖର କଥା ମାତ୍ର ୫୦ ମିଟର ଦୂରରେ ଅଛି ଏକ ପ୍ରାଥମିକ ବିଦ୍ୟାଳୟ। ପଚା ଗନ୍ଧରେ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନେ ଅତିଷ୍ଠ ହୋଇପଡ଼ିଲେଣି। ଫଳରେ ପାଠପଢ଼ାଇବା ବହୁ କଷ୍ଟକର ହେଉଛନ୍ତି। ମଦଭାଟିକୁ ବିରୋଧକରି ଗ୍ରାମବାସୀ ଆନ୍ଦୋଳନ ଏବଂ ଧାରଣା ଦେଇଛନ୍ତି। ଏପରିକି ଏ ନେଇ ପୂର୍ବର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଅବକାରୀ ବିଭାଗ ତରଫରୁ ଦୁଇଥର ତଦନ୍ତ ହୋଇଥିବା ସରପଞ୍ଚଙ୍କ ସୂତ୍ରରୁ ଜଣାପଡ଼ିଛି। ଗ୍ରାମବାସୀଙ୍କ ତରଫରୁ ଜିଲ୍ଲା ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସରପଞ୍ଚଙ୍କ ଜରିଆରେ ଏକ ଦାବିପତ୍ର ମଧ୍ୟ ଦିଆଯାଇଥିବା ବେଳେ ଗତ ସୋମବାର ଉପଖଣ୍ଡ ସ୍ତରୀୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ମଧ୍ୟ ଏକ ସ୍ମାରକପତ୍ର ଦିଆଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଓ ଉପଖଣ୍ଡ ଅବକାରୀ ଅଧିକାରୀ ତଦନ୍ତ କରି ଫେରିଛନ୍ତି; କିନ୍ତୁ ତଦନ୍ତ ବାଟବଣା ହୋଇଥିବା ନେଇ ଅଭିଯୋଗର ତଦନ୍ତ ଦାବି ହେଉଛି। ତଦନ୍ତ ପୂର୍ବରୁ ଭାଟି ମାଲିକ କିଛି ଲୋକଙ୍କୁ ମଦ ମାଂସ ଭୋଜି ଦେଇ ତଦନ୍ତକୁ ଠିକ ବାଟରେ ଯିବାକୁ ଦେଇ ନାହାନ୍ତି। ଯେଉଁମାନେ ମଦ ଭାଟିକୁ ବିରୋଧ କରିବେ ସରକାର ତାଙ୍କର ଜାଗା ଉଚ୍ଛେଦ କରିଦେବାର ଭୟ ଦେଖାଇଛନ୍ତି। କିଛି ନିରୀହ ଆଦିବାସୀ ଲୋକଙ୍କୁ ମଦ ମାଂସର ପ୍ରଲୋଭନ ଦେଖାଇ ଗାଁରେ ବିଶୃଙ୍ଖଳା ସୃଷ୍ଟି କରାଉଛନ୍ତି। ଅବକାରୀ ବିଭାଗ ମଦ ଭାଟିରୁ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମାପ କରିଥିବା ବେଳେ ମଦର ଗନ୍ଧ କ'ଣ ରାସ୍ତା ଦେଇ ବୁଲି ବୁଲି ଯିବକି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ତେବେ ତଦନ୍ତ ରିପୋର୍ଟ ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା କରିଛନ୍ତି ଗ୍ରାମବାସୀ।

ଆଗାମୀ ଦିନରେ ଭାଟି ସ୍ଥାନାନ୍ତର ନ ହେଲେ ଗ୍ରାମବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଏବଂ ଆବଶ୍ୟକ ପଡ଼ିଲେ ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା କରିବାକୁ ବାଧ ହେବୁ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଦେବେନ୍ଦ୍ର ପରିଡ଼ା, ରାଉତରାୟ ହାଁସଦା, ଚିନୁ ମାରାଣ୍ଡି, ସାଙ୍ଗ ହାଁସଦା, ଭୁତଲ ମାରାଣ୍ଡି, ରବି ମୁର୍ମୁ, ୱାର୍ଡ ମେମ୍ବର ରାମ ହାଁସଦା, ମେଘରାଦ ସିଂ, ଭଗବାନ ସୋରେନ, ମଙ୍ଗଳ ମାରାଣ୍ଡି, ସନ୍ତୋଷ ପରିଡ଼ା, ଅବନୀ ବିନ୍ଧାଣୀ, ଲକ୍ଷ୍ମଣ ହାଁସଦା ପ୍ରକାଶ କରିଛନ୍ତି। ଏ ନେଇ ମାଙ୍କଡପଡ଼ା ସରପଞ୍ଚ କ୍ଷେତ୍ରମୋହନ ଟୁଡୁଙ୍କୁ ଯୋଗାଯୋଗ କରିବାରୁ ଗାଁ ମଝିରୁ ମଦ ଭାଟି ଖାଲିଥିବା ଜାଗାକୁ ସ୍ଥାନାନ୍ତର ହେବା ଉଚିତ। ଏହି ଭାଟି ପାଇଁ ଲୋକଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହେଉଛି। ଭବିଷ୍ୟତରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ବ୍ୟାଘାତ ସୃଷ୍ଟି ହେବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନ ପାରେ। .ତେଣୁ ସରକାର ଯଥାଶୀଘ୍ର ଏହାର ସମାଧାନ କରିବା ଉଚିତ ବୋଲି କହିଛନ୍ତି। ସେହିପରି ୪ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟ ମାକୁ ସିଂ କହନ୍ତି ଯେ, ମୁଁ ଲୋକଙ୍କ ସହିତ ଅଛି। ଆବଶ୍ୟକ ହେଲେ ଏ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରି ଦାବି ଜଣାଇବି।

# ୫ରୁ ଜିଲ୍ଲାବ୍ୟାପୀ ପ୍ରଦର୍ଶିତ ହେବ ଚଳଚ୍ଚିତ୍ର 'ଆନ୍ଦୋଳନ'

ବାରିପଦା, ୧।୯ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳ ଅଭୟାରଣ୍ୟ ଏବଂ ପରିବେଶର ସୁରକ୍ଷା ସହିତ ଜଙ୍ଗଲ, ପାହାଡ଼ ପର୍ବତକୁ କୌଣସି ପ୍ରକାରର କ୍ଷତି ନ ପହଞ୍ଚାଇ ଅସରନ୍ତି ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଗନ୍ତାଘର ମୟୂରଭଞ୍ଜରେ ପର୍ଯ୍ୟଟନ ଶିଳ୍ପ ପ୍ରତିଷ୍ଠା ଓ ବନ୍ୟଜାତ ଦ୍ରବ୍ୟର (ବାଉଁଶ, ସବାଇ ଘାସ, ଶାଳ ପତ୍ର ଏବଂ ଅନ୍ୟାନ୍ୟ) ଉଚିତ୍ ବ୍ୟବସାୟୀକରଣ ମାଧ୍ୟମରେ ଲକ୍ଷାଧିକ ବେକାର ଯୁବକ ଯୁବତୀ କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ ଏବଂ ଅଞ୍ଚଳର କିପରି ଅର୍ଥନୈତିକ ଅଭିବୃଦ୍ଧି ହେବ ସେ ନେଇ ଦୀର୍ଘବର୍ଷ ଧରି ଆନ୍ଦୋଳନରତ ଭଞ୍ଜସେନା ପକ୍ଷରୁ ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ପରିକଳ୍ପନା କ୍ରମେ ଜନସଚେତନତା ଉଦ୍ଦେଶ୍ୟରେ ନିର୍ମିତ ହୋଇଛି 'ଆନ୍ଦୋଳନ' ଚଳଚ୍ଚିତ୍ର। ବିନା ଶୁଳ୍କ ଚଳଚ୍ଚିତ୍ରରେ ଥିବା ବାର୍ତ୍ତାଟିକୁ ସମଗ୍ର ଜିଲ୍ଲାବାସୀଙ୍କ ପାଖରେ ପହଞ୍ଚିବା ପାଇଁ ଭଞ୍ଜସେନା ପକ୍ଷରୁ ଦୁଇଟି ଏଲଇଡି ଗାଡି ମାଧ୍ୟମରେ ଚଳିତ ସେପ୍ଟେମ୍ବର ୫ତାରିଖ ଶୁକ୍ରବାର 'ଗୁରୁଦିବସ'ରୁ ୪ଟି ଉପଖଣ୍ଡରେ ଚଳଚ୍ଚିତ୍ରଟି ପ୍ରଦର୍ଶନ କରାଯିବ। ସେପ୍ଟେମ୍ବର ୨୫ ତାରିଖ ସୁଦ୍ଧା ୨୧ ଦିନ ଏହି ଚଳଚ୍ଚିତ୍ର ପ୍ରଦର୍ଶନ ହେବ। ସେପ୍ଟେମ୍ବର ୫ ତାରିଖ 'ଗୁରୁଦିବସ'ଠାରୁ ଗୋଟିଏ ଏଲଇଡି ଗାଡି ପାଞ୍ଚପୀଢ ଉପଖଣ୍ଡ ଠାକୁରମୁଣ୍ଡାରୁ ଆରମ୍ଭ ହୋଇ ବାମନଘାଟି ଉପଖଣ୍ଡ ବିଶୋଇ ବ୍ଲକରେ ସାରି ଜିଲ୍ଲାର ସଦର ମହକୁମା ବାରିପଦାରେ ପହଞ୍ଚିବ। ସେହିପରି ଆଉ ଗୋଟିଏ ଏଲଇଡି ଗାଡି ବାରିପଦା ଉପଖଣ୍ଡ ବାଙ୍ଗିରିପୋଷି ବ୍ଲକରୁ ଆରମ୍ଭ ହୋଇ କପ୍ତିପଦା ବ୍ଲକରେ ଶେଷକରି ଶେଷରେ ସଦର ମହକୁମା ବାରିପଦାରେ ପହଞ୍ଚିବ ବୋଲି ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି କହିଛନ୍ତି।

# କପ୍ତିପଦାକୁ ଏନ୍ଏସି ମାନ୍ୟତା ନେଇ ସରକାରଙ୍କୁ ଅଭିନନ୍ଦନ ଜଣାଇଲେ ବୁଦ୍ଧିଜୀବୀ




କପ୍ତିପଦା, ୧।୯ (ସମିସ): ପଞ୍ଚାୟତିରାଜ ଦିବସରେ ରାଜ୍ୟ ସରକାର ଦ୍ୱିତୀୟ ପର୍ଯ୍ୟାୟରେ ୧୬ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଛନ୍ତି। ସେଥିମଧ୍ୟରୁ କପ୍ତିପଦାକୁ ବିଜ୍ଞାପିତ ଅଞ୍ଚଳର ମାନ୍ୟତା ପ୍ରଦାନ କରାଯାଇଥିବାରୁ କପ୍ତିପଦା ବିକାଶ ମଞ୍ଚ ତଥା ବୁଦ୍ଧିଜୀବୀ, ସମାଜସେବୀ, ଶିକ୍ଷାବିତଙ୍କ ସମେତ ସାଧାରଣ ନାଗରିକଙ୍କ ମନରେ ଖୁସିର ଲହରୀ ଖେଳିଯାଇଛି। ଲୋକ ବାଜା ବଜାଇ ବ୍ୟାନର ଧରି ବଜାର ପରିକ୍ରମା କରିବା ସହିତ ସମସ୍ତଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଉଦଳା ବିଧାୟକ ଭାସ୍କର ମଢେଇଙ୍କୁ ଅଭିନନ୍ଦନ ଓ କୃତଜ୍ଞତା ଜଣାଇଛନ୍ତି। ଦୀର୍ଘଦିନର ସଂଘର୍ଷ ପରେ କପ୍ତିପଦାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ମିଳିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଶୀଘ୍ର ଏହା କିପରି ରୂପରେଖ ନେବ ସେଥିପାଇଁ ପ୍ରଶାସନିକ କ୍ଷେତ୍ରରେ ତତ୍ପରତା ପ୍ରକାଶ ପାଇବା ଆବଶ୍ୟକ ବୋଲି କପ୍ତିପଦା, ଝିଙ୍କପଦା, ଜାମବଣୀ ଓ ଖଲାଡି ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ସଦସ୍ୟ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ମତବ୍ୟକ୍ତ କରିଛନ୍ତି।

# ଚିତ୍ରଡ଼ା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ମୋରଡ଼ା, ୧।୯ (ସମିସ): ମୋରଡ଼ା ବ୍ଲକ ଚିତ୍ରଡା ମହାବିଦ୍ୟାଳୟର ୪୫ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ, ସ୍ୱତନ୍ତ୍ର ଅତିଥି ଭାବେ କାନ୍ଦ୍ରା ସୋରେନ, ମୁଖ୍ୟବକ୍ତା ପୂର୍ବତନ ଅଧ୍ୟାପକ ହରିଶ୍ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ସ୍ୱର୍ଗତ ଉମେଶ ଚନ୍ଦ୍ର ଦାସଙ୍କ ପୁତ୍ରବଧୂ ସଂଯୁକ୍ତା ଦାସ, ପରିଚାଳନା କମିଟିର ସଭାପତି ବରେନ୍ଦ୍ର କୁମାର ଦାସ, ନିରଞ୍ଜନ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ପ୍ରଥମେ କଲେଜ ପ୍ରତିଷ୍ଠାତା ଉମେଶ ଚନ୍ଦ୍ର ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ସଭା ଆରମ୍ଭ ହୋଇଥିଲା। ଅଧ୍ୟାପିକା ସୌଦାମିନୀ ସିଂଙ୍କ ସମେତ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ରସାୟନ ବିଜ୍ଞାନ ପ୍ରାଧ୍ୟାପକ କାମଦେବ ପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମାଝୀ ପ୍ରତ୍ୟେକ ଛାତ୍ରଛାତ୍ରୀ ଅନୁଷ୍ଠାନର ମୂଲ୍ୟବୋଧ ଏବଂ ଆଦର୍ଶର ଦୂତ। ତେଣୁ ନିଜର ସ୍ୱପ୍ନ ସାକାର ନିମନ୍ତେ କଠିନ ପରିଶ୍ରମ କରିବାକୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟାପକ ବୁଦ୍ଧିରାମ ସିଂ ମଞ୍ଚ ପରିଚାଳନା କରିଥିଲେ।

# ଖାଦ୍ୟ ଓ ସ୍ୱାସ୍ଥ୍ୟ ଭ୍ରାମ୍ୟମାଣ ପ୍ରଦର୍ଶନୀ ଉଦ୍‌ଘାଟିତ



ବଡସାହି, ୧।୯ (ସମିସ): ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ବିଜ୍ଞାନ ସଂଗ୍ରାହାଳୟ ପରିଷଦ ଆନୁକୂଲ୍ୟରେ ଓ ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ସହଯୋଗରେ ଖାଦ୍ୟ ଓ ସ୍ୱାସ୍ଥ୍ୟ ସମ୍ପର୍କିତ ଭ୍ରାମ୍ୟମାଣ ପ୍ରଦର୍ଶନୀ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅନୁସୂୟା ଖମାରୀ ଉଦଘାଟନ କରିଥିଲେ। ଏହି ପ୍ରଦର୍ଶନୀ ୩ଦିନ ଧରି ଚାଲିବ। ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମନ୍ମଥ କୁମାର ଜେନା, ବିକାଶ କୁମାର ମୁଦୁଲି ଓ ବିନ୍ଦୁସାଗର ଲେଙ୍କା ସେମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଅନ୍ୟ ଦିନରେ ବ୍ଲକର ଅନ୍ୟ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ପ୍ରଦର୍ଶନୀକୁ ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ପର୍ଯ୍ୟାୟକ୍ରମେ ଜିଲ୍ଲାର ୪୮ ଟି ବିଦ୍ୟାଳୟରେ ଏହି ପ୍ରଦର୍ଶନୀ ପ୍ରଦର୍ଶିତ ହେବ।

# ମାରାଂବୁରୁ ଚ୍ୟାଲେଞ୍ଜ କପ୍; ଭଗାମୁଣ୍ଡା ଚାମ୍ପିଅନ



ମହୁଲଡିହା, ୧।୯ (ସମିସ): ଠାକୁରମୁଣ୍ଡା ବ୍ଲକ ତରାମରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗୋବରଯୋଡ଼ା ଗ୍ରାମରେ ଚାଲିଥିବା ୩ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ମାରାଂ ବୁରୁ ଚ୍ୟାଲେଞ୍ଜ କପ ନାମରେ ଏହି ଟୁର୍ଣ୍ଣାମେଣ୍ଟ ଗତ ୧୨ ବର୍ଷ ଧରି ଚାଲିଥିବାବେଳେ ୪ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଯୋଗଦେଇ ବିଜେତା ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଖେଳ ସମସ୍ତଙ୍କୁ ଭାଇଚାରାରେ ବାନ୍ଧି ରଖିବାରେ ସଫଳ ହୋଇଛି। ଗାଁ ଗାଁରେ ଦ୍ୱେଷ ବିଦ୍ୱେଷକୁ ଭୁଲି ସମସ୍ତେ ଏକାଠି ହୋଇ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିଥିବାରୁ ସମସ୍ତ କର୍ମକର୍ତ୍ତାଙ୍କୁ ସେ ଧନ୍ୟବାଦ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା, ତରାମରା ସରପଞ୍ଚ ବ୍ରହ୍ମାନନ୍ଦ ଦେହୁରୀ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଚାମ୍ପିଅନ ଭାବେ ୟୁଏମଜି ଭଗାମୁଣ୍ଡା ୪୦ ହଜାର ଅର୍ଥ ରାଶି ପୁରସ୍କାର ପାଇଥିବା ବେଳେ ରନର୍ସ ଅପ ଦଳ ୟୁଏମଜି ଶରତ ୩୦ ହଜାର ଟଙ୍କା ପାଇଛି। ସେହିପରି ତୃତୀୟ ଓ ଚତୁର୍ଥ ଦଳ ଭାବେ ରୋହିତ-ଏକ୍ସଏଲ ଓ ସୁମିତ ଏକ୍ସଏଲ ୨୦ ଓ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ରାଶି ପାଇଛନ୍ତି। ରେଫରୀ ଭାବେ ନୀତିଶ ମାଝୀ, ମାନସିଂ ମୁର୍ମୁ, ସୁରେଇ ମୁର୍ମୁ, କେଦାର କାଲୁଣ୍ଡିଆ ଦାୟିତ୍ୱ ନିର୍ବାହ କରିଥିଲେ।

# ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗରେ ସ୍ୱାଗତ ଉତ୍ସବ



ବାରିପଦା, ୧।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ସାନ୍ତାଳୀ ଭାଷା ଓ ସାହିତ୍ୟ ବିଭାଗରେ ନବାଗତ ଛାତ୍ରଛାତ୍ରୀଙ୍କୁ ଦ୍ୱିତୀୟ ବର୍ଷର ବିଦ୍ୟାର୍ଥୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଫେସର ତଥା ସଂଯୋଜକ ଡ. ଯତୀନ୍ଦ୍ର ନାଥ ବେଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତକତପୁର ଟିଟିଆଇର ଅଧ୍ୟକ୍ଷ ଇଂ କାଦାନ୍ ମାଝୀ, ସମ୍ମାନିତ ଅତିଥି ଭାବେ ପରୀକ୍ଷା ନିୟନ୍ତ୍ରକଙ୍କ ପିଏ ରାମଚନ୍ଦ୍ର ବାସ୍କେ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ସାନ୍ତାଳୀ ବିଭାଗର ଅଧ୍ୟାପକ ଡ଼ଃ ଲକ୍ଷ୍ମଣ ବାସ୍କେ, ବିଶ୍ୱବିଦ୍ୟାଳୟ ସାନ୍ତାଳୀ ବିଭାଗର ଅଧ୍ୟାପକ ଦୁର୍ଗା ସୋରେନ ଓ ପିଲଚୁଆନୁ ଠାକୁର ମୁର୍ମୁ ଯୋଗଦେଇ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହିତ ପାଠ୍ୟକ୍ରମରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ। ପାଣ୍ଡୁ କୁମାର ମୁର୍ମୁ, ଗଣେଶ ଟୁଡୁ ଓ ଧାନୀପ୍ରିୟା ସୋରେନ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସୀମଲ ସୋରେନ, ଭୀମ ମୁର୍ମୁ, ସଙ୍ଗୀତା ମୁର୍ମୁ ଓ ଜ୍ୟୋତି ରେଖା ରୁତ୍ ମାର୍ଣ୍ଡି ଉପସ୍ଥିତ ଥିଲେ। ଶେଷରେ ଗବେଷକ ସଞ୍ଜୟ କୁମାର ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

● ବିଇଓଙ୍କ ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ବିଧାୟକଙ୍କୁ ଦାବିପତ୍ର

# କାର୍ଯ୍ୟାଳୟରେ ନାଲି କାର୍‌କୁ ଦେଖି ଶିକ୍ଷକ ଆତଙ୍କିତ

ବଡସାହି, ୧।୯ (ସମିସ): ବଡସାହି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ବାରମ୍ବାର ବିବାଦରେ ଛନ୍ଦି ହେଉଛି। ସଚିବଙ୍କଠାରୁ ଆରମ୍ଭ କରି ଜିଲ୍ଲାପାଳ ଓ ଡିଇଓ ସବୁ ଜାଣି ମଧ୍ୟ କାର୍ଯ୍ୟାନୁଷ୍ଠାନ ଶୂନ। ଏହି ଅଫିସର ଜଣେ ପୂର୍ବତନ ଏବିଇଓ ବିଭିନ୍ନ ଦୁର୍ନୀତିରେ ଛନ୍ଦି ହୋଇ ଏଠୁ ବିଦା ହେବା ପରେ ବି ତାଙ୍କର ଦବଦବା ରହିଛି। ଆଜି ବି ତାଙ୍କ ଇଙ୍ଗିତରେ ବହୁ ବେନିୟମ କାର୍ଯ୍ୟ ହେଉଥିବା ନେଇ ଅଭିଯୋଗ ହୋଇଛି। ତାଙ୍କ ବିରୋଧରେ ଅଭିଯୋଗ କରିଥିବା ଶିକ୍ଷକଙ୍କ ପ୍ରତି ଆକ୍ରୋଶମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏକ ନାଲି କାରକୁ ନେଇ ଶିକ୍ଷକମାନେ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏହି ନାଲି କାର ଯେଉଁଦିନ ବିଇଓ ଅଫିସରେ ପହଞ୍ଚୁଛି କିଛି ଦିନ ପରେ ଜଣେ ନା ଜଣେ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଗତ ୨୭ ତାରିଖ ସରସ୍ୱତୀ ପୂଜା ଛୁଟି ଥିବା ସତ୍ତ୍ୱେ ଏହି ନାଲି କାରଟି ବିଇଓ ଅଫିସ ସମ୍ମୁଖରେ ଛିଡା ହୋଇଥିଲା। କାର୍ଯ୍ୟାଳୟର ସମସ୍ତ ଝରକା ବନ୍ଦ ଥିବା ବେଳେ ପ୍ରବେଶ ଗ୍ରୀଲଟି ଖୋଲାଥିଲା। ତେବେ କାରଟି କାହାର ଏବଂ ଛୁଟିଦିନରେ କ'ଣ କରୁଥିଲେ। ସେଥିରେ କିଏ ଥିଲେ ତାହାର ତଦନ୍ତସାପେକ୍ଷ। ଏଥିରେ ଅତିଷ୍ଠ ହୋଇ ବିଭିନ୍ନ ଶିକ୍ଷକ ସଂଗଠନ ପକ୍ଷରୁ ୧୩ ଦଫା ସମ୍ବଳିତ ଏକ ଦାବିପତ୍ର ବଡସାହି ବିଧାୟକଙ୍କୁ ପ୍ରଦାନ କରାଯାଇଛି। ୧୪୦ ଜଣ ଶିକ୍ଷକଙ୍କ ନିୟମ ବର୍ହିଭୂତ ଡେପୁଟେସନ, ଶିକ୍ଷକ ସତ୍ୟପ୍ରକାଶ ମହାନ୍ତଙ୍କ ୨ମାସରେ ୨ଥର ଡେପୁଟେସନ,




ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ବେହେରାଙ୍କୁ ସୁହାଇଲା ଭଳି ସୁବିଧାଜନକ ସ୍ଥାନରେ ଅବସ୍ଥାପିତ କରିବା, ଲାଞ୍ଚ ଦେଉ ନ ଥିବା ଅବସରପ୍ରାପ୍ତ ଶିକ୍ଷକଙ୍କ ପେନସନ ସମ୍ପର୍କିତ କାଗଜପତ୍ର ଠିକ୍ ସମୟରେ ନ କରିବା, ଏଚବିଏ ବାବଦରେ ୨୫ହଜାର ଟଙ୍କାର ଲାଞ୍ଚ ପ୍ରଦାନ କରବାର ଏକମାସ ପରେ ବିଲ କରିବା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁନିତା ସିଂଙ୍କ ଦୀର୍ଘ ୪ମାସ ଧରି ପେନସନ ନମିଳିବା, ଶିକ୍ଷକ ମୋହନ ସୁନ୍ଦର ମହାନ୍ତଙ୍କୁ ୭ମାସ ଧରି ନିଲମ୍ବିତ କରିଥିଲେ ହେଁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା, ଶିକ୍ଷକ କାର୍ତ୍ତିକ ଜେନାଙ୍କୁ ଆକ୍ରୋଶମୂଳକ ଭାବେ ଦୁଇ ମାସ ମଧ୍ୟରେ ଦୁଇ ଥର ଅନ୍ୟ ବିଦ୍ୟାଳୟକୁ ବଦଳି କରି ପୁଣି ଆଦେଶ ବାତିଲ କରିବା, ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ପରିଭ୍ରମଣ ଅର୍ଥ ଆତ୍ମସାତ କରିବା, ସମଗ୍ର ଶିକ୍ଷା ପ୍ରଶିକ୍ଷଣ କାର୍ଯ୍ୟାକ୍ରମରେ ଆର୍ଥିକ ଅନୁଦାନର ସଠିକ୍ ବିନିଯୋଗ ନ କରି ଆତ୍ମସାତ କରିବା, କ୍ରୟ କମିଟି ଗଠନ ନ କରି ଅଫିସର କଣ୍ଟିଜେନ୍ସି ଅନୁଦାନକୁ ହଡପ କରିବା ଆଦି ଦାବି ରହିଛି। ଏହି ସମସ୍ତ ଦାବିକୁ ନେଇ ବିଧାୟକ ସନାତନ ବିଜୁଳି ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଡିଇଓଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଡିଇଓ ତଦନ୍ତ ଦାୟିତ୍ୱ ଏଡିଇଓ ବିନୋଦ ସିଂଙ୍କୁ ଦେଇଥିବା ବେଳେ ସେ ଗତ ୨୬ ତାରିଖରେ ତଦନ୍ତ କରି ଫେରିଛନ୍ତି। ଏହାବାଦ ଧାନପୋତା ପ୍ରାଥମିକ ବିଦ୍ୟାଳୟକୁ ବାରମ୍ବାର ଯାଇ ଶିକ୍ଷକମଙ୍କ ଦୋଷ ଦୁର୍ବଳତା ଖୋଜିବା ସହିତ ସେମାନଙ୍କୁ ମାନସିକ ନିର୍ଯାତନା ଦେବା, ଅବିଭାବକଙ୍କୁ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ପ୍ରବର୍ତ୍ତାଇବା ଓ ଦୀର୍ଘ ସମୟ ବିଦ୍ୟାଳୟରେ ରହି ପିଲାଙ୍କ ପାଠ ପଢ଼ାରେ ସମୟନଷ୍ଟ କରୁଥିବାର ସରପଞ୍ଚ ସୀତା ମାରାଣ୍ଡି, ସମିତିସଭ୍ୟ ସରସ୍ୱତୀ ସିଂ, ଚେୟାରମ୍ୟାନ ପ୍ରଫୁଲ୍ଲ ସିଂ, ଭାଇସ ଚେୟାରମ୍ୟାନ ସୁଜାତା ମହାନ୍ତ, ପୂର୍ବର୍ତନ ଚେୟାରମ୍ୟାନ ଦୁର୍ଗାଚରଣ ମହାନ୍ତଙ୍କ ସମେତ ଗ୍ରାମବାସୀ ଡିଇଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବିଇଓ ମଧୁସ୍ମିତା ଗିରିଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

# ସତ୍ୟନାରାୟଣ ମନ୍ଦିରରେ ରାଧାଷ୍ଟମୀ ପୂଜା



ରାଇରଙ୍ଗପୁର, ୧।୯ (ସମିସ): ରାଇରଙ୍ଗପୁର ସତ୍ୟନାରାୟଣ ମନ୍ଦିରରେ ଆଚାର୍ଯ୍ୟ ସନୱାରମାଲ ଜୀ ଶାସ୍ତ୍ରୀଙ୍କ ନେତୃତ୍ୱରେ ପଣ୍ଡିତ ଦୀନେଶ ଜୀ ଶାସ୍ତ୍ରୀ ରାଧାରାଣୀଙ୍କ ବିଶେଷ ପୂଜା କରିଥିଲେ। ରାଧାରାଣୀଙ୍କ ଆଶୀର୍ବାଦ ପାଇବା ଭକ୍ତଙ୍କ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରେ ଭକ୍ତମାନେ ରାଧାରାଣୀଙ୍କୁ ଦର୍ଶନ କରିଥିଲେ। ଏହା ପରେ ସନ୍ଧ୍ୟା ୭ଟାରୁ ରାଧାକୃଷ୍ଣ ଭଜନ ମଣ୍ଡଳୀ ଦ୍ୱାରା ଭଜନ ସେବା ଆୟୋଜନ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସର ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଦୁଇ ଗଞ୍ଜେଇ ବେପାରୀ ଗିରଫ, ୧.୩ କେଜି ଗଞ୍ଜେଇ ଜବତ



ରାମଚନ୍ଦ୍ରପୁର,୧।୯(ସମିସ): କିଛି ଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇପଡ଼ିଥିଲେ ଗଞ୍ଜେଇ ବେପାରି। ଅଚାନକ ଚଢ଼ଉ କରି ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧.୩ କେଜି ଗଞ୍ଜେଇ ଜବତ କରିଛି ରାମଚନ୍ଦ୍ରପୁର ପୁଲିସ। ବିଶେଷ ସୂତ୍ରରୁ ଖବର ମିଳିବା ପରେ ଗତ ରବିବାର ସନ୍ଧ୍ୟାରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ମନୋଜ ସ୍ୱାଇଁ ଅଚାନକ ସ୍ଥାନୀୟ କୃଷ୍ଣପୁର ଏବଂ ନୂଆଗାଁ ଉପରେ ଚଢ଼ଉ କରିଥିଲେ, ଚଢ଼ଉ ସମୟରେ ବେଆଇନ ଗଞ୍ଜେଇ ବିକ୍ରି ଅଭିଯୋଗରେ କୃଷ୍ଣପୁର ଗ୍ରାମର ଡମ୍ବରୁଧର ମହାରଣା(୩୮) ଏବଂ ନୂଆଗାଁର ଗଣେଶ୍ୱର ରାଉତ(୫୮)କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୧.୩ କେଜି ଗଞ୍ଜେଇ ଜବତ କରି ନିଜ ହେପାଜତକୁ ନେଇ ଅଧିକ ପଚାରାଉଚାରା କରିବା ପରେ ମାମଲା ରୁଜୁ କରି କୋର୍ଟ ଚାଲାନ କରିଛି ରାମଚନ୍ଦ୍ରପୁର ପୁଲିସ।

## ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ ସାଇକଲ ଯାତ୍ରା



କେନ୍ଦୁଝର,୧।୯(ସମିସ) : ଜାତୀୟ କ୍ରୀଡ଼ା ଦିବସ ଉପଲକ୍ଷେ କେନ୍ଦୁଝରଠାରେ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରିଥିବା ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ସବୁଜ ପତାକା ପ୍ରଦର୍ଶନ କରି ଶୁଭାରମ୍ଭ କରିଥିଲେ। ଶତାଧିକ ଛାତ୍ରଛାତ୍ରୀ, ଅଧିକାରୀ ଓ ସାଧାରଣ ଜନତା ସାଇକେଲ ଚଳାଇ ସହର ପରିକ୍ରମା କରି ସୁସ୍ଥ ଜୀବନଯାପନ ପାଇଁ କ୍ରୀଡ଼ା ଓ ଖେଳକୁଦକୁ ନିଜ ଜୀବନରେ ସାମିଲ କରିବାକୁ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ କୁମାର ମଲ୍ଲିକ ଓ କ୍ରୀଡ଼ା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ ପରିଚାଳନା କରିଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ

ତୁରୁମୁଙ୍ଗା,୧।୯(ସମିସ):କେନ୍ଦୁଝରଜିଲ୍ଲାତୁରୁମୁଙ୍ଗାଥାନାକେନ୍ଦେଇପଶିପଞ୍ଚାୟତ ସିଲିଦା ପୁରୁଣା ସାହି ନିକଟରୁ ରବିବାର ରାତିରେ ଏକ ଗୋରୁ ବୋଝେଇ ଗାଡ଼ିକୁ ତୁରୁମୁଙ୍ଗା ପୁଲିସ ଜବତ କରିଛି। ଉକ୍ତ ଗାଡ଼ିରେ ଗୋରୁ ଚୋରାଚାଲାଣ ହେଉଥିବା ନେଇ ପୁଲିସ ଖବରପାଇ ଚଢ଼ଉ କରିଥିବା ବେଳେ, ଚଢ଼ଉ ଜାଣି ମାଫିଆମାନେ ଗୋରୁଗୁଡିକୁ ଗାଡ଼ିରୁ ଓହ୍ଲାଇ ଛାଡି ଦେଇ ଫେରାର ହୋଇ ଯାଇଥିଲେ। ପୁଲିସ ଘଟଣା ସ୍ଥଳରୁ ଗାଡ଼ିକୁ ଜବତ କରି ଥାନାକୁ ଆଣି ଘଟଣାର ତଦନ୍ତ କରୁଥିବା ତୁରୁମୁଙ୍ଗା ଥାନା ଭାରପ୍ରାପ୍ତ ଅଧିକାରୀ ଓ ପିଏସ୍ ସୌରଭ ପ୍ରଧାନ କହିଛନ୍ତି।

## ବଡ଼ପାଟଣା ସରପଞ୍ଚଙ୍କୁ ସମ୍ବର୍ଦ୍ଧନା



ତୁରୁମୁଙ୍ଗା,୧।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସରପଞ୍ଚ ବିନତି ବାନରା ନୂଆଦିଲ୍ଲୀର ୭୯ତମ ସ୍ୱାଧୀନତା ଦିବସ ପରେଡରେ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଫେରିବା ପରେ ସୋମବାର ପାଟଣା ବ୍ଲକ ବଡ଼ ପାଟଣା ପଞ୍ଚାୟତ ସଭା ଗୃହରେ ଜିଲ୍ଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼ଙ୍କ ସଂଯୋଜନା ରେ ସରପଞ୍ଚ ବିନତି ବାନାରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ପାଟଣା ବିଧାୟକ ଜଗନ୍ନାଥ ନାଏକ, ପୂର୍ବତନ ପାଟଣା ବ୍ଲକ ଅଧକ୍ଷା ସୁକାନ୍ତି ନାଏକ,୨୩ ନମ୍ବର୍ ଜୋନ ଜିଲ୍ଲାପରିଷଦ ସଦସ୍ୟା ରୁନୁ ମହାନ୍ତ,ବଡପାଟଣା ସମିତି ସଭ୍ୟ ମୋହନ ସୁନ୍ଦର୍ ମହାନ୍ତ,ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ,ପାଟଣା ବ୍ଲକ ବିଜେଡି ସଭାପତି ମାଧବାନନ୍ଦ ପୃଷ୍ଟି, ବରିଷ୍ଠ ବିଜେଡି ପ୍ରଶାନ୍ତ ଭଞ୍ଜ, ନିରଞ୍ଜନ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ସେଠୀ, ଚମ୍ପୁଆ ବ୍ଲକ୍ ବିଜେଡି ନେତା ଭାଗିରଥି ଦାଶ, ସୁମିତ କୁମାର ପତି, ସନ୍ତୋଷ ତ୍ରିପାଠୀ, ପ୍ରିତମ କୁମାର ପଣ୍ଡା , ଦେବାଶିଷ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ମାଟି ଅତଡ଼ା ଧସି ଶ୍ରମିକ ମୃତ୍ୟୁ ଘଟଣା

# ତଦନ୍ତ କଲେ ଡିଭିଜନାଲ୍ ଲେବର କମିଶନର

କେନ୍ଦୁଝର, ୧।୯(ସମିସ)

କେନ୍ଦୁଝର ଜିଲ୍ଲା ବାମେବାରୀ ଥାନା ଅଧୀନ ହେସାବେଡାଠାରେ ସ୍ଲରି ପାଇପ ଲାଇନ ବେଳେ ମାଟି ଅତଡ଼ା ଖସି ଜଣେ ଶ୍ରମିକ ମୃତ୍ୟୁବରଣ କରିବା ଘଟଣାରେ ଶ୍ରମ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ରବିବାର ଦିନ ଡିଭିଜନାଲ ଲେବର କମିଶନର ସୂର୍ଯ୍ୟନାରାୟଣ ମାଳୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ତଦନ୍ତ ବେଳେ ବାମେବାରୀ ଥାନା ଅଧିକାରୀ ଯଶୋକେତନ ଭୋଇ ଉପସ୍ଥିତ ଥିଲେ। ସୁରକ୍ଷାରେ ଅବହେଳା କାରଣରୁ ଏଭଳି ଅଘଟଣ ଘଟି ଜଣେ ଶ୍ରମିକର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସ୍ଲରି ପାଇପ ଲାଇନ କାମ ବେଳେ ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇ ନ ଥିଲା। ମୃତ ଶ୍ରମିକଙ୍କ ନାମ କାର୍ତ୍ତିକ ସାମନ୍ତ(୩୫) ଏବଂ ତାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟର ପୂର୍ବ ମେଦିନପୁର ଅଂଚଳରେ ବୋଲି ଜଣାପଡ଼ିଛି। ସୁନ୍ଦରଗଡ଼ ଜିଲ୍ଲା ସାଗାସାହି ଲୌହ ଖଣିରୁ-ଦୁବୁନା ସ୍ଥିତ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ



ଇଣ୍ଡିଆ ପ୍ରାଇଭେଟ ଲିଃ ର ସ୍ଲରି ପାଇପ ଲାଇନ ବିଛା ଚାଲିଛି। ୨୯ ତାରିଖ ଦିନ ଅପରାହ୍ନରେ ସ୍ଲରି ପାଇପ ଲାଇନ କାମ ବେଳେ ଗୋଟିଏ ସ୍ଲରି ପାଇପ ସହ ଆଉ ଗୋଟିଏ ସ୍ଲରି ପାଇପକୁ ଓଲଡିଂ କରାଯାଇ ସଂଯୋଗ କରାଯାଉଥିବାବେଳେ କମ୍ପନରେ ଉପର ପଟୁ ମାଟି ଅତଡ଼ା ଖସି ୮ଫୁଟ ତଳେ କାମ କରୁଥିବା ଜଣେ ଶ୍ରମିକଙ୍କ ଉପରେ ପଡି ଯିବା ଫଳରେ ମାଟିରେ ଚାପି ହୋଇ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁବରଣ କରିଥିଲା। ସ୍ଲରି ପାଇପ ଲାଇନ କାମ ବେଳେ କମ୍ପାନୀ ସୁରକ୍ଷାକୁ ଦୃଷ୍ଟି ଦେଇନଥିବା ଏବଂ ମୃତ ଶ୍ରମିକଙ୍କ ପରିବାରଙ୍କୁ କ୍ଷତିପୂରଣ ଦେବା ଦାବୀରେ ଶ୍ରମିକମାନେ ଦୁବୁନାସ୍ଥିତ ଆର୍ସେଲ ମିତ୍ତଲ ନିପନ ଷ୍ଟିଲ କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଶବ ରଖି ଧାରଣା ଦେଇଥିଲେ। କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଶ୍ରମିକମାନେ ଧାରଣାରୁ ହଟିଥିଲେ। ଏ ନେଇ ଡିଭିଜନାଲ ଲେବର କମିଶନର ସୂର୍ଯ୍ୟ ନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ପ୍ରାଥମିକ ତଦନ୍ତ ବେଳେ ଜଣାପଡିଛି ଯେ ପାଇପ ସଂଯୋଗ ବେଳେ ସୃଷ୍ଟି ହୋଇଥିବା କମ୍ପନ ଯୋଗୁଁ ମାଟି ଖସି ପଡିଥିଲା। ସେହିପରି କର୍ମସ୍ଥଳରେ ସୁରକ୍ଷା ପ୍ରତି ଅଣ ଦେଖା କରାଯାଇଥିଲା। ମୃତ ଶ୍ରମିକଙ୍କ ପରିବାର ଲୋକଙ୍କୁ କର୍ମଚାରୀ କ୍ଷତିପୂରଣ ଆଇନ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ। ସ୍ଲରି ପାଇପ ଲାଇନ କାମ ବେଳେ ସୁରକ୍ଷାରେ ଅବହେଳା କରିଥିବା କମ୍ପାନୀର ଅକ୍ୟୁପାୟର ତଥା କମ୍ପାନୀର ସିଇଓ ଙ୍କ ବିରୁଦ୍ଧରେ ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏଆଇଟିୟୁସି ରାଜ୍ୟ କାର୍ଯ୍ୟକାରୀ ସଭାପତି ମହେଶ୍ୱର ରାଉତ ଦାବୀ କରିଛନ୍ତି।

**● ଜେଏମ୍ଏଫ୍‌ସି କୋର୍ଟଗୃହ ପରିଦର୍ଶନ କଲେ ଜିଲ୍ଲା ଜଜ୍**

## ପୁରୁଣା ତହସିଲ ଘରେ ଅସ୍ଥାୟୀ ଭାବରେ ଚାଲିବ କୋର୍ଟ

ତୁରୁମୁଙ୍ଗା,୧।୯( ସମିସ): କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟରେ ପ୍ରସ୍ତାବିତ ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ରବିବାର କେନ୍ଦୁଝର ଜିଲ୍ଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା ଏବଂ କୋର୍ଟ ମ୍ୟାନେଜର ଅଚ୍ୟୁତାନନ୍ଦ ସାମନ୍ତ ରାୟ କୋର୍ଟ ଆରମ୍ଭ ପାଇଁ ପୁରୁଣା ତହସିଲ ଗୃହ ଓ ସ୍ଥାୟୀ କୋର୍ଟର ଗୃହ ନିର୍ମାଣ ପାଇଁ ପୁଟୁଳିଆ ଜମି ପରିଦର୍ଶନ କରିଛନ୍ତି। ବିଚାରପତିଙ୍କ ଏହି ପରିଦର୍ଶନ କାର୍ଯ୍ୟକ୍ରମରେ ତହସିଲ ସୁପରଭାଇଜର ବନମାଳି ନାଏକ, ଯନ୍ତ୍ରୀ ଅଜୟ ଝା, ଯୁଗଳ କିଶୋର ଦାସ, ଦୀନବନ୍ଧୁ ପତି ପ୍ରମୁଖ ଉପସ୍ଥିତ ଥିଲେ। ପାଟଣା ଥାନା ନିକଟରେ ଥିବା ପୁରୁଣା ତହସିଲ ଗୃହକୁ ନବୀକରଣ କାରାଯାଇ ସେଠାରେ ଖୁବ୍ ଶୀଘ୍ର ଜେଏମ୍ଏଫ୍‌ସି କୋର୍ଟ ଆରମ୍ଭ ହେବ ବୋଲି ପାଟଣା ତହସିଲଦାର ଅଶ୍ୱନୀ କୁମାର ନାଏକ କହିଛନ୍ତି। ଏଥି ସହ ଜଜ୍ ସ୍ଥାୟୀ କୋର୍ଟ ଗୃହ ନିର୍ମାଣ ହେବାକୁ ଥିବା ପୁଟୁଳିଆ ଜମି ପରିଦର୍ଶନ କରିବା ସହ ସାହାରପଡା ରେ ମଧ ହେବାକୁ ଥିବା କୋର୍ଟ ପାଇଁ ଜମି ପରିଦର୍ଶନ କରିଥିଲେ। ଦୀର୍ଘଦିନର ଦାବି ପରେ ଏଠାରେ ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ ପାଇଁ ସରକାରଙ୍କ ନିର୍ଦ୍ଦେଶ ସହ ଗୃହ ନିର୍ମାଣ ପାଇଁ ଜାଗା ପରିଦର୍ଶନ ପରେ ପାଟଣା ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରୀ ଖେଳି ଯାଇଛି। ସୂଚନା ଯେ ଏଠାରେ ପୂର୍ବରୁ ଜେଏମ୍ଏଫ୍‌ସି କୋର୍ଟ ନଥିବାରୁ ସ୍ଥାନୀୟ ଲୋକେ ନ୍ୟାୟ ପାଇବା ପାଇଁ ୪୦ ରୁ ୫୦ କିଲୋମିଟର ଦୁର କେନ୍ଦୁଝର ମୁଖ୍ୟାଳୟ ଉପରେ ନିର୍ଭର କରି ଆସୁଥିଲେ। ପାଟଣାରେ ନୁତନ କୋର୍ଟ ସ୍ଥାପନ ନେଇ କଂଗ୍ରେସ ବିଧାୟକ ପ୍ରାଥୀ ଙ୍କ ବିନୋଦ ବିହାରୀ ନାୟକ ଦୀର୍ଘ ଦିନରୁ ସରକାରଙ୍କ ନିକଟରେ ଦାବି କରି ଆସୁଥିଲେ।

## ରାଜାବନ୍ଧ ଜଳାଶୟର ପୁନଃଉଦ୍ଧାର ପାଇଁ ଆଞ୍ଚଳିକ ବିକାଶ ମଞ୍ଚର ଦାବିପତ୍ର



କେନ୍ଦୁଝର,୧।୯( ସମିସ): କେନ୍ଦୁଝର ସଦର ବ୍ଲକ୍ ଅବିଭାଜିତ ରାଇସୁଆଁ ପଞ୍ଚାୟତ ୧୦୦ ବର୍ଷର ପୁରୁଣା ରାଜା ବନ୍ଧର ପୁନଃ ଉଦ୍ଧାର କରି ଚାରୋଟି ପଞ୍ଚାୟତର ଲୋକଙ୍କୁ ଚାଷପାଇଁ ଉପଯୋଗୀ ଜଳଯୋଗାଁ ବ୍ୟବସ୍ଥା କରିବାକୁ ଆଞ୍ଚଳିକ ବିକାଶ ପରିଷଦ ରାଇସୁଆଁ ତରଫରରୁ ଜିଲ୍ଲାପାଳନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ରାଜାବନ୍ଧଟି ସେ ଅଞ୍ଚଳର ୱାଟର ଲାଇଫ ଲାଇନ ଭାବେ ପରିଗଣିତ ହେଉଥିଲା। ବର୍ଷ ତମାମ ରାଜାବନ୍ଧ ଅଞ୍ଚଳର ପାନିୟଜଳ ସମସ୍ୟା ସମାଧାନ କରିବା ସହିତ ଦୋଫସଲି ଚାଷ ପାଇଁ ଅତ୍ୟନ୍ତ ଉପଯୋଗୀ ହେଉଥିଲା। ଏଠାରୁ କେନାଲ ମାଧ୍ୟମରେ ପାଣି ନିଆଯାଇ ରାଇସୁଆଁ, ଜନାର୍ଦ୍ଦନପୁର, ଗୋପୀନାଥପୁର ଅପଦ୍ମପୁର ପଞ୍ଚାୟତର ଶହ ଶହ ଏକର ଚାଷଜମିକୁ ଜଳ ଯୋଗାଣ କରାଯାଉଥିଲା। ଫଳରେ ଏ ଅଂଳର ଚାଷୀ ଠିକଣା ସମୟରେ ଚାଷ ଜମିକୁ ସୁବିଧାରୁ ପାଣି ପାଇ ଖରିପ ଫସଲ, ରବି ଫସଲ ଭଲରେ କରିପାରୁଥିଲେ. କିନ୍ତୁ ବନ୍ଧଟିର ରକ୍ଷଣବେକ୍ଷଣ ଅଭାବରୁ ଗତ ୧୦/୧୫ ବର୍ଷହେବ ବନ୍ଧ ଭାଙ୍ଗି ପାଣି ରହୁନ ଥିବାବେଳେ ମାତ୍ର ଅଳ୍ପ ସ୍ଥାନରେ ପାଣି ରହୁଛି. ବନ୍ଧଟି ଅନୁନ୍ୟ ୧୪ ଏକର ଜାଗା ପରିମିତ ଅଟେ। ରାଜାବନ୍ଧ ଟି ଏତେ ଜାଗା ପରିମିତ ଯେ ଜାଳାଶ୍ରୟର ଉନ୍ନତିକରଣ ହେଲେ ଏହାକୁ ପର୍ଯ୍ୟଟନସ୍ଥଳ ଭାବେ ମଧ ବ୍ୟବହାର କରାଯାଇପରିବ। ଏପରିକି ମତ୍ସ୍ୟଚାଷ ପାଇଁ ଏହାକୁ ବ୍ୟବହାରକରୀ ସରକାର ଅର୍ଥ ଉପାର୍ଜନ କରିପାରିବେ। କିନ୍ତୁ ଆଜି ପର୍ଯ୍ୟନ୍ତ ଏହାର ଉନ୍ନତିକରଣ ନିମନ୍ତେ ପ୍ରଶାସନ ପଦକ୍ଷେପ ନେବାରେ ବିଳମ୍ବ କରିଚାଲିଛି। ଏହାର ପୁନଃ ଉଦ୍ଧାର କରି ସ୍ଥାନୀୟ ଲୋକଙ୍କର ଜଳ ସମସ୍ୟା ଦୂର କରିବା ସହିତ ୪ ଟି ପଞ୍ଚାୟତର ଶହଶହ ଚାଷୀଙ୍କ ପାଣି ଯୋଗାଇ ଏ ଅଞ୍ଚଳକୁ ଶଷ୍ୟ ଶ୍ୟାମଳା କରିବା ଦିଗରେ ପଦକ୍ଷେପ ପାଇଁ ଆଞ୍ଚଳିକ ବିକାଶ ପରିଷଦ ରାଇସୁଆଁ ପକ୍ଷରୁ ସୋମବାର ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

## କେନ୍ଦୁଝରଠାରେ ଯୁଗ୍ମ ଅଭିଯୋଗ ଶୁଣାଣି



କେନ୍ଦୁଝର,୧।୯(ସମିସ): ସୋମବାର ଜିଲ୍ଲାପାଳ ବିଶାଲ ସିଂହଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୨୦୨ ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୧୭୫ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୪୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୧୩ ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଶୁଣାଣିରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ, ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିନୋଦ ବିହାରୀ ମିଶ୍ର, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ।

## ଯୁବ ରେଡକ୍ରସର ଦିଗ୍‌ଦର୍ଶନ କାର୍ଯ୍ୟକ୍ରମ

ରାମଚନ୍ଦ୍ରପୁର,/ଆନନ୍ଦପୁର,୧।୯(ସମିସ): ଘସିପୁରା ବ୍ଲକ୍ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ତରଫରୁ ପ୍ରଥମ ବର୍ଷର ଛାତ୍ର ଛାତ୍ରୀଙ୍କ ଲାଗି ଏକ ଦିଗଦର୍ଶନ କାର୍ଯ୍ୟକ୍ରମ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ରେଡ୍ କ୍ରସ ପରାମର୍ଶଦାତା ମହେଶ୍ୱର ପାତ୍ର ସଂଯୋଜନା କରିଥିବାବେଳେ ଭବାନୀ ପ୍ରସାଦ ବଳ, ବିଜୟ କୁମାର ସାହୁ, ସୁଧାକର ଜେନା, ସତ୍ୟବ୍ରତ ପତି, ମହେଶ୍ୱର ଜେନା, ଦାମୋଦର ମୁଣ୍ଡା, ମିତା ପାତ୍ର, ଗଣେଶ ହେମ୍ବ୍ରମ, ଇଲାବତି




ଖୁଣ୍ଟିଆ, ରାଷ୍ଟ୍ର ରଞ୍ଜନ ବାରିକ, ଅମ୍ରିତା ବେହେରା ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଅନେକ ଉପାଦେୟ ପରାମର୍ଶ ଦେବା ସହ ଭବିଷ୍ୟତରେ କିଭଳି ଜଣେ ଭଲ ମଣିଷ ହୋଇ ନିଜ ପିତା ମାତାଙ୍କ ନାମ ଉଜ୍ଜଳ କରିବା ସହ ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିବାକୁ ଆଲୋକପାତ କରିଥିଲେ। ରାଜଲକ୍ଷ୍ମୀ ରାଉତ୍, ଜ୍ୟୋତିର୍ମୟୀ ମହାରଣା, ମାମୁନି ଦାସ, ବର୍ଷା ଜେନା, ଶିବାନୀ ସେଠୀ, ଜସ୍ମୀନ ସେଠୀ, ଶ୍ରୀକାନ୍ତ କୁମାର ସାହୁ, ତ୍ରିଲୋଚନ ରାଉତ୍, ତୋଫାନ ପୃଷ୍ଟି, ଦେବାଶିଷ କର ପ୍ରମୁଖ ସହଯୋଗ କରିଥିଲେ।

**୩୪ ଲକ୍ଷ ଟଙ୍କା ବ୍ୟୟପରେ ବି ରାସ୍ତାରେ କାଦୁଅ**

## ପ୍ରଶାସନଙ୍କୁ ଫେରାଦ ହେଲେ ଶୈଲଙ୍ଗ ଗ୍ରାମବାସୀ



ଆନନ୍ଦପୁର,୧।୯(ସମିସ): ଆନନ୍ଦପୁର ପୌରାଞ୍ଚଳର ଶୈଲଙ୍ଗରେ ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହିରାସ୍ତା ନିର୍ମାଣରେ ଅନିୟମିତତା ନେଇ ଅଞ୍ଚଳବାସୀ ପୌରପ୍ରଶାସନ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ପ୍ରାୟ ୩୪ ଲକ୍ଷ ଟଙ୍କା ବ୍ୟୟରେ ପେଭର୍ସ ବ୍ଲକ୍ ବିଛାଯାଇ ରାସ୍ତା ନିର୍ମାଣ ପରେ ଏବେ ଲୋକେ ପୁଣି ପାଣି, କାଦୁଅରେ ଦହଗଞ୍ଜ ହେଉଥିବା ଅଭିଯୋଗ କରିଛନ୍ତି। ରାସ୍ତା ନିର୍ମାଣ ପାଇଁ ଶୈଲଙ୍ଗ ଦେହୁରୀସାହିକୁ ୧୭ଲକ୍ଷ ଓ ଲକ୍ଷ୍ମୀନାରାୟଣ ମଣ୍ଡପସାହିକୁ ୧୭ଲକ୍ଷଟଙ୍କାଅନୁଦାନଆସିଥିଲା। ଟେଣ୍ଡର ପରେ ଠିକାଦାର ରାସ୍ତା ନିର୍ମାଣ କରିଥିଲେ। କାମ ସମୟରେ କମ୍ପାକ୍ସନ୍ ଠିକ ଭାବେ କରାଯାଇ ନଥିଲା। ଏନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ ବି କେହି ଶୁଣି ନଥିଲେ। ନବନିର୍ମିତ ରାସ୍ତାରେ ଏବେ ବର୍ଷାପାଣି ଜମି ରହୁଥିବାରୁ ଲୋକଙ୍କୁ ଯାତାୟାତରେ ସମସ୍ୟା ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ କେନ୍ଦୁଝର ପିଡି ଏବଂ ପୌରନିର୍ବାହୀ ଅଧିକାରୀଙ୍କୁ ଅବଗତ କରିଥିବା ପ୍ରକାଶ କରିଛନ୍ତି।

**ଯୋଡ଼ା ପୌରପାଳିକା ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ**

# ସ୍ଥାନୀୟ ନିଯୁକ୍ତି ନେଇ ବର୍ଷିଲେ ବିଧାୟକ

ଯୋଡ଼ା,୧।୯(ସମିସ)

ଓଡ଼ିଶା ସମୃଦ୍ଧିରେ ଯୋଡ଼ା ଖଣି ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ଯୋଡ଼ା ସହର ଆଜି ସବୁରି କ୍ଷେତ୍ରରେ ଅବହେଳିତ ହୋଇପଡ଼ିଛି। ଯୋଡ଼ା ସହରର ଚତୁର୍ଦ୍ଦିଗରେ ଖଣିଜ ଉତ୍ତୋଳନ କରାଯାଉଛି। ଭାରତର ବହୁ ପ୍ରତିଷ୍ଠିତ କମ୍ପାନୀ ଏହି ଖଣି ଖନନ କରୁଛି। ମାତ୍ର ଖଣି ସହରର ଲୋକଙ୍କୁ ନିଯୁକ୍ତି ଦେଉନାହିଁ। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦିଅନ୍ତୁ। ଖଣି କମ୍ପାନୀ ମାନେ ଏ ଅଞ୍ଚଳ ପ୍ରତି ନିଯୁକ୍ତି ଓ ବିକାଶ କ୍ଷେତ୍ରରେ ପଦକ୍ଷେପ ନ ନେଲେ ଏନେଇ ସ୍ୱର ଉତ୍ତୋଳନ କରାଯିବ ବୋଲି ଆଜି ଯୋଡ଼ା ପୌରପାଳିକା ପକ୍ଷରୁ ଆୟୋଜିତ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ଖଣି କମ୍ପାନୀ ଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ପ୍ରଥମେ ସ୍ଥାନୀୟ ଯୁବକ ଯୁବତୀ ପରେ ବାହାର ନିଯୁକ୍ତି ବୋଲି ଦୃଢୋକ୍ତି ଜଣାଇଛନ୍ତି। ଯୋଡ଼ା ପୌରପାଳିକା ପକ୍ଷରୁ ଆଜି ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି।




ଏଥିରେ ମୁଖ୍ୟ ଅତିଥି ଭାବେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ମୁଖ୍ୟବକ୍ତା ଭାବେ ବଡବିଲ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଅମିତ୍ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଚମ୍ପୁଆ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଓଏମସି ବଡବିଲ ଆଞ୍ଚଳିକ ପ୍ରବନ୍ଧକ ଅବନୀକାନ୍ତ ପ୍ରଧାନ, ସାଂସଦ ପ୍ରତିନିଧି ବି. ଏନ ଦାସ, ଯୋଡ଼ା ପୌରପାଳିକା ଉପାଧ୍ୟକ୍ଷ ସନ୍ଧ୍ୟା ପାତ୍ରଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲରମାନେ ମଞ୍ଚାସିନ ଥିଲେ। ଯୋଡ଼ା ପୌର ଅଧ୍ୟକ୍ଷ ଡ. ଜଗଦୀଶ ପ୍ରସାଦ ସାହୁ ସଭାରେ ଅଧ୍ୟକ୍ଷତା କରିଥିଲେ। ସଭାରେ ପୌରପାଳିକା ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଯୋଡ଼ା ବିଡିଓ ଦେନିସ ବେହେରା ପୌର ପାଳିକାର ବାର୍ଷିକ ଆୟ ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଯୋଡ଼ା ସହରର ଉନ୍ନତି ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ। ଯୋଡା ପୌରପରିଷଦ ଅଞ୍ଚଳରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରାଯାଇଛି। ଆଗାମୀ ଦିନରେ ମଧ ପୌରାଞ୍ଚଳର ଅଧିବାସୀଙ୍କ ବିଭିନ୍ନ ସମସ୍ୟା ସମାଧାନ ସହ ସହରବାସୀଙ୍କ ମୌଳିକ ସେବା ପହଞ୍ଚାଇବା ଦିଗରେ ପୌରପରିଷଦ ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଅତିଥି ଆଶାବ୍ୟକ୍ତ କରିଥିଲେ। ଅପରାହ୍ନରେ ଚମ୍ପୁଆ ବିଧାୟକଙ୍କ ଦ୍ୱାରା ୨ କୋଟି ୭୪ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଯୋଡ଼ା ସୁପରମାର୍କେଟର ଭିତ୍ତିପ୍ରସ୍ତର ସ୍ଥାପନ, ଯୋଡ଼ା ମହିଳା ମହାବିଦ୍ୟାଳୟ ସମ୍ମୁଖରେ ବହି କଲମ ପ୍ରତିମୂର୍ତ୍ତି ଉନ୍ମୋଚିତ, କଳାପାହାଡ଼ ଛକରେ ଆଦିବାସୀ ନୃତ୍ୟ ମୂର୍ତ୍ତି ଲୋକାର୍ପିତ ଓ କଳାପାହାଡ଼ ଠାରେ ୱାଚ ଟାୱାର ଉଦଘାଟିତ ଓ ସହରର ୫ ଗୋଟି ସ୍ଥାନରେ ନୂତନ ଯାତ୍ରୀ ପ୍ରତିକ୍ଷାଳୟ ଲୋକାର୍ପିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ଯୋଡ଼ା ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ବିଦ୍ୟାଳୟରେ କୃତୀ ଅର୍ଜନ କରିଥିବା କୃତୀ ଛାତ୍ର ଛାତ୍ରୀଙ୍କୁ ସ୍ୱାୟତ୍ତ ଶାସନ ଅବସରରେ ସମ୍ମାନିତ କରାଯାଇଥିଲା। ଅନ୍ୟପକ୍ଷେ ଯୋଡା ସହରର ବିଭିନ୍ନ ସମସ୍ୟା ନେଇ ୪ ଦଫା ଦାବି ନେଇ ଯୋଡ଼ା ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର ଚମ୍ପୁଆ ବିଧାୟକ ଶ୍ରୀ ମହାକୁଡଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଥିଲେ।

## ଦିବ୍ୟାଙ୍ଗ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଶିବିର



କେନ୍ଦୁଝର, ୧।୯ (ସମିସ): କେନ୍ଦୁଝର ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟାଳୟ ଓ ଭାରତ ସରକାରଙ୍କ ଆଲିମକୋ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସଦରବ୍ଲକରେ ଥିବା ସମସ୍ତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷା ପହଞ୍ଚାଇବା ପାଇଁ ଦିବ୍ୟାଙ୍ଗ ଚିହ୍ନଟ ଓ ସହାୟକ ଉପକରଣ ବଣ୍ଟନ ଅନୁଷ୍ଠିତ ହୋଇଯାଇଛି। ସଦର ବ୍ଲକ ବିଆରଟି ଶୁକଦେବ ପାତ୍ରୀ ଓ ମମତାରାଣୀ ମିଶ୍ର ଏହି ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ମୋଟ ୭୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇ ଆବଶ୍ୟକୀୟ ତାଲିମ ଗ୍ରହଣ କରିବା ସହ ପିଲାଙ୍କ ପାଇଁ ଆବଶ୍ୟକ ଉପକରଣ ଗ୍ରହଣ କରିଥିଲେ। ଏହା ସହିତ ଆଗାମୀ ବର୍ଷ ପାଇଁ ଆବଶ୍ୟକ ଦିବ୍ୟାଙ୍ଗ ଉପକରଣର ତାଲିକା ପ୍ରସ୍ତୁତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅଭିଯାନର ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ପୀତବାସ ସାହୁ, ଆଲିମକୋ ଭୁବନେଶ୍ୱର ପକ୍ଷରୁ ନିବେଦିତା ପୃଷ୍ଟି ଓ ତାଙ୍କ ସହଯୋଗୀ ଟିମ, ସହକାରୀ ଜିଲ୍ଲା ଶିକ୍ଷାଧିକାରୀ ଯୋଜନା ରୁଦ୍ର ନାରାୟଣ ସାମଲ, ସହକାରୀ ଶିକ୍ଷାଧିକାରୀ ଶିକ୍ଷା ବିଭାଗ ଶ୍ରୀକାନ୍ତ ବେହେରା, ସହକାରୀ ବ୍ଲକ ଶିକ୍ଷାଧିକାରୀ ତଥା ବିଆରସିସି ସଦର ମାନସ ମିଶ୍ର ପ୍ରମୁଖ ଯୋଗଦେଇ ଆସନ୍ତା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆବଶ୍ୟକୀୟ ଦିବ୍ୟାଙ୍ଗ ସହାୟକ ଉପକରଣର ଆବଶ୍ୟକୀୟ ତାଲିକା ପ୍ରସ୍ତୁତ କରିଥିଲେ। ଆଜିର ଶିବିରରେ ୧୭ ଜଣଙ୍କୁ ହୁଇଲ ଚେୟାର, ଦୁଇ ଜଣଙ୍କୁ ଟ୍ରାଇସାଇକଲ, ଜଣଙ୍କୁ ରୋଲେଟର କିଟ, ୫ ଜଣଙ୍କୁ ଟିଏଲଏମ କିଟ ୧୪ ଜଣ ଶ୍ରବଣ ବାଧିତ ଛାତ୍ରଛାତ୍ରୀଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରିବା ସହିତ ଏଗୁଡିକର ବ୍ୟବହାର କରାଯିବା ଉପରେ ତାଲିମ ପ୍ରଦାନ କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝରର ପ୍ରଧାନ ଶିକ୍ଷକ ଜୟପ୍ରକାଶ ସାହୁ କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତି ଅତିଥି ଓ ଦିବ୍ୟାଙ୍ଗ ବାଳକ ବାଳିକାଙ୍କ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଦେଶ୍ କରମ୍ ପରବ୍ ଉଦ୍‌ଘାଟିତ

# କୁଡୁମାଲି ନୃତ୍ୟରେ ଦୁଲୁକିଲା କରମ୍ ପଡ଼ିଆ

ବୈଶିଙ୍ଗା, ୧।୯ (ସମିସ):



ବେତନଟୀ ଥାନା କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ସୁରେଇଡିହିଠାରେ ଦେଶ୍ କରମ୍ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କୁଡୁମାଲି ଦେଶ୍ କରମ୍ ପରବ୍ ସୋମବାର ଉଦଘାଟିତ ହୋଇଯାଇଛି। ଚାକୁ ଣ୍ଡାପଦା ଶିବମନ୍ଦିର ନିକଟରେ ଥିବା ଜଳାଶୟରୁ ବାଲିଉଠାରୁ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ପାରମ୍ପରିକ ୪ ବିଶାଳ ପଟୁଆରରେ ପାଟବସ୍ତ୍ର ପରିଧାନ କରି କୁଡୁମାଲି ସମ୍ପ୍ରଦାୟର ଲୋକେ ପାରମ୍ପରିକ ନୃତ୍ୟବାଦ୍ୟର ତାଳେତାଳେ ନାଚିଥିଲେ। ପ୍ରାୟ ଦେଢ ହଜାରରୁ ଊର୍ଦ୍ଧ୍ୱ ମହିଳା ଚାକୁଣ୍ଡାପଦା ଶିବମନ୍ଦିରସ୍ଥିତ ସ୍ଥିତ ଜଳାଶୟରୁ ବାଲି ଉଠାଇ ସୁରେଇଡିହି କରମ୍ ପଡିଆରେ ପହଞ୍ଚିଥିଲେ। ଶନିବାର ବାଲିଉଠା ବିଧା ସମ୍ପାଦନ ସାଙ୍ଗକୁ ଜାୱାବେଢା ଓ ଝୁମର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ରବିବାର ଏବଂ ସୋମବାର ଅନୁରୂପ ଭାବେ ଆୟୋଜକ କମିଟି ପକ୍ଷରୁ ଜାୱାବେଢା ଓ ଝୁମର କାର୍ଯ୍ୟକ୍ରମ କ୍ରମ ହେବାନେଇ କାର୍ଯ୍ୟସୂଚୀ ଚୂଡାନ୍ତ ହୋଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ସୁକାନ୍ତ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଉପଦେଷ୍ଟା ଅଧ୍ୟାପକ ଦୀପ୍ତିପ୍ରକାଶ ମହାନ୍ତ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରତିକାନ୍ତ ମହାନ୍ତ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଆଇନଜୀବୀ ବୀ ବିଷ୍ଣୁ ବିଭୂପ୍ରସାଦ ଦାସ, ସମ୍ମାନିତ ନିତ ଅତିଥି ଭାବେ ଛୋ ଖଟେଲାଲ ମହାନ୍ତ, ବେ ବତନଟୀ ବ୍ଲକ ସାମ୍ବାଦିକ ସଂଘର ଉପସଭାପତି ଗତି କୃଷ୍ଣକୃଷ୍ଣ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷା କ୍ଷକ ପୁରେନ୍ଦ୍ରନାଥ ମହାନ୍ତ, ବାଲିଉଠା, ଜାୱାବେଢ଼ାରେ ଦେଢ଼ ହଜାର ମହିଳା ସାମିଲ ଥିଲେ। ଶିକ୍ଷକ ରତିକାନ୍ତ ମହାନ୍ତ, ପୂଜକ ଜେଠମଲ ମହାନ୍ତ, ଶିକ୍ଷାବିତ ତପନ କୁମାର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ପାଞ୍ଚଦିନବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଜିଲ୍ଲା ତଥା ପେଡୋଶୀ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ଅଞ୍ଚଳର କୁଡୁମାଲି ସମ୍ପ୍ରଦାୟର ହଜାରହଜାର ଲୋକଙ୍କ ସମାଗମ ହୋଇଥିଲା। କମିଟିର ସମ୍ପାଦକ ରବୀନ୍ଦ୍ର ମହାନ୍ତ, କୋଷାଧ୍ୟକ୍ଷ ଶତ୍ରୁଘ୍ନ ମହାତ, ଜାଓ୍ୱାକମିଟି ନେତ୍ରୀ କ୍ଷଣପ୍ରଭା ମହାନ୍ତ, ସମ୍ପାଦିକା ସୁଲୋଚନା ମହାନ୍ତ, ସଦସ୍ୟ ରଞ୍ଜନ ମହାନ୍ତ, ମୋବାଶିଷ ମହାନ୍ତ, ଦୀପକ ମହାନ୍ତ, ବୁଲୁ ମହାନ୍ତ, ଡମ୍ବରୁଧର ମହାନ୍ତ ପ୍ରମୁଖ ପରିଚାଳନା କରୁଛନ୍ତି।

## ଯୁବକଙ୍କ ମୃତଦେହ ଉଦ୍ଧାର

ବାରିପଦା, ୧।୯ (ସମିସ): ଚାନ୍ଦୁଆ ଥାନା ଅନ୍ତର୍ଗତ ହାତୀମଡ଼ା ଗ୍ରାମରୁ ଜଣେ ଯୁବକଙ୍କ ସନ୍ଦେହ ଜନକ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ଉକ୍ତ ଗ୍ରାମର ବିଲୁଆ ନାଏକ। ସୋମବାର ସକାଳୁ ଘର ପଛ ପଟୁ ତାଙ୍କର ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକମାନେ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲକୁ ପଠାଇଥିଲା। ତେବେ ମୃତ୍ୟୁର ପ୍ରକୃତ କାରଣ ଜଣା ପଡିନଥିବା ବେଳେ ଯୁବକଙ୍କ ଅତ୍ୟଧିକ ମଦ୍ୟପାନ ପାଇଁ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଅଧାରୁ ପାଠ ଛାଡିଥିବା ଭିନ୍ନକ୍ଷମ ଛାତ୍ରୀଙ୍କ ନାମ ଲେଖାଇଲେ ସ୍ୱେଚ୍ଛାସେବୀ



ଠାକୁରମୁଣ୍ଡା, ୧।୯ (ସମିସ): ଠାକୁରମୁଣ୍ଡା ବ୍ଲକ ଭରାଣ୍ଡିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବାଉଁଶଡ଼ିହା ଗ୍ରାମର ଟିରୁ ବଂସୁଳିଆଙ୍କ ଭିନ୍ନକ୍ଷମ ଝିଅ ସୁଭଦ୍ରା ବଂସୁଳିଆ ଅଧାରୁ ପାଠ ଛାଡିଥିବା ଖବର ଶୁଣିବା ପରେ ଭରାଣ୍ଡିଆ କ୍ଲଷ୍ଟର ସିଆରସିସି ସୁଶାନ୍ତ ସେଠୀଙ୍କ ସହଯୋଗ କ୍ରମେ ସିଡବ୍ଲ୍ୟୁଏସଏନ-ଆରପିର ସ୍ୱେଚ୍ଛାସେବୀ ପଙ୍କଜିନୀ ମହାରଣା ମିରିଗୀମୁଣ୍ଡି ପଞ୍ଚସଖା ହାଇସ୍କୁଲରେ ନାମ ଲେଖାଇଛନ୍ତି। ଫଳରେ ତାଙ୍କ ପରିବାର ସହ ପଡୋଶୀ ବହୁତ ଖୁସି ବ୍ୟକ୍ତ କରିଛନ୍ତି।

## ଯୋଗ ପ୍ରତିଯୋଗିତାରେ ବିବେକାନନ୍ଦ ସ୍କୁଲର ସଫଳତା

କରଞ୍ଜିଆ, ୧।୯ (ସମିସ): କରଞ୍ଜିଆ ସହରରେ ଥିବା ବିବେକାନନ୍ଦ ପବ୍ଲିକ ସ୍କୁଲର ୬ ଜଣ ଛାତ୍ର ମହାରାଷ୍ଟ୍ରର ନାଗପୁରଠାରେ ଅନୁଷ୍ଠିତ ସର୍ବଭାରତୀୟ ଯୋଗ ପ୍ରତିଯୋଗିତାରେ ୬ଟି



ପଦକ ହାସଲ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ସ୍ପୋର୍ଟ୍ସ ଅଥରିଟି ଅଫ ଇଣ୍ଡିଆ ପକ୍ଷରୁଆୟୋଜିତ ସର୍ବଭାରତ ପ୍ରତିଯୋଗିତାରେ ବିବେକାନନ୍ଦ ପବ୍ଲିକ ସ୍କୁଲର ଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ଶ୍ରୀୟମ ଦାସ ଓ ଫାଲ୍ଗୁନୀ ମହାନ୍ତ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ସୌମ୍ୟଜିତ ମହାନ୍ତ ଓ ଜ୍ଞାନେଶ୍ୱର ସାହୁ କାଂସ୍ୟ ପଦକ ପାଇଛନ୍ତି। ସେହିପରି ଦିବ୍ୟଜ୍ୟୋତି ମହାନ୍ତ ଓ ଶଶାଙ୍କ ଶେଖର ଟୁଡୁ ରୌପ୍ୟ ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ସୌମ୍ୟଜିତ ମହାନ୍ତ ଓ ଫାଲ୍ଗୁନୀ ମହାନ୍ତ ଦୁବାଇଠାରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତିକ ଯୋଗ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଛନ୍ତି। ବିବେକାନ୍ଦ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଅଧକ୍ଷ ବିଷ୍ଣୁକୁମାର ଅଗ୍ରୱାଲ ଓ ସାହିଲ ରସିଦଙ୍କ ପ୍ରତ୍ୟକ୍ଷ ପ୍ରଶିକ୍ଷଣରେ ଏହି ସଫଳତା ମିଳିଛି। ସୂଚନାଯୋଗ୍ୟ ଯେ, ଏହି ପ୍ରତିଯୋଗିତା ଗତ ୨୯, ୩୦, ୩୧ ତାରିଖରେ ଅନୁଷ୍ଠିତ ହୋଇଥିଲା।

## ଯୁଗ୍ମ ଜନଶୁଣାଣି ଶିବିରରେ ୨୩୮ଟି ଅଭିଯୋଗ



ବାରିପଦା, ୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ସୋମବାର ବାରିପଦା ଉପଖଣ୍ଡର ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୨୩୮ଟି ଅଭିଯୋଗ ପତ୍ର ଶୁଣାଣି ପାଇଁ ଗ୍ରହଣ ହୋଇଥିଲା। ତନ୍ମଧ୍ୟରୁ ୨୦୨ଟି ବ୍ୟକ୍ତିଗତ ଥିବାବେଳେ ୩୬ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ୧୩ଟି ଆପତ୍ତିର ତତ୍କାଳ ସମାଧାନ ହୋଇଥିଲା। ଅଭିଯୋଗର ଗୁରୁତ୍ୱକୁ ବିଚାର କରି ଜିଲ୍ଲାପାଳ ୭ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪୫ ହଜାର ଟଙ୍କା ଏବଂ ୩ଜଣଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୫ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଜନ ଅଭିଯୋଗ ଶୁଣାଣିରେ ଗ୍ରହଣ ହୋଇଥିବା ବିଭିନ୍ନ ବିଭାଗ ସମ୍ପର୍କିତ ଅନ୍ୟାନ୍ୟ ଅଭିଯୋଗଗୁଡିକ ଉପରେ ଅନୁଧ୍ୟାନ ପୂର୍ବକ ବିଚାର କରି ସେଗୁଡିକର ତ୍ୱରିତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଜିଲ୍ଲାପାଳଙ୍କ ସହିତ ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଓ ଇଶ୍ୱର ଚନ୍ଦ୍ର ନାଏକ, ବାରିପଦା ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କିଶୋର କୁମାର ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ।

### ■ ଭାଗବତ ଟୁଙ୍ଗି ବାରଣ୍ଡାରେ ଦିନ କାଟୁଛନ୍ତି ଦୀନବନ୍ଧୁ

## ଘସିପୁରା ବ୍ଲକ୍ ପ୍ରଶାସନ ବେଫିକର



ଆନନ୍ଦପୁର,୧।୯ (ସମିସ): ଘସିପୁରା ବ୍ଲକ୍ ଦରଦିପାଳ ପଞ୍ଚାୟତର ଜଳସୁଆଁ ଗ୍ରାମର ଟଙ୍କଧର ସାହୁଙ୍କ ଦିନ କଟୁଛି ଗାଁର ଭାଗବତ ଟୁଙ୍ଗି ବାରଣ୍ଡାରେ। ଦୁଇବର୍ଷ ତଳେ ତାଙ୍କ ପତ୍ନୀଙ୍କ ମୃତ୍ୟୁହେବାପରେ ଆଉ ତାଙ୍କର କେହି ନାହାନ୍ତି। ରହିବାକୁ ଘର ମଧ୍ୟ ନାହିଁ। ରାସନ କାର୍ଡ ନାହିଁ କି ବାର୍ଦ୍ଧକ୍ୟ ଭତ୍ତା ମିଳୁନାହିଁ। ଅସହାୟ ହୋଇ ସରପଞ୍ଚ ପଞ୍ଚାୟତ ଅଧିକାରୀ ଓ ବ୍ଲକ ଦପ୍ତରରେ ପହଞ୍ଚି ଥିଲେବି ତାଙ୍କ ଦୁଃଖ ଲାଘବ ହୋଇନାହିଁ। ପ୍ରଶାସନ ପକ୍ଷରୁ ଅସହାୟ ଓ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ସମସ୍ତ ସରକାରୀ ସୁବିଧା ଯୋଗାଇ ଦେବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ଘସିପୁରା ବ୍ଲକ୍‌ରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଛି। ବେସାହାରେ ହୋଇପଡିଥିବା ଟଙ୍କଧର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମଠ ମନ୍ଦିର ବିଦ୍ୟାଳୟ ପରିଶର ସଫା ସୁତୁରା କରି ସେ ଅଞ୍ଚଳ ପାଇଁ ଉଦାହରଣ ପାଲଟିଛନ୍ତି। ତେବେ ବ୍ଲକ ପ୍ରଶାସନ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି କି ବୋଲି ସମାଜସେବୀ ସଞ୍ଜୟ ଜେନା ପ୍ରଶ୍ନ ଉଠାଇଛନ୍ତି।

## ଅବସରପ୍ରାପ୍ତ ସୈନିକ ସଂଘର ବୈଠକରେ ସ୍ମୃତିସ୍ତମ୍ଭ ନିର୍ମାଣ ନିଷ୍ପତ୍ତି

ବୈଶିଙ୍ଗା, ୧।୯ (ସମିସ): ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକସଂଘ ପକ୍ଷରୁ ଏକ ବୈଠକ ଏକଠି-୮ ୯ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଛି। ସଂଘର ବେତନଟୀ ବ୍ଲକ ସଭାପତି ଦୈତାରୀ ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ନରହରି ବିଶ୍ୱାଳଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ବେତନଟୀ ବ୍ଲକ ଅବସରପ୍ରାପ୍ତ ସୈନିକ ସଂଘକୁ ଅଧିକ ସୁସଂଗଠିତ, ସୁବ୍ୟବସ୍ଥିତ ତଥା କ୍ରିୟାଶୀଳ କରିବା ଉପରେ ଆଲୋଚନା କରାଯାଇଥିଲା। ସେନା ବାହିନୀରେ ଦୀର୍ଘବର୍ଷର ଚାକିରିରୁ ଅବସର ଗ୍ରହଣ କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାଧାନ କ୍ଷେତ୍ରରେ ସଂଘର ଆଭିମୁଖ୍ୟ, କାର୍ଯ୍ୟଧାରାକୁ ନେଇ ସମୀକ୍ଷା କରାଯାଇଥିଲା। ଭାରତୀୟ ପ୍ରତିରକ୍ଷା ବିଭାଗର ପଦାତିକ, ବାୟୁସେନା ଏବଂ ନେଭିରେ ଦୀର୍ଘବର୍ଷର ଚାକିରି ପରେ ଅବସର ଗ୍ରହଣ କରିଥିବା ଅଧିକାରୀ ଏବଂ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ଦେଶମାତୃକାର ସେବାରେ ଜୀବନକୁ ଉତ୍ସର୍ଗ କରି ସହିଦ ହୋଇଥିବା ତଥା ଅବସରପରେ ଇହଧାମ ତ୍ୟାଗ କରିଥିବା ଦିବଂଗତଙ୍କ ସ୍ମୃତି ଉଦ୍ଦେଶ୍ୟରେ ବେତନଟୀଠାରେ ଏକ ସ୍ମୃତିସ୍ତମ୍ଭ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ହେବା ସହିତ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବା ନେଇ ସହମତି ପ୍ରକାଶ ପାଇଛି। ଅନ୍ୟମାନଙ୍କ ମଧ୍ୟରେ ଅମୂଲ୍ୟ କୁମାର ମିଶ୍ର, ରାଜାରାମ ସିଂ, ଅକ୍ଷୟ କୁମାର ରାୟ, ଫକଲ ହାଁସଦା, ବିକାଶ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଜବତ; ୪ ଗିରଫ

ଚମ୍ପୁଆ,୧।୯ (ସମିସ): ଗଞ୍ଜେଇ ଚୋରା ଚାଲାଣ ବେଳେ ଚମ୍ପୁଆ ପୁଲିସ ମଙ୍ଗପୁର ରାସ୍ତାର ଶଙ୍କରପୁର ନିକଟରୁ ୪ ଜଣକୁ ଧରିବାରେ ସଫଳ ହୋଇଛି। ମିଳିଥିବା ସୂଚନା ଅନୁସାରେ ସୋମବାର ସକାଳେ ଚମ୍ପୁଆ ପୁଲିସ ସବ୍‌ଇନ୍ସପେକ୍ଟର ନିତେଶ କୁମାର ବେହେରା ଓ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ଜଣେ ଯୁବକକୁ ସନ୍ଦେହଜନକ ଭାବେ ଅଟକାଇଥିଲେ। ପରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାଶି କରିବାରୁ ତାଙ୍କ ନିକଟରୁ ଏକ ପ୍ଲାଷ୍ଟିକ ବ୍ୟାଗରେ ୫.୩୪୦ କି.ଗ୍ରା. ଗଞ୍ଜେଇ ମିଳିଥିଲା। ମୁଖ୍ୟ ଆସାମୀ ରୁମୁଳି ଗ୍ରାମର ଅଜୟ କୁମାର ସାହୁ (୩୮) ଏହି ଗଞ୍ଜେଇ ବ୍ୟବସାୟରେ ଲିପ୍ତ ଥିଲାବେଳେ ଏମାନଙ୍କୁ ସହାୟତା କରୁଥିବା ଚମ୍ପୁଆ ବାରିକ ସାହିର ଉଦିପ ରାମ, ଟୁଣ୍ଡୁଣା ଗ୍ରାମର ସତ୍ୟାନନ୍ଦ ନାଏକ। ସେହିପରି ରିମୁଳି ଗ୍ରାମର ମାନସ କୁମାର ରାଉତ, ଅଜୟ ସାହୁଙ୍କ ନିକଟରୁ ଗୋଟିଏ ବାଇକ୍ ଓ ୫.୩୪୦ କି.ଗ୍ରା ଗଞ୍ଜେଇ ଏବଂ ଦୁଇଟି ମୋବାଇଲ ଫୋନ୍ ଜବତ କରାଯାଇଛି। ଚମ୍ପୁଆ ଥାନାରେ ମାମଲା ରୁଜୁକରି ଆସାମୀ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବୈଶିଙ୍ଗାକୁ ବ୍ଲକ୍ ମାନ୍ୟତା ଦାବିରେ ସର୍ବଦଳୀୟ ବୈଠକ




ବୈଶିଙ୍ଗା, ୧।୯ (ସମିସ): ବୈଶିଙ୍ଗାକୁ ବ୍ଲକ୍ ମାନ୍ୟତା ପ୍ରଦାନ ଦାବିରେ ବୈଶିଙ୍ଗା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବରିଷ୍ଠ ସଦସ୍ୟ ବିବେକାନନ୍ଦ ପଣ୍ଡାଙ୍କ ଆବାହକତ୍ୱରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଶିଙ୍ଗା ସ୍ଥିତ ଆର୍‌ଏମସି ଗେଷ୍ଟ ହାଉସ୍ ପରିସରରେ ଆୟୋଜିତ ବୈଠକରେ ବ୍ଲକ୍ ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ସରକାରୀସ୍ତରରେ ତ୍ୱରିତ ପଦକ୍ଷେପ ନେବାକୁ ଦାବି କରାଯାଇଥିଲା। ପ୍ରସ୍ତାବିତ ବୈଶିଙ୍ଗା ବ୍ଲକ୍ ଅଞ୍ଚଳରେ ଥିବା ପଞ୍ଚାୟତଗୁଡ଼ିକ ଉଭୟ ସରକାରୀ ଓ ପ୍ରଶାସନିକସ୍ତରରେ ଅବହେଳିତ ହୋଇରହିଛି। ଏହି ବ୍ଲକ୍ ଅଧୀନ ୨୪ଟି ପଞ୍ଚାୟତ ମଧ୍ୟରୁ ବ୍ଲକ୍ ସଦର ମହକୁମାରୁ ଦୂରରେ ରହୁଥିବା ଅଞ୍ଚଳର ସମସ୍ୟା ଉପରେ କାହାର ନଜର ପଡୁନି। ତେଣୁ ହଜାର ହଜାର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବୈଶିଙ୍ଗା ବ୍ଲକ୍ ଗଠନ ପାଇଁ ସରକାରଙ୍କ ଉପରେ ଚାପ ପକାଇବାକୁ ଦଳମତ ନିର୍ବିଶେଷରେ ସହମତି ପ୍ରକାଶ ପାଇଥିଲା। ବୈଠକରେ ସ୍ଥାନୀୟ ବିଧାୟକ ସନାତନ ବିଜୁଳି ଉପସ୍ଥିତ ରହି ଆଞ୍ଚଳିକ ବିକାଶ ପରିଷଦର ଦାବିକୁ ସମର୍ଥନ କରିବା ସହିତ ଏନେଇ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ଏଥିସହ ବୈଶିଙ୍ଗା ବ୍ଲକ୍ ଗଠନ ଦାବି ନିଶ୍ଚିତ ପୂରଣ ହେବ ବୋଲି କହିଥିଲେ। ବୈଠକରେ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ମାଧବୀ ସେନାପତି, ବେତନଟୀ ବ୍ଲକ୍ ବିଜେଡି ସଭାପତି ରାଜୀବ ରଞ୍ଜନ ସେନାପତି, ୩୬ ନଂ ବିଜେପି ମଣ୍ଡଳ ସଭାପତି ରାଜୀବ ନନ୍ଦୀ, ୩୭ ନଂ ବିଜେପି ମଣ୍ଡଳ ସଭାପତି ଶାନ୍ତନୁ କୁମାର ପଣ୍ଡା, ବରିଷ୍ଠ ବିଜେଡି ନେତା ଶ୍ରଭାନ୍ତ ତିଆଡ଼ି, ରବିନାରାୟଣ ପଣ୍ଡା, ବୃନ୍ଦାବନ ଦାସ, ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ବ୍ରଜମୋହନ ବେହେରା, ସମିତି ସଭ୍ୟ ସବିତା ଦାସ, ଶ୍ରୀଧର ପଣ୍ଡିତ, ସମାଜସେବୀ ପଦ୍ମଲୋଚନ ଦାସ, ବିଜେପି ନେତା ରତିକାନ୍ତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ଦୀପକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସ ପାଳିତ



ବଡ଼ବିଲ,୧।୯ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରପାଳିକାରେ ରାଷ୍ଟ୍ରୀୟ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ବଡ଼ବିଲ ପୌରାଧକ୍ଷ ଲକ୍ଷ୍ମଣ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବଡ଼ବିଲ ପୌରପାଳିକା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ବଡ଼ବିଲ ପୌର କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏ ସାଧାରଣ ସଭାରେ ଚମ୍ପୁଆ ବିଧାୟକ ସନାତନ ମହାକୁଡ଼ ମୁଖ୍ୟ ଅତିଥି, ବଡ଼ବିଲ ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଚମ୍ପୁଆ ଉପ-ଜିଲ୍ଲାପାଳ ଉମାକାନ୍ତ ପରିଡା, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ, ଥାନା ଅଧିକାରୀ ଅଶୋକ ନାୟକ, ବଡ଼ବିଲ ପୌର-ଉପାଧ୍ୟକ୍ଷ ସରସ୍ୱତୀ ନାୟକ, ସାଂସଦ ପ୍ରତିନିଧି ନୀଳମଣି ମହାନ୍ତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୌର ନିର୍ବାହୀ ଅଧିକାରୀ ରମେଶ ଚନ୍ଦ୍ର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ସମସ୍ତ ୧୫ ଟି ୱାର୍ଡକୁ ନେଇ ଏକ ନକ ଆଉଟ ଫୁଟବଲ ଟୁର୍ନାମେଣ୍ଟ ର ବିଜେତା ମାନଙ୍କୁ ଅତିଥିମାନଙ୍କ ଦ୍ୱାରା ବିଜେତା ୧୨ ନମ୍ବର ୱାର୍ଡ ଓ ଉପ -ବିଜେତା ୯ ନମ୍ବର ୱାର୍ଡ ଖେଳାଳିଙ୍କୁ ପୁରସ୍କୃତ କରାଯିବା ସହିତ କର୍ତ୍ତବ୍ୟନିଷ୍ଠା ପୌର କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ମଣ୍ଟୁ ଛୁରିଆଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମର ଦର୍ଶକ ମାନେ ଭରପୁର ମଜା ନେଇଥିଲେ।

## ଚମ୍ପୁଆ ସହରକୁ ପଶିଆସିଲେ ହାତୀ

ଚମ୍ପୁଆ,୧।୯ (ସମିସ): ଚମ୍ପୁଆ ବନାଞ୍ଚଳରେ ଗଜରାଜଙ୍କର ଗୁଣ୍ଡାରାଜ ଥମିବାର ନାଁ ନେଉନାହିଁ। ଏହି ରେଞ୍ଜ ଅଧୀନସ୍ଥ ୬ଟି ଯାକ ସେକ୍ସନର ବିଭିନ୍ନ ଗାଁରେ ହାତୀପଲଙ୍କ ଉପଦ୍ରବରେ ଆତଙ୍କିତ ଗ୍ରାମବାସୀ। ରବିବାର ରାତି ୯ ଟା ପରେ ଦୁଇଟି ଦନ୍ତାହାତୀ ଚମ୍ପୁଆ ସହରକୁ ଧସେଇ ପଶି ଆସିଥିଲେ ସୁଦ୍ଧା କୌଣସି କ୍ଷତି କରିନଥିଲେ। ଏହାତୀ ଦ୍ୱୟ ରାମଲା, ୧୧ ନଂ ୱାର୍ଡ, ଫରେଷ୍ଟ ଟ୍ରେନିଂ ସ୍କୁଲ ନିକଟକୁ ଧସେଇ ପଶି ଭୟର ବାତାବରଣ ସୃଷ୍ଟି କରିଥିଲେ। ବନବିଭାଗ ହାତୀ ଦ୍ୱୟଙ୍କୁ ପୁନଃ ମୟୂରଭଞ୍ଜ ଆଡ଼କୁ ଘଉଡ଼ାଇ ଦେଇଥିବା ଜଣାପଡ଼ିଛି।



## ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତିଙ୍କ ଯୋଗଦାନ



କେନ୍ଦୁଝର,୧।୯ (ସମିସ): ଧରଣୀଧର ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ଭାବରେ ସୋମବାର ପୂର୍ବାହ୍ନରେ ଯୋଗ ଦେଇଛନ୍ତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ। ସେ ସୋମବାରଠାରୁ ଡିଡି ବିଶ୍ୱବିଦ୍ୟାଳୟର ଦାୟିତ୍ୱ ମଧ୍ୟ ନେଇଛନ୍ତି। ସେ ବର୍ତ୍ତମାନ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବରେ କାର୍ଯ୍ୟଭାର ତୁଲାଉଛନ୍ତି। ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ତାଙ୍କୁ ଆଗାମୀ ଛଅ ମାସ ଅବା ନୂତନ କୁଳପତିଙ୍କ ଯୋଗଦାନ ପର୍ଯ୍ୟନ୍ତ ଅତିରିକ୍ତ ଦାୟିତ୍ୱ ରାଜଭବନ ପକ୍ଷରୁ ପ୍ରଦାନ କରାଯାଇଛି। ସେ ଜଣେ ସୁଦକ୍ଷ ଇଞ୍ଜିନିୟର ସହିତ ଜଣେ ପ୍ରତିଷ୍ଠିତ ଏକାଡେମୀସିଆନ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀ।

## ରାଇରଙ୍ଗପୁରରେ ଡ୍ରାଇଭର ଦିବସ ପାଳିତ



ରାଇରଙ୍ଗପୁର,୧।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରଠାରେ ଓଡିଶା ଡ୍ରାଇଭର ସଂଘ ରାଇରଙ୍ଗପୁର ଶାଖା ତରଫରୁ ପ୍ରଥମ ବାର୍ଷିକ ଦିବସ ପାଳିତ ହୋଇଯାଇଛି। ଏହି ଦିବସରେ ବାମନଘାଟି ଉପଖଣ୍ଡର ସମସ୍ତ ଡ୍ରାଇଭର ଏକ ବିଶାଳ ବାଇକ୍ ରାଲି ବାହାରି ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ। ସଂଘ ସଭାପତି ଅମୂଲ୍ୟ ମହାନ୍ତି, ଉପ ସଭାପତି ପିଣ୍ଟୁ ସର୍ଦ୍ଦାର, ସମ୍ପାଦକ ଅଶ୍ୱନୀ ମହାନ୍ତ, ସହ-ସମ୍ପାଦକ ପବନ ଗୋପାଳ, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ମହାନ୍ତ ଓ ଏମଡି ସଞ୍ଜୟ ପ୍ରମୁଖ ଉପସ୍ଥିତ ଥିଲେ।

### କୁଳିଅଣା ବ୍ଲକ ଆଶାକର୍ମୀଙ୍କୁ ମିଳୁନି ପ୍ରାପ୍ୟ

# ଜିଲ୍ଲାପାଳଙ୍କୁ ଫେରାଦ ହେଲେ ପ୍ରତିନିଧି

ବାରିପଦା,୧।୯ (ସମିସ):



ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ କାର୍ଯ୍ୟକରୁଥିବା ଆଶାକର୍ମୀଙ୍କୁ ଚଳିତବର୍ଷର ୮ ମାସ ଏବଂ ୨୦୨୪ର ଦୁଇ ମାସର ପ୍ରାପ୍ୟ ନାହାନ୍ତି। ଫଳରେ ଆଶାକର୍ମୀମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ନେଇ ପୂର୍ବରୁ କୁଳିଅଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀଙ୍କୁ ଅଭିଯୋଗ କରିବା ପରେ ମଧ୍ୟ ସମସ୍ୟା ସମାଧାନ ହୋଇନାହିଁ। ଫଳରେ କର୍ମୀମାନେ ବାଧ୍ୟହୋଇ ସୋମବାର ଅନୁଷ୍ଠିତ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରିଛନ୍ତି। ପ୍ରାପ୍ୟ ମିଳି ନ ଥିବାରୁ ପରିବାର ପ୍ରତିପୋଷଣରେ ସମସ୍ୟା ଉପୁଜୁଥିବାବେଳେ ଦରମା ପ୍ରଦାନ କରୁଥିବା କର୍ମଚାରୀଙ୍କ ମନମାନି ଦିନକୁ ଦିନ ବୃଦ୍ଧି ପାଉଛି। ବ୍ଲକର ବିଭିନ୍ନ ଅଞ୍ଚଳରେ କାମ କରୁଥିବା କବିତା ପ୍ରଧାନ, ଭାରତୀ ଚୌଧୁରୀ, ଭାରତୀ ଦଳେଇ, ଶଙ୍କରୀ ମୁର୍ମୁ, ମନ୍ଦାକିନି ନାଏକ, ସନ୍ଧ୍ୟା ଲାଇସେନ୍, ଆରତୀ ବେହେରା, ପ୍ରମିଳା କିସକୁ, ବାସନ୍ତି ସିଂ, କଳ୍ପନା ଦତ୍ତ, ବିଷ୍ଣୁପ୍ରିୟା ନାଥ, ସୁମିତା ନାଇକ, ସୀତା ସିଂ, ସରସ୍ୱତି ହଂସଦା, ପ୍ରତିଭା ସେଠୀ, ମଧୁସ୍ମିତା ବେହେରା, ଚାନ୍ଦମଣି ମୁର୍ମୁ, ହୀରଣ ହାଁସଦା, ନିନାମଣି ସିଂ, ନିହାରିକା ଦାସ, ଶିବାଦୀ ରଣା, ବାସନ୍ତି ବାରିକ, ସତ୍ୟବତି ବେହେରା ଓ କବିତା ପ୍ରଧାନ ପ୍ରମୁଖ ପ୍ରାପ୍ୟ ମିଳିନଥିବା କହିଛନ୍ତି। ସୂଚନା ମୁତାବକ, ଏହି ସମ୍ପୃକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ଏକାଧିକ ଆଶାକର୍ମୀଙ୍କର ୫୨ ହଜାରରୁ ଅଧିକ ଟଙ୍କା ସରକାରଙ୍କ ଉପରେ ବକେୟା ଗଡୁଛି। ଦାୟିତ୍ୱରେ ଥିବା ବାଡାଙ୍କ ମନମୁଖି ଓ ଦାୟିତ୍ୱ ହୀନତା ପାଇଁ ଆଶାକର୍ମୀଙ୍କ ଆକାଉଣ୍ଟକୁ ପାଇବାକୁ ଥିବା ଅର୍ଥ ଟ୍ରାନ୍ସଫର ନହୋଇ ଜିଲ୍ଲାର ଅନ୍ୟ ଆଶାକର୍ମୀଙ୍କ ଆକାଉଣ୍ଟକୁ ଯାଇଛି। ଅଭିଯୋଗ ପରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ବାଡାଙ୍କ ଦରମାରୁ ପ୍ରତିମାସ ୨ହଜାର ଟଙ୍କା ଲେଖାଏଁ କାଟି ଆଶାକର୍ମୀଙ୍କୁ ଦିଆଯିବ କହିବାରୁ ସମସ୍ତେ ଅସନ୍ତୋଷ ପ୍ରକାଶ କରିଛନ୍ତି। ତ୍ରୁଟି କରିଥିବା ବାଡାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେଇ ଏପରି ମନ୍ତବ୍ୟ ଦୁଃଖଦାୟକ ବୋଲି ଜିଲ୍ଲାପାଳଙ୍କ ପ୍ରତିନିଧି ଦଳ କହିଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ ଦେଉଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଏ ନେଇ ତଦନ୍ତ କରି ନ୍ୟାୟ ଦେବେ ବୋଲି କହିଛନ୍ତି।



## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ। ଦାନଧର୍ମରେ ସମୟ ଅତିବାହିତ ହେବ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କଠାରୁ ପ୍ରଶଂସିତ ହେବେ। ଧାର୍ମିକ କାର୍ଯ୍ୟରେ ସମୟ ବିତାଇବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି। ଉଧାର ଟଙ୍କା ଫେରି ପାଇବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ସାହିତ୍ୟ ସମାବେଶରେ ପ୍ରଶଂସିତ ହୋଇପାରନ୍ତି। ସମୟର ସଦୁପଯୋଗ କରନ୍ତୁ। ପାରିବାରିକ କଳହ ଦେଖା ଦେବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**ସିଂହ:** ଆୟ ବ୍ୟୟ ସମାନ ହେବ। ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ନିବେଶରୁ ଲାଭ ମିଳିବ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଉତ୍ତମ ବୁଦ୍ଧିରେ କାର୍ଯ୍ୟ ପୂରା କରିବେ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି। ସକାରାତ୍ମକ ଚିନ୍ତାଧାରାରେ ଆଗକୁ ବଢ଼ନ୍ତୁ।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ। ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ଦୂରସ୍ଥାନ ଯାତ୍ରା କରିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକି ପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେଇପାରେ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଅଯଥା ଖର୍ଚ୍ଚ କରିବେ। ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

## ଆଜିର ଇତିହାସ

- ୧୯୧୯ - ଇଟାଲୀରେ ସର୍ବସାଧାରଣଙ୍କୁ ମତଦାନ ଅଧିକାର ଦିଆଗଲା।
- ୧୯୪୫- ଭିଏତନାମ ସ୍ୱାଧୀନ ହୋଇଥିଲା।
- ୧୯୬୯ - ବିଶ୍ୱର ପ୍ରଥମ ଏଟିଏମ୍ ନ୍ୟୁୟର୍କରୁ ଆରମ୍ଭ ହେଲା।
- ୧୯୯୮ - ସ୍ୱିସ୍ ଏୟାର୍ ବିମାନ ଦୁର୍ଘଟଣାରେ ୨୨୯ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା।
- ୨୦୦୯ - ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ୱାଇ. ଏସ୍. ରାଜଶେଖର ରେଡ୍ଡୀଙ୍କୁ ନେଇ ଯାଉଥିବା ବିମାନ ଦୁର୍ଘଟଣାଗ୍ରସ୍ତ।

# ପୁଣି ଫେରିବ ରଣବୀର-ଆଦିତ୍ୟ ଯୋଡ଼ି

ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ଆଦିତ୍ୟ ଧରଙ୍କ ଫିଲ୍ମ 'ଧୁରନ୍ଧର'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଇତିମଧ୍ୟରେ ଆଦିତ୍ୟ ରଣବୀରଙ୍କୁ ନେଇ ଆଉ ଏକ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି ବୋଲି ଜଣାପଡ଼ିଛି। ଏହି ଯୋଡ଼ି ପୌରାଣିକ ବିଷୟବସ୍ତୁ ଉପରେ ଏକ ଫିଲ୍ମ ନିର୍ମାଣ କରୁଛନ୍ତି। ତେବେ ଏହି ଫିଲ୍ମର ଟାଇଟଲ୍ 'ଦ ଇମୋର୍ଟାଲ ଅଶ୍ୱଥାମା' ହେବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। 'ଉରି: ଦ ସର୍ଜିକାଲ୍ ଷ୍ଟ୍ରାଇକ୍'ପରେ ଆଦିତ୍ୟ ଭିକି କୌଶଲଙ୍କୁ ନେଇ 'ଦ ଇମୋର୍ଟାଲ ଅଶ୍ୱଥାମା' ଫିଲ୍ମ ନିର୍ମାଣ କରିଥାନ୍ତେ। କିନ୍ତୁ ମହାମାରୀ ପରେ ବକ୍ସ ଅଫିସ୍ ସ୍ଥିତିକୁ ଦେଖି ଆଦିତ୍ୟ ଏହି ଫିଲ୍ମକୁ ବନ୍ଦ କରି ଦେଇଥିଲେ। ତେବେ ପୁଣିଥରେ ଆଦିତ୍ୟ ରଣବୀରଙ୍କୁ ନେଇ ସେହି ଫିଲ୍ମ ନିର୍ମାଣ କରିବେ ଏହାର ଆଶା ଖୁବ୍ କମ୍ ଲାଗୁଛି। 'ଧୁରନ୍ଧର' ଫିଲ୍ମ ସମୟରେ ଆଦିତ୍ୟ ଓ ରଣବୀରଙ୍କ ମଧ୍ୟରେ ଏକ ଭଲ ବଣ୍ଡିଂ ଦେଖିବାକୁ ମିଳିଥିଲା। ତେବେ ଆସନ୍ତା ବର୍ଷ ଆରମ୍ଭରେ ଆଦିତ୍ୟ ତାଙ୍କର ଏହି ନୂଆ ଫିଲ୍ମର କାହାଣୀ ଉପରେ କାମ ଆରମ୍ଭ କରିଦେବେ। ଏହାର କାହାଣୀ ଲେଖା ସରୁ ସରୁ ରଣବୀର 'ଡନ୍-୩'ର ସୁଟିଂ ସାରି ଦେଇଥିବେ। ୨୦୨୭ ଆରମ୍ଭରୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଧୁରନ୍ଧର' ଫିଲ୍ମର ଆଉ ୩୫-୪୦ ଦିନର ସୁଟିଂ ବାକି ଅଛି। ଫିଲ୍ମ ନିର୍ମାତା ଏହାକୁ ଡିସେମ୍ବର ୫ରେ ରିଲିଜ୍ କରିବା ପାଇଁ ଯୋଜନା ରଖିଛନ୍ତି। ଏଥିରେ ରଣବୀରଙ୍କ ସହ ଆର୍. ମାଧବନ୍, ସଞ୍ଜୟ ଦତ୍ତ, ଅକ୍ଷୟ ଖାନ୍ନା, ଅର୍ଜୁନ୍ ରାମପାଲ, ସାରା ଅର୍ଜୁନ୍ ପ୍ରମୁଖ ନଜର ଆସିବେ।





# ଶ୍ରୀଫଳ ପାଇଁ ଦିନଟିଏ

ବିଶ୍ୱର ସର୍ବାଧିକ ଉପାଦେୟ ବୃକ୍ଷ ହେଉଛି ନାରିକେଳ ବା ନଡ଼ିଆ। ସ୍ୱାସ୍ଥ୍ୟ ଓ ସଂସ୍କୃତି ପ୍ରତି ଏହାର ଅବଦାନ ଅତୁଳନୀୟ। ଏହାର ଉପାଦେୟତା ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ସେପ୍ଟେମ୍ବର ୨ ତାରିଖରେ ବିଶ୍ୱ ନାରିକେଳ ବା ନଡ଼ିଆ ଦିବସ ପାଳନ କରାଯାଏ। ୨୦୦୯ ସେପ୍ଟେମ୍ବର ୨ ତାରିଖରେ 'ଏସିଆ ପ୍ୟାସିଫିକ୍ କୋକୋନଟ୍ କମ୍ୟୁନିଟି' ଗଠନ କରାଯାଇଥିଲା। ଏହାର ପ୍ରତିଷ୍ଠା ଦିବସ ଉପଲକ୍ଷେ 'ବିଶ୍ୱ ନାରିକେଳ ଦିବସ' ପାଳନ କରାଯାଏ। ନଡ଼ିଆ ଚାଷ ଓ ତା'ର ଉତ୍ପାଦନ କିପରି ବୃଦ୍ଧି କରାଯାଇ ପାରିବ, ତାହା ଉପରେ ଗୁରୁତ୍ୱ ପ୍ରଦାନ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ଏହାସହ ସ୍ୱାସ୍ଥ୍ୟ ପାଇଁ ନଡ଼ିଆର ଆବଶ୍ୟକତା ବିଷୟରେ ବି ସଚେତନତା ସୃଷ୍ଟି କରାଯାଇଥାଏ। ଭାରତରେ ଏହି ଦିବସକୁ କୋକୋନଟ୍ ଡେଭଲପ୍‌ମେଣ୍ଟ ବୋର୍ଡ ଦ୍ୱାରା ନଡ଼ିଆ ଚାଷ କରାଯାଉଥିବା ଅଞ୍ଚଳଗୁଡ଼ିକରେ ପାଳନ କରାଯାଉଛି। ଭାରତୀୟ ସଂସ୍କୃତିରେ ନଡ଼ିଆ ବା ଶ୍ରୀଫଳର ଗୁରୁତ୍ୱ ଯଥେଷ୍ଟ ଅଧିକ। 'ଶ୍ରୀ' ଶବ୍ଦର ଅର୍ଥ ହେଉଛି 'ଶ୍ରେଷ୍ଠ'। ଫଳମାନଙ୍କ ଭିତରେ ନଡ଼ିଆ ଶ୍ରେଷ୍ଠ ହୋଇଥିବାରୁ ଏହାର ନାମ ଶ୍ରୀଫଳ। ଈଶ୍ୱରଙ୍କୁ ସର୍ବଦା ଭଲ ବା ଶ୍ରେଷ୍ଠ ଦ୍ରବ୍ୟ ହିଁ ଅର୍ପଣ କରାଯିବାର ବିଧି ରହିଛି। ତେଣୁ ପ୍ରତ୍ୟେକ ପୂଜା ପାଠରେ ନଡ଼ିଆର ବ୍ୟବହାର ହୋଇଥାଏ। ସେହିଭଳି ସବୁ ଦେବଦେବୀଙ୍କୁ ଆବାହନ କରିବାବେଳେ ନଡ଼ିଆର ଆବଶ୍ୟକତା ପଡ଼ିଥାଏ। ଭାରତରେ ମନ୍ଦିରରେ ପ୍ରମୁଖ ଦାନ ଭାବରେ ନଡ଼ିଆକୁ ଗ୍ରହଣ କରାଯାଏ। ବିବାହ, ବ୍ରତୋପନୟନ, ପର୍ବପର୍ବାଣି, ନୂତନ ଯାନବାହନ କ୍ରୟବେଳେ ମଧ୍ୟ ଭଗବାନଙ୍କ ପାଖରେ ଶ୍ରୀଫଳ ସମର୍ପଣ କରାଯାଏ। ଶୁଭ କଳସ ସ୍ଥାପନା ହେଉ କି ଭୋଗ କିମ୍ବା ପ୍ରସାଦରେ ନାସିଲଗା ନଡ଼ିଆ ବ୍ୟବହାର ତ ନିଶ୍ଚୟ ହୋଇଥାଏ। ସେହିଭଳି ନଡ଼ିଆ ଗଛର ସମସ୍ତ ଅଙ୍ଗ ଆମ କାମରେ ଲାଗେ। ନଡ଼ିଆ ରସରୁ ତେଲ, ନଡ଼ିଆକତାରୁ ବିଭିନ୍ନ ପ୍ରକାର ସାମଗ୍ରୀ ଓ ସାଜସରଞ୍ଜାମ ପ୍ରସ୍ତୁତ ହୋଇଥାଏ। ନଡ଼ିଆ ଗଛର ଗଣ୍ଡିକୁ ଖୁଣ୍ଟ ରୂପରେ ଏବଂ ବାହୁଙ୍ଗାକୁ ଛପର ରୂପରେ ବ୍ୟବହାର କରାଯାଏ। ଦକ୍ଷିଣ ଭାରତରେ ନଡ଼ିଆର ଉପଯୋଗ ବହୁ ଅଧିକ ସେଥିପାଇଁ ସେଠାରେ ଏହାକୁ 'ସବୁଜ ସୁନା' ବୋଲି କୁହାଯାଏ। ସମୁଦ୍ରକୂଳିଆ ଲୁଣିଆ ଅଞ୍ଚଳ ନଡ଼ିଆ ଚାଷ ପାଇଁ ଭଲ ହୋଇଥାଏ। ନଡ଼ିଆ ଯୋଗୁଁ ସମୃଦ୍ଧ ହୋଇଥିବା ଅଞ୍ଚଳରେ ଦକ୍ଷିଣ ପୂର୍ବ ଏସିଆ, ଇଣ୍ଡୋନେସିଆ, ଭାରତ, ଅଷ୍ଟ୍ରେଲିଆ ପ୍ରଶାନ୍ତ ମହାସାଗର ଦ୍ୱୀପପୁଞ୍ଜ, ଦକ୍ଷିଣ ଆମେରିକା, ଆଫ୍ରିକା ଆଦି ରହିଛି। ଆମ ଦେଶରେ ତାମିଲନାଡୁ, କେରଳ ଏବଂ କର୍ଣ୍ଣାଟକ ଅଧିକ ପରିମାଣରେ ନଡ଼ିଆ ଉତ୍ପାଦନ କରାଯାଏ। ଆମ ରାଜ୍ୟର ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ପ୍ରଚୁର ନଡ଼ିଆଗଛ ଦେଖିବାକୁ ମିଳେ। ପୁରୀ ଜିଲ୍ଲାର ସାକ୍ଷୀଗୋପାଳରେ ଏଥିପାଇଁ ସ୍ୱତନ୍ତ୍ର ବଜାର ରହିଛି। ମହାଦେବଙ୍କ ତ୍ରିନୟନ ପରି ଶ୍ରୀଫଳର ମଧ୍ୟ ତିନୋଟି ଆଖି ଥାଏ। କିନ୍ତୁ ଏକ ଆଖି ନଡ଼ିଆ ଅତି ଶୁଭ ବୋଲି ବିଶ୍ୱାସ ରହିଛି। ଏହାକୁ ଠାକୁର ଘରେ ରଖି ପୂଜା କଲେ ଧନ ରତ୍ନର ବୃଦ୍ଧି ପାଏ ବୋଲି ବିଶ୍ୱାସ ରହିଛି।

# ମାନବ ଶୃଙ୍ଖଳରେ ଶ୍ରୀଗଣେଶ ପ୍ରତିକୃତି

ଗଣେଶ ପୂଜା ଲାଗି ଉତ୍ସବମୁଖର ପୁରଠୁ ପଲ୍ଲୀ। ଇତିମଧ୍ୟରେ ଅନେକ ସ୍ଥାନରେ ଭସାଣ ଉତ୍ସବ ଅନୁଷ୍ଠିତ ହୋଇଥିବାବେଳେ ଏବେବି ଅନେକ ପୂଜାମଣ୍ଡପରେ ବିଘ୍ନ ବିନାଶକ ପୂଜା ପାଉଛନ୍ତି। ତେବେ ଗଣେଶ ପୂଜା ଅବସରରେ ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ସେୟାର୍ କରାଯାଇଛି। ଯାହାକି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। କିଛି କଲେଜ ପିଲା ଏକତ୍ର ହୋଇ ଭଗବାନ ଗଣେଶଙ୍କର ଏକ ଆକର୍ଷଣୀୟ ରୂପ ତିଆରି କରିବାକୁ ଚେଷ୍ଟା କରିଛନ୍ତି। ଏହି ଯୁବକମାନେ ଏକ ବିଶାଳ ହ୍ୟୁମାନ ଚେନ୍ ବା ମାନବ ଶୃଙ୍ଖଳ ତିଆରି କରିଛନ୍ତି। ତେବେ ଗଣେଶଙ୍କର ଏକ ଆକର୍ଷଣୀୟ ଆକୃତି ତିଆରି କରିବା ଲାଗି ସେମାନେ ଏକତ୍ର ହୋଇଛନ୍ତି। ସେମାନେ ଏହି ପ୍ରତିକୃତିଟିକୁ ତିଆରି କରିବା ପାଇଁ ରଙ୍ଗୀନ ପୋଷାକ ମଧ୍ୟ ପିନ୍ଧିଛନ୍ତି। ଏହା ସେମାନଙ୍କର ଭକ୍ତି, ଏକତା ଏବଂ ସୃଜନାତ୍ମକ ଜ୍ଞାନ କୌଶଳକୁ ପ୍ରତିଫଳିତ କରିଛି। ଏହିପରି ଭାବେ ସେମାନେ ମନ୍ତ୍ରମୁଗ୍ଧ କଲା ଭଳି ଗଣେଶଙ୍କର ଏକ ସୁନ୍ଦର ପ୍ରତିମୂର୍ତ୍ତି କରିଛନ୍ତି। ଇନଷ୍ଟାଗ୍ରାମରେ ଏହାର ଭିଡିଓକୁ କେଶବ ଆର୍ ପେଟେ ସେୟାର୍ କରିବା ପରେ ସମସ୍ତଙ୍କ ନଜରକୁ ଆସିଛି। ଅନେକ ଏହାକୁ 'ଦିବ୍ୟ ଦୃଶ୍ୟ' ବୋଲି କହିଛନ୍ତି। ଅନ୍ୟପଟେ ଆଉ କେହି କେହି ଯୁବକମାନଙ୍କର ଏଭଳି ପ୍ରୟାସକୁ ପ୍ରଶଂସା କରିଛନ୍ତି।






# ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବ ଗୋମିନି



ଭାରତ ଏକ କୃଷି ପ୍ରଧାନ ଦେଶ। ଏଠାରେ ଲୋକମାନେ ଚାଷ କାର୍ଯ୍ୟ ସହିତ ଗାଈ, ଛେଳି, କୁକୁଡ଼ା ଆଦି ପାଳନ କରି ଜୀବିକା ନିର୍ବାହ କରନ୍ତି। ହେଲେ ବର୍ତ୍ତମାନ ଗୋପାଳନ କରିବା କଷ୍ଟକର କାମ ଭାବି ଅନେକ ଏଥିରୁ ମୁହଁ ଫେରାଇ ନେଉଛନ୍ତି। ଆଉ କିଛି ଦେଶୀ ଗାଈ ବଦଳରେ ଜର୍ସି ଗାଈ ପାଳନରୁ ରୋଜଗାର କରୁଛନ୍ତି। ତେଣୁ ଆଧୁନିକ କୌଶଳରେ ଦେଶୀ ଗାଈ ସଂରକ୍ଷଣ ଦିଗରେ ସଚେତନ କରିବା, ସେମାନଙ୍କ ଦେଖାରଖା ତଥା ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ଗୋମିନି' ନାମକ ପ୍ଲାଟ୍‌ଫର୍ମ ଶୁଭାରମ୍ଭ ହୋଇଛି। ଗୋମିନିର ସଂସ୍ଥାପକ ତଥା ସିଇଓ ହେଉଛନ୍ତି ଅର୍ଜୁନ ଶର୍ମା। ସେ ଗୌରୀ ଶଙ୍କରଙ୍କ ସହିତ ମିଳିତ ଭାବେ ଏହି ମଡେଲ କରିଛନ୍ତି। ଏହା ଜରିଆରେ ସହରାଞ୍ଚଳବାସୀ ଗାଈ ସହିତ ଯୋଡ଼ି ହୋଇ ଶୁଦ୍ଧ ଏ୨ କ୍ଷୀର ଏବଂ ପଞ୍ଚଗବ୍ୟ ଉତ୍ପାଦ ପାଇପାରିବେ। ଅବଶ୍ୟ ଗୋମିନି ଏକ ସ୍ୱତନ୍ତ୍ର ମଡେଲ ଆପଣାଇଛି। ଯାହାକି ସହରୀ ପରିବାର ଗାଈର ମାଲିକ ହେଲେ ବି ଗାଈଙ୍କ ଦେଖାରଖା ଗ୍ରାମୀଣ ମହିଳା ଏବଂ ଚାଷୀମାନେ କରିବେ। ମହିଳାଙ୍କୁ ଏଥିପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ମଧ୍ୟ ଦିଆଯିବ। ଗାଈଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆର୍‌ଏଫ୍‌ଆଇଡି ଟ୍ୟାଗ୍ ଏବଂ ବ୍ଲକ୍‌ଚେନ୍ ଆଧାରିତ ଏନ୍‌ଏଫ୍‌ଟି ସହିତ ଯୋଡା ଯାଇଛି। ଗାଈମାନଙ୍କ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଜାଣିବାକୁ ଆଇଓଟି ଉପକରଣ ଲଗାଯାଇଛି। ଏହା ସେମାନଙ୍କର ଖାଦ୍ୟପେୟ ଏବଂ ଗତିବିଧି ଉପରେ ସମ୍ପୂର୍ଣ୍ଣ ନଜର ରଖିବ। ଏଆଇ ଜରିଆରେ ମୋବାଇଲ୍ କିମ୍ବା କମ୍ପ୍ୟୁଟର ଯୋଗେ ଗାଈ ଅସୁସ୍ଥତା ଅନୁଭବକୁ ଦେଖି ମାଲିକ ପ୍ରାଥମିକ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇ ପାରିବେ। ଭବିଷ୍ୟତରେ 'ଗୋମିନି' ଲୋକଙ୍କୁ ସଶକ୍ତ କରିବା ସହ ଜୈବିକ ଚାଷକୁ ଅଧିକ ପ୍ରାଧାନ୍ୟ ଦେବ।

# ଏ ମାସର ଚାଷ

**ଆମ ରାଜ୍ୟର ଅଧିକାଂଶ ଲୋକମାନେ ଚାଷ କାର୍ଯ୍ୟ କରି ଜୀବିକା ନିର୍ବାହ କରନ୍ତି। ତେବେ ସେପ୍ଟେମ୍ବର ମାସଟି ସବୁଜ ପନିପରିବା ଚାଷ ପାଇଁ ସବୁଠୁ ଉପଯୁକ୍ତ ସମୟ। ଏହି ମାସରେ କେଉଁ କେଉଁ ମୁଖ୍ୟ ଚାଷ କରାଯାଇପାରିବ ଜାଣିବା...**

ଧାନର ପିଲ ଦେବା, ଥୋଡ଼ ହେବା, ଫୁଲ ବାହାରିବା ଓ କ୍ଷୀର ଢୋକିବା ଅବସ୍ଥା ସଙ୍କଟକାଳୀନ ଅବସ୍ଥା। ଏହି ସମୟରେ ପାଣି ରହିବା ଏକାନ୍ତ ଆବଶ୍ୟକ।

ମକା ଜମିରୁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଜରୁରି। ଏମାସରେ ଡାଲିଜାତୀୟ ଫସଲରେ ପତ୍ରଛଦା ଓ ସିଁବାଳୁଆ ପୋକ ନିୟନ୍ତ୍ରଣ କରିବା ମୁଖ୍ୟକାର୍ଯ୍ୟ। ଅଳସୀ ବୁଣା ଶୀଘ୍ର ଶେଷ କରନ୍ତୁ।

କପା ଫସଲରେ ବକରା ନ ଝଡ଼ିବା ପାଇଁ ପ୍ରତି ୪ରୁ ୫ ଲିଟର ପାଣିରେ ୧ ମିଲି ଏନ୍‌ଏଏ (ହରମୋନ୍) ମିଶାଇ ସିଞ୍ଚନ କରନ୍ତୁ। ଆଖୁ ଫସଲରେ ରୋଗପୋକ ପର୍ଯ୍ୟବେକ୍ଷଣ କରନ୍ତୁ। ଅନୁମୋଦିତ ନିୟନ୍ତ୍ରଣ ପ୍ରଣାଳୀ ଗ୍ରହଣ କରନ୍ତୁ। ରବି ଚାଷ ପାଇଁ ଫସଲ ଖସଡ଼ା ପ୍ରସ୍ତୁତ କରନ୍ତୁ। ମାଟିର ବତର ଦେଖି ଏ ମାସର ଶେଷ ସପ୍ତାହ ବେଳକୁ ଅଣଜଳସେଚିତ ସୋରିଷ ବୁଣିପାରିବେ।

ଏହି ସମୟରେ ତାପମାତ୍ରା ମୁଖ୍ୟତଃ ୨୫ ଡିଗ୍ରୀ ସେଲ୍‌ସିୟସରୁ ୩୦ ଡିଗ୍ରୀ ମଧ୍ୟରେ ରହିଥାଏ। ତେଣୁ ଶୀତଦିନିଆ ପନିପରିବା ଚାଷ ପାଇଁ ଯଥା- ପତ୍ରକୋବି, ଫୁଲକୋବି, ସିମଳା ଲଙ୍କା, ବାଇଗଣ, ଲାଉ ଆଦି ପାଇଁ ତଳି ପକାନ୍ତୁ। ନର୍ସରୀ ପ୍ରସ୍ତୁତ କରିବାକୁ ମାଟିକୁ ଅତି କମ୍‌ରେ ଛଅ ଇଞ୍ଚ ଉଚ୍ଚରେ ଶଯ୍ୟା କରନ୍ତୁ। ବିହନ ବୁଣିବା ପରେ ଏହା ଉପରେ ବାଉଁଶର ସଂରଚନା କରି ପଲିଥିନ୍ ଢାଙ୍କି ଦେବା ଜରୁରି। ଏହା ଦ୍ୱାରା ଅଚାନକ ବର୍ଷା, ଅଧିକ ଆର୍ଦ୍ରତା, ରୋଗପୋକ ପ୍ରକୋପରୁ ଚାରାକୁ ସୁରକ୍ଷା ମିଳିଥାଏ।



# ମାଟିର ଉର୍ବରତା ବଢ଼ାଏ ଲେମ୍ବୁ ଚୋପା

**ଚାଷ ପାଇଁ ଜଳ ଓ ଉର୍ବର ମାଟି ଅପରିହାର୍ଯ୍ୟ। ଏହା ଦ୍ୱାରା ଫସଲ ବୃଦ୍ଧି ଭଲ ହୁଏ। ହେଲେ ଗଛ ଲଗାଇବା ପୂର୍ବରୁ ମାଟି ପରିଚାଳନା ନ କଲେ ଫସଲରେ ରୋଗ ପୋକ ଲାଗିଥାଏ। ଏହା ଦ୍ୱାରା ଫସଲ ବୃଦ୍ଧିରେ ବାଧା ଉପୁଜିଥାଏ। ତେଣୁ ଫସଲକୁ ରୋଗପୋକ ଆକ୍ରମଣରୁ ରକ୍ଷା କରିବା ପାଇଁ ଅଳ୍ପ ଖର୍ଚ୍ଚରେ ଜୈବିକ ଉପାୟରେ ମାଟିର ଉର୍ବରକୁ ବଢ଼ାଇ ପାରିବେ। ଏଥିପାଇଁ ଲେମ୍ବୁ ଚୋପାର ବିଶେଷ ଭୂମିକା ରହିଛି। ଏହା ମଧ୍ୟ ପରିବେଶ ଅନୁକୂଳ।**

- ଦୈନନ୍ଦିନ ବ୍ୟବହୃତ ଲେମ୍ବୁ ଚୋପା ବର୍ଜ୍ୟ ନୁହେଁ। ଏଥିରେ ନାଇଟ୍ରୋଜେନ୍, ଫସ୍‌ଫରସ୍, ପଟାସିୟମ ଆଦି ପୋଷକତତ୍ତ୍ୱ ରହିଥାଏ। ତେଣୁ ଲେମ୍ବୁ ଚୋପାକୁ ଶୁଖାଇ ତାକୁ ଗୁଣ୍ଡ କରି ମାଟିରେ ମିଶାଇବା ଦ୍ୱାରା ଗଛର ବିକାଶ ହୁଏ। ସେହିପରି ଲେମ୍ବୁ ଚୋପାର ସୁଗନ୍ଧରେ ପିମ୍ପୁଡି, ମାଛି ତଥା ଅନ୍ୟାନ୍ୟ କୀଟ ଦୂର ହୋଇଥାନ୍ତି।
- ଲେମ୍ବୁ ଚୋପା ପକାଇବା ଦ୍ୱାରା ଖତ ଶୀଘ୍ର ସଡ଼ିବା ସହ ଏହାର ଗୁଣବତ୍ତା ଭଲ ରୁହେ। ତେଣୁ ଖତରେ ଲେମ୍ବୁ ଚୋପାକୁ ଛୋଟ ଛୋଟ ଖଣ୍ଡ କରି ପକାଇ ପାରିବେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଲେମ୍ବୁ ଖୋଳରେ ଅଳ୍ପ ମାଟି ଭର୍ତ୍ତି କରି ସେଥିରେ ବିହନ ରଖିବା ଦ୍ୱାରା ଚାରା ଅଙ୍କୁରିତ ହୋଇଥାଏ। ଏହା ପରେ ପୁରା ଲେମ୍ବୁ ଚୋପାକୁ ମାଟିରେ ପୋତି ପାରିବେ। ଟମାଟୋ, ଗୋଲାପ, ବ୍ଲୁବେରୀ, ଆଦି ଗଛ ଲଗାଇବାକୁ ଚାହୁଁଥିଲେ ମାଟିରେ ଲେମ୍ବୁ ଚୋପାର ଗୁଣ୍ଡ ମିଶାଇ ପାରିବେ। ଏହା ପ୍ରାକୃତିକ ରୂପେ ଅମ୍ଳକ୍ଷାରସ୍ତରକୁ ନିୟନ୍ତ୍ରଣ କରିଥାଏ।
- କେବଳ ସେତିକି ନୁହେଁ, ଲେମ୍ବୁ ଚୋପାରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ ଗୁଣ ଥାଏ। ତେଣୁ ଚୋପାକୁ ଗୁଣ୍ଡ କରି ମାଟିରେ ମିଶାଇଲେ ଏହା ଚେରକୁ ସଡ଼ିବାକୁ ଦିଏ ନାହିଁ। ଫିମ୍ପିଜନିତ ସମସ୍ୟା ଦୂର କରିଥାଏ।



## ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ। ବର୍ଷାର ସମ୍ଭାବନା ଥିବାରୁ ଫସଲରେ ସାର ଓ କୀଟନାଶକ ପ୍ରୟୋଗ ସାମୁହିକ ସ୍ଥଗିତ ରଖନ୍ତୁ। ଶସ୍ୟଜାତୀୟ ଫସଲ, ମକା, ଚିନାବାଦାମ ଏବଂ ପନିପରିବା ଆଦି ଚାଷ ଜମିରୁ ବଳକା ପାଣି ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି। ତେଣୁ ବର୍ଷା ଛାଡ଼ିଗଲା ପରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜେବ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ଶୁଖିଲା ପାଗ ଦେଖି ଆଖୁ ଫସଲରେ ନାଲି ଶଢ଼ା ରୋଗର ପରିଚାଳନା ପାଇଁ ଏକର ପ୍ରତି କାର୍ବେଣ୍ଡାଜିମ୍ ୧୨% +ମାଙ୍କୋଜେବ ୬୩% ଡବ୍ଲ୍ୟୁ ପି, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ମାଛ ପୋଖରୀରୁ ଅଧିକ ଜଳ ନିଷ୍କାସନ କରନ୍ତୁ। ମାଛ ଯେପରି ବାହାରକୁ ନ ଆସିବେ ତାର ଯତ୍ନ ନିଅନ୍ତୁ। ଶିକାରୀ ଓ ଅଦରକାରୀ ମାଛ ନିରାକରଣ ପାଇଁ ହେକ୍ଟର ପ୍ରତି ୧.୫ କେଜି ମହୁଆ କେକ ୧ ମିଟର ଗଭୀର ପାଣିରେ ପ୍ରୟୋଗ କରନ୍ତୁ।



# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

**ଏସିଆ କପ୍ ହକି**

# ଲିଗ୍ ଶୀର୍ଷରେ ଭାରତ, ମାଲେସିଆ

ରାଜଗିର,୧।୯ (ଏଜେନ୍ସି)



ବିହାର ୟୁନିଭର୍ସିଟି ସ୍ପୋର୍ଟ କମ୍ପ୍ଲେକ୍ସଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଆଜି ଖେଳାଯାଇଥିବା ପୁଲ୍-ଏ'ର ଶେଷ ଲିଗ୍ ମ୍ୟାଚ୍‌ରେ ଭାରତ ବିପୁଳ ଗୋଲ ବ୍ୟବଧାନରେ କାଜାଖସ୍ଥାନକୁ ପରାସ୍ତ କରି ଶୀର୍ଷସ୍ଥାନ ହାସଲ କରିଛି। ପୂର୍ବରୁ ଜାପାନକୁ ଗୋଲ ବ୍ୟବଧାନରେ ପଛରେ ପକାଇ ଚୀନ୍ ଦ୍ୱିତୀୟସ୍ଥାନ ଅଧିକାର କରିଥିଲା। ଗ୍ରୁପ-ଏ'ର ମୁକାବିଲା ପୂର୍ବରୁ ଗ୍ରୁପ୍-ବି'ର ସମସ୍ତ ଲିଗ୍ ମ୍ୟାଚ୍ ଶେଷ ହୋଇଥିଲା। ଏଥିରେ ମାଲେସିଆ ସମସ୍ତ ୩ଟି ଯାକ ମ୍ୟାଚ୍ ଜିତି ପ୍ରଥମ ଓ ଦକ୍ଷିଣ କୋରିଆ ୨ଟି ମ୍ୟାଚ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହା ଫଳରେ ବୁଧବାରଠାରୁ ଆରମ୍ଭ ହେଉଥିବା ସୁପର-୪ ମୁକାବିଲା ଲାଗି ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ଯଥାକ୍ରମେ ଗ୍ରୁପ୍-ଏ'ରୁ ଭାରତ ଓ ଚୀନ୍, ଗ୍ରୁପ୍-ବି'ରୁ ମାଲେସିଆ ଓ ଦକ୍ଷିଣ କୋରିଆ ସୁପର-୪ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

### ● ହ୍ୟାଟ୍ରିକ୍ ବିଜୟ

ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ଭାରତ ଗ୍ରୁପ୍-ଏ'ରେ ୩ଟି ଯାକ ମ୍ୟାଚ୍ ଜିତି ହ୍ୟାଟ୍ରିକ୍ ବିଜୟ ହାସଲ କରିଛି। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ଦଳ କାଜାଖସ୍ତାନକୁ ବିରାଟ ଗୋଲ ବ୍ୟବଧାନରେ ପରାସ୍ତ କରିଛି। ଏହା ପୂର୍ବରୁ ଭାରତ ପ୍ରଥମ ମ୍ୟାଚ୍‌ରେ ଚୀନ୍‌କୁ ୪-୩, ଜାପାନକୁ ୩-୨ ଗୋଲରେ ପରାସ୍ତ କରି କଷ୍ଟସାଦ୍ଧ ବିଜୟ ହାସଲ କରିଥିଲା। ଏହି ଦୁଇଟି ମ୍ୟାଚ୍‌ରେ ଭାରତୀୟ ଅଧିନାୟକ ହରମନପ୍ରୀତ୍ ସିଂହ ପ୍ରଥମରେ ୩ଟି ଓ ଦ୍ୱିତୀୟରେ ୨ଟି ଗୋଲ ସ୍କୋର କରିଥିଲେ। ଶେଷ ମ୍ୟାଚ୍‌ରେ ଭାରତ ବଡ଼ ବ୍ୟବଧାନରେ କାଜାକସ୍ଥାନକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ସହ ପ୍ରଥମ ସ୍ଥାନରେ ରହି ସୁପର-୪କୁ ଉନ୍ନିତ ହୋଇଛି। ସେହିପରି ଚୀନ୍ ପ୍ରଥମ ମ୍ୟାଚ୍‌ରେ ଭାରତଠାରୁ ହାରିଯିବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ୧୩-୧ ଗୋଲ ବ୍ୟବଧାନରେ କାଜାକସ୍ତାନକୁ ପରାସ୍ତ କରିଥିଲା। ଶେଷରେ ଶକ୍ତିଶାଳୀ ଜାପାନ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖି ଚୀନ୍ ଗ୍ରୁପ୍-ଏ' ପଏଣ୍ଟ ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଉଭୟ ଚୀନ ଓ ଜାପାନ ଦଳର ପଏଣ୍ଟ ସଂଖ୍ୟା ସମାନ ହୋଇଥିଲେ ମଧ ଗୋଲ ବ୍ୟବଧାନରେ ଚୀନ୍ ବହୁ ଆଗରେ ରହିଥିଲା। ଚୀନ୍ ୧୮ଟି ଗୋଲ ଦେଇ ୭ଟି ଗୋଲ ବରଣ କରିଥିଲାବେଳେ ଜାପାନ ୧୧ଟି ଗୋଲ ଦେଇ ୫ଟି ଗୋଲ ବରଣ କରିଥିଲା। ଏଣୁ ଚୀନ୍‌ର ଗୋଲ ବ୍ୟବଧାନ +୧୧ ଓ ଜାପାନର +୬ ହୋଇଥିଲା।

### ● ମାଲେସିଆ-୧, କୋରିଆ-୨

ଗ୍ରୁପ୍-ବି'ରେ ମାଲେସିଆ ତାହାର ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍‌ରେ ବିଜୟୀ ହୋଇଛି। ଏହି ଦଳ ପ୍ରଥମ ଦୁଇଟି ମ୍ୟାଚ୍‌ରେ ବାଂଲାଦେଶ ଓ ଦକ୍ଷିଣ କୋରିଆକୁ ୪-୧ ଗୋଲ ବ୍ୟବଧାନରେ ପରାସ୍ତ କରିଥିଲା। ଆଜି ଅନୁଷ୍ଠିତ ଶେଷ ଲିଗ୍ ମ୍ୟାଚ୍‌ରେ ମାଲେସିଆ ୧୫-୦ ଗୋଲରେ ଚାଇନିଜ୍ ତାଇପେକୁ ପରାସ୍ତ କରି ହ୍ୟାଟ୍ରିକ୍ ବିଜୟ ସହ ଗ୍ରୁପ୍-ବି'ରେ ପ୍ରଥମସ୍ଥାନ ଅଧିକାର କରିଥିଲା। ସେହିପରି ଦକ୍ଷିଣ କୋରିଆ ଆଜି ୫-୧ରେ ବାଂଲାଦେଶକୁ ଓ ୭-୦ରେ ଚାଇନିଜ୍ ତାଇପେକୁ ପରାସ୍ତ କରି ଗ୍ରୁପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ବୁଧବାରଠାରୁ ସୁପର-୪ ମୁକାବିଲା ହେବ। ଏଥିରେ ପ୍ରତ୍ୟେକ ଦଳ ଅନ୍ୟ ସହ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଥରେ ଲେଖାଏଁ ମ୍ୟାଚ୍ ଖେଳିବେ। ସୁପର-୪'ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

**● ଆଇସିସି ମହିଳା ଦିନିକିଆ ବିଶ୍ୱକପ୍**

## ଚାମ୍ପିଅନ ଦଳ ପାଇବ ୩୯.୪ କୋଟି



ଦୁବାଇ, ୧।୯ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ତ୍ରୟୋଦଶ ସଂସ୍କରଣ ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କାରେ ମିଳିତ ଭାବେ ଆରମ୍ଭ ହେବ। ତେବେ ଏହି ମେଗା ଇଭେଣ୍ଟ ଆରମ୍ଭ ହେବା ପୂର୍ବରୁ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଆଇସିସି ଏକ ବଡ଼ ନିଷ୍ପତ୍ତି ନେଇଛି। ଆଇସିସି ଏଥର ମହିଳା ବିଶ୍ୱକପ୍‌ର ପୁରସ୍କାର ରାଶିରେ ଆଶାତୀତ ବୃଦ୍ଧି କରିଛି। ଏଥର ରେକର୍ଡ ମୋଟ୍ ୧୨୨ କୋଟି ୪୧ ଲକ୍ଷ ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ମହିଳା ବିଶ୍ୱକପ୍ ଇତିହାସରେ ଏହା ସର୍ବକାଳୀନ ପୁରସ୍କାର ରାଶି ଭାବେ ଲିପିବଦ୍ଧ ହୋଇଛି। ସେହିଭଳି ଗତ ସଂସ୍କରଣ ତୁଳନାରେ ଏଥର ପୁରସ୍କାର ରାଶି ପାଖାପାଖି ୪ ଗୁଣା ବୃଦ୍ଧି ହୋଇଛି। ୨୦୨୨ରେ ନ୍ୟୁଜିଲାଣ୍ଡରେ ଆୟୋଜିତ ପୂର୍ବ ସଂସ୍କରଣରେ ମୋଟ୍ ୩୦ କୋଟି ୮୬ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିଭଳି ଏଥର ଯେଉଁ ଦଳ ବିଶ୍ୱକପ୍ ବିଜୟୀ ହେବ ଟ୍ରଫି ସହ ୩୯.୫୦ କୋଟି ଟଙ୍କା ପାଇବ। ରନର୍ସଅପ୍ ହୋଇଥିବା ଦଳ ୧୯.୭୫ କୋଟି ଟଙ୍କା ସାଙ୍ଗରେ ନେବ। ସେହିଭଳି ସେମିଫାଇନାଲରେ ଦୁଇ ପରାଜିତ ଦଳକୁ ୯.୮୭ କୋଟି ଟଙ୍କା ମିଳିବ। ୨୦୨୨ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଥିବା ଅଷ୍ଟ୍ରେଲିଆ ମହିଳା ଦଳ ୧୧.୬୯ କୋଟି ଟଙ୍କା ପାଇଥିଲା। ମହିଳା କ୍ରିକେଟକୁ ପୁରୁଷଙ୍କ ସହ ସମାନ ମାନ୍ୟତା ଦେବା ଲାଗି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହା ମହିଳା କ୍ରିକେଟ୍‌କୁ ଏକ ନୂତନ ଦିଗ୍‌ଦର୍ଶନ ଦେବ ବୋଲି ଆଇସିସି ଅଧକ୍ଷ ଜୟ ଶାହା କହିଛନ୍ତି।

## ମନ୍ତ୍ରୀ ହେବେ ଆଝାରୁଦ୍ଦିନ !

ହାଇଦରାବାଦ, ୧।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନା ସରକାରଙ୍କ କ୍ୟାବିନେଟରେ ସାମିଲ ହୋଇପାରନ୍ତି। ରାଜ୍ୟପାଳ କୋଟା ଅନୁଯାୟୀ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ବିଧାନ ପରିଷଦକୁ ମନୋନୀତ କରାଯାଇଛି। ଯାହାକୁ ନେଇ ଏହି ମହାନ କ୍ରିକେଟର୍ ତେଲଙ୍ଗାନା ସରକାରରେ ମନ୍ତ୍ରୀ ପଦ ପାଇବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଜୁବଲି ହିଲ୍ସ ବିଧାନସଭା କ୍ଷେତ୍ର ଲାଗି ହେବାକୁ ଥିବା ଉପନିର୍ବାଚନ ପାଇଁ ଆଝାରୁଦ୍ଦିନ ନିଜକୁ କଂଗ୍ରେସ ଆଶାୟୀ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ପ୍ରକାଶଯୋଗ୍ୟ, ବର୍ତ୍ତମାନ ତେଲଙ୍ଗାନା ସରକାରରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କୁ ମିଶାଇ ୧୪ଜଣ ମନ୍ତ୍ରୀ ରହିଛନ୍ତି। ୩ଟି ମନ୍ତ୍ରୀ ପଦ ଖାଲି ପଡ଼ିଛି। ତେଣୁ ୬୨ ବର୍ଷୀୟ ଆଝାରୁଦ୍ଦିନଙ୍କୁ ମନ୍ତ୍ରୀ ପଦ ମିଳିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଭାରତ ପାଇଁ ୯୯ ଟେଷ୍ଟ ଓ ୩୩୪ ଦିନିକିଆ ମ୍ୟାଚ୍ ଖେଳିଥିବା ଆଝାରୁଦ୍ଦିନ ୨୦୦୯ରେ କଂଗ୍ରେସ ଟିକଟ୍‌ରେ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ।

## ଅବସର ନେଇପାରନ୍ତି ରୋହନ ବୋପନ୍ନା


ନ୍ୟୁୟର୍କ,୧।୯ (ଏଜେନ୍ସି): ଭାରତର କିଂବଦନ୍ତୀ ପୁରୁଷ ଟେନିସ ଖେଳାଳି ରୋହନ ବୋପନ୍ନା ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଯୁଗଳ ପ୍ରଥମ ରାଉଣ୍ଡରୁ ବାଦ୍ ପଡ଼ିଛନ୍ତି। ଏହା ଫଳରେ ୪୫ ବର୍ଷୀୟ ବୋପନ୍ନାଙ୍କର ଏହା ଶେଷ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟ ବୋଲି ସେ ସୂଚନା ଦେଇଛନ୍ତି। ଏହି ମୁକାବିଲା ହାରିଯିବା ପରେ ଆସନ୍ତାବର୍ଷ ବିଭିନ୍ନ ଟୁର୍ ଟୁର୍ଣ୍ଣାମେଣ୍ଟରେ ଭାଗନେବେ ବୋଲି କହିଛନ୍ତି। 'ମୁଁ ନିଶ୍ଚିତ ଆସନ୍ତାବର୍ଷ ଟୁର୍ ଗେମ୍‌ରେ ଖେଳିବ। କିନ୍ତୁ ମୁଁ ଦୀର୍ଘ ଦିନ ଖେଳି ଖେଳି କ୍ଲାନ୍ତ ହୋଇପଡ଼ିଲିଣି। ନିଶ୍ଚିତଭାବେ ମୁଁ ଦିନେ ଅବସର ନେଇଯିବି ବୋଲି ଚିନ୍ତା କରୁଛି। ଯେତିକି ଟୁର୍ଣ୍ଣାମେଣ୍ଟ ଖେଳିବାକୁ କମିଟ୍‌ମେଣ୍ଟ କରିଛି ତାହା ପୂରଣ କରିବି। କିନ୍ତୁ ବର୍ଷସାରା ଖେଳିବା ମୋ ପକ୍ଷେ ସମ୍ଭବ ହେବନାହିଁ। ଯଦି ଅଧିକ କ୍ଲାନ୍ତ ଅନୁଭବ କରେ, ତେବେ ଅବସର ନେବାକୁ ବାଧ୍ୟ ହେବି ବୋଲି ସେ କହିଛନ୍ତି। ୪୫ ବର୍ଷୀୟ ଏହି ଭାରତୀୟ ଖେଳାଳି ୩ଟି ପୁରୁଷ ଯୁଗଳ, ୩ଟି ମିଶ୍ରିତ ଯୁଗଳ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିଛନ୍ତି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ ପରେ ସେ ଭାରତ ପକ୍ଷରୁ ଖେଳିବେ ନାହିଁ ବୋଲି ଘୋଷଣା କରିଥିଲେ।

## କାଇଟ୍ ସର୍ଫିଙ୍ଗରେ ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର, ୧।୯ (ସମିସ): ତାମିଲନାଡୁରେ ଅନୁଷ୍ଠିତ କାଇଟ୍ ସର୍ଫି ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୩ ପଦକ ମିଳିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ରହିଛି। ଓଡ଼ିଶା ୟାଚିଂ ଆସୋସିଏସନରୁ ପ୍ରତିନିଧିତ୍ୱ କରି ସୌମ୍ୟଜିତ୍ ରୟ ଓ ଲୀନାରାଣୀ ଗଙ୍ଗଦେବ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଉଭୟ ୧୬ ବର୍ଷରୁ କମ୍ ବାଳକ ଓ ବାଳିକା ବର୍ଗରେ ଭାଗନେଇଥିଲେ। ସେହିଭଳି ସିନିଅର ବର୍ଗରେ ନରେଶ ମଙ୍ଗରାଜ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

**ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ୍**

## ଜୋକୋଭିଚ୍-ଫ୍ରିଜ୍, ଆଲ୍‌କାରାଜ୍-ଲେହେକା କ୍ୱାର୍ଟର ମୁକାବିଲା






ନ୍ୟୁୟର୍କ,୧।୯ (ଏଜେନ୍ସି): ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ପ୍ରତିଯୋଗିତାର ପ୍ରଥମ ଦୁଇଟି କ୍ୱାର୍ଟର ଫାଇନାଲରେ କିଏ କାହା ସହ ମୁକାବିଲା କରିବେ ତାହା ସ୍ଥିର ହୋଇଯାଇଛି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ସ୍ପେନ୍‌ର କାର୍ଲୋସ୍ ଆଲକାରାଜ ଓ ଚେକ ରିପବ୍ଲିକ୍‌ର ଜିରି ଲେହେକାଙ୍କ ମଧ୍ୟରେ ଖେଳାଯିବ। ସେହିପରି ଦ୍ୱିତୀୟ କ୍ୱାର୍ଟରଫାଇନାଲରେ ଚତୁର୍ଥ ସିଡ ଆମେରିକାର ଟେଲର ଫ୍ରିଜ୍‌ଙ୍କ ସହ ୨୫ତମ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଦୌଡ଼ରେ ଥିବା ୭ମ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଆଜି ରାତିରେ ଅବଶିଷ୍ଟ ୪ଟି ଚତୁର୍ଥ ରାଉଣ୍ଡ ମୁକାବିଲା ପରେ କ୍ୱାର୍ଟର ଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହେବ। ଏହା ମଧ୍ୟରୁ ପ୍ରଥମ ମୁକାବିଲାରେ ୮ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କର ଏବଂ ଦ୍ୱିତୀୟ ମ୍ୟାଚ୍‌ରେ ୧୦ମ ସିଡ ଇଟାଲୀର ଲୋରେଞ୍ଜୋ ମୁସେଟୀଙ୍କ ସହ ସ୍ପେନ୍‌ର ଅଣସିଡେଡ ଖେଳାଳି ସ୍ପେନ୍‌ର ଜୁଆମ ମୁନାରଙ୍କ ମଧ୍ୟରେ ଖେଳାଯିବ। ଟପ୍ ସିଡ୍ ଜାନିକ ସିନ୍ନର ଓ ଆନ୍ଦ୍ରେ ରୁବ୍‌ଲେଭ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ବିଳମ୍ବିତ ରାତ୍ରିରେ ଲଢ଼େଇ କରିବେ।

### କ୍ୱାର୍ଟରରେ ସାବାଲେଙ୍କା, ପେଗୁଲା

ମହିଳା ବିଭାଜରେ ଟପ୍ ସିଡ ଆରିନା ସାବାଲେଙ୍କା ଓ ଚତୁର୍ଥ ସିଡ ଜେସିକା ପେଗୁଲା ମହିଳା ଏକକ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ରାତିରେ ଖେଳାଯିବାକୁ ଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ବେଲାରୁଷର ସାବାଲେଙ୍କା ସହ ୨୬ ବର୍ଷିୟା ଚେକ୍ ପ୍ରଜାତନ୍ତ୍ରର ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କାର ଓ ଆମେରିକାର ପେଗୁଲାଙ୍କ ସହ ଚେକ୍ ରିପବ୍ଲିକ୍‌ର ବାର୍ବୋରା କ୍ରେଜିକୋଭାଙ୍କର ମୁକାବିଲା ହେବ। ଅନ୍ୟ ଦୁଇଟି ଚତୁର୍ଥ ରାଉଣ୍ଡ ମୁକାବିଲା ଆଜି ରାତିରେ ଖେଳାଯାଉଛି। ଏଥିରେ ୧୧ତମ ସିଡ୍ କାରୋଲିନା ମୁଚୋଭାଙ୍କ ସହ ୨୭ ନମ୍ବର ସିଡ ମାର୍ତ୍ତା କୋସ୍ଟ୍ୟୁକଙ୍କର ଏବଂ ଶେଷ ମ୍ୟାଚ୍‌ରେ ୮ମ ସିଡ୍ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ୧୮ତମ ସିଡ୍ ବ୍ରାଜିଲ୍‌ର ବିଏଟ୍ରିଜ୍ ହାଦାଦ ମାଇଆଙ୍କର ମୁକାବିଲା ହେବ।

## ରାଜ୍ୟ ବନ୍ଧୁକଚାଳନା ଉଦ୍‌ଘାଟିତ



ଭୁବନେଶ୍ୱର, ୧।୯ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ସୁଟିଂ ରେଞ୍ଜରେ ୧୪ତମ ରାଜ୍ୟ ବନ୍ଧୁକଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ସୁଟର୍ ଅଂଶଗ୍ରହଣ କରିଛନ୍ତି। କଳିଙ୍ଗ ଷ୍ଟାଡିୟମରେ ୫୦ ମିଟର ରାଇଫଲ୍ ପ୍ରୋନ, ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନ, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସ୍ପୋର୍ଟ ପିସ୍ତଲ ଓ ୨୫ ମିଟର ସେନଟର୍ ପିସ୍ତଲ ପ୍ରତିଯୋଗିତା ୨ ଦିନ ଧରି ଚାଲିବ। ସେହିଭଳି ଉତ୍କଳ କରାଟେ ସ୍କୁଲଠାରେ ୧୦ ମିଟର ଏୟାର ରାଇଫଲ୍ ଓ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟ ସେପ୍ଟେମ୍ବର ୩ ଓ ୪ ଦୁଇଦିନ ଧରି ଆୟୋଜିତ ହେବ ବୋଲି ଜଣାପଡ଼ିଛି। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଇଫଲ୍ ସଂଘର ସଭାପତି ସୁଶ୍ରୀ ଗୌରୀ ମହାନ୍ତି, ଉପସଭାପତି ଇଂ ଚିତ୍ତରଞ୍ଜନ ଓ ରୋମିକାନ୍ତ ନନ୍ଦ, ଯୁଗ୍ମ ସମ୍ପାଦକ ଆଶିଷ ନାୟକ, କୋଷାଧ୍ୟକ୍ଷ ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ସୁଟର୍ ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୁଯୋଗ ପାଇବେ।

**ଭୁବନେଶ୍ୱର ଭେଟେରାନ ଫୁଟ୍‌ବଲ ଖେଳାଳି ସଂଘ**

## ନବରଞ୍ଜନ ସଭାପତି; ପ୍ରଫୁଲ୍ଲ ସମ୍ପାଦକ



ଭୁବନେଶ୍ୱର, ୧।୯ (ସମିସ): ଭୁବନେଶ୍ୱର ଭେଟେରାନ ଫୁଟବଲ ପ୍ଲେୟର୍ସ ଆସୋସିଏସନର ୩ୟ ସାଧାରଣ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସର୍ବସମ୍ମତିକ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ନିମନ୍ତେ ନବରଞ୍ଜନ ପଟ୍ଟନାୟକ ସଭାପତି, ପ୍ରଫୁଲ୍ଲ କୁମାର ମିଶ୍ର ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି ଉପସଭାପତି ଭାବେ ବିରଞ୍ଚି ନାରାୟଣ ମହାନ୍ତି, ବିବେକାନନ୍ଦ ଦାସ, ସୁକାନ୍ତ ଆଚାର୍ଯ୍ୟ, ପ୍ରଦୀପ କୁମାର ବଳିୟାରସିଂ ଓ ପ୍ରଦୀପ କୁମାର ଦଣ୍ଡପାଟଙ୍କୁ ମନୋନୀତ କରାଯାଇଛି। ଚିନ୍ମୟ କୁମାର ଦାଶ ଓ ପ୍ରଶାନ୍ତ କୁମାର ପ୍ରଧାନ ସହ-ସମ୍ପାଦକ, ଶ୍ରୀମନ୍ତ କୁମାର ମହାନ୍ତି କୋଷାଧ୍ୟକ୍ଷ ଏବଂ ଶ୍ରୀକାନ୍ତ ସାହୁ, ବିଳାସ ଚନ୍ଦ୍ର ବେହେରା, ଅଶୋକ କୁମାର ରାଉତରାୟ, ମଧୁସୂଦନ ଦାସ, ପ୍ରଦୀପ କୁମାର ଦାସ, ଦେବାଶିଷ ନାୟକ, ପ୍ରସନ୍ନ ଦାସ, ମହେଶ୍ୱର ସିଂ ଓ ବିଜୟ ବେହେରା କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହି ଅଧିବେଶରେ ୫୦ରୁ ଊର୍ଦ୍ଧ୍ୱ ସଂଖ୍ୟାରେ ପୁରାତନ ଖେଳାଳି ଉପସ୍ଥିତ ରହିଥିଲେ।

**ବିଶ୍ୱ ଚ୍ୟାଲେଞ୍ଜ କପ୍**

## ଓଡ଼ିଶା ଏଚ୍‌ପିସିରୁ ଭାଗନେବେ ୪ ଜିମ୍ନାଷ୍ଟ



ଭୁବନେଶ୍ୱର, ୧।୯ (ସମିସ)

ଫ୍ରାନ୍ସ ଓ ହଙ୍ଗେରୀରେ ଏଆଇଜି ୱାର୍ଲ୍ଡ ଚ୍ୟାଲେଞ୍ଜ କପ୍ ଜିମ୍ନାଷ୍ଟିକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ଲାଗି ୧୧ ଜଣିଆ ଭାରତୀୟ ଦଳ ଫ୍ରାନ୍ସ ଯାତ୍ରା କରିଛି। ଏହି ଦଳରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ତପନ ମହାନ୍ତି, ପ୍ରଣତୀ ନାୟକ, ତପେଶ୍ୱରନାଥ ଦାସ ଓ ତନୁ। ଜୁଲାଇ ୨୨ରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ ପରିସରରେ ଥିବା ଓଡ଼ିଶା ଏଏମ୍/ଏନ୍‌ଏସ୍ ଜିମ୍ନାଷ୍ଟିକ୍ସ ଏଚ୍‌ପିସିରେ ଜାତୀୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ଜଣ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ତପନ ଓ ତପେଶ୍ୱର ସେପ୍ଟେମ୍ବର ୧୩ରୁ ପ୍ୟାରିସରେ ହେବାକୁ ଥିବା ବିଶ୍ୱ ଚ୍ୟାଲେଞ୍ଜ କପ୍‌ର ପୁରୁଷ ଜିମ୍ନାଷ୍ଟିକ୍ସରେ ଭାଗନେବେ। ଏହାପରେ ଉଭୟ ସେପ୍ଟେମ୍ବର ୨୬ରୁ ହଙ୍ଗେରୀରେ ହେବାକୁ ଥିବା ଇଭେଣ୍ଟରେ ମଧ ଅଂଶଗ୍ରହଣ କରିବେ ବୋଲି ଜଣାପଡ଼ିଛି। ସେହିଭଳି ପ୍ରଣତୀ ଓ ତନୁ ହଙ୍ଗେରୀର ଚ୍ୟାଲେଞ୍ଜ କପ୍‌ର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସରେ ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏଚ୍‌ପିସିର ମୁଖ୍ୟ ପ୍ରଶିକ୍ଷକ ଅଶୋକ କୁମାର ମିଶ୍ର ପ୍ୟାରିସରେ ହେବାକୁ ଥିବା ଫରେନ ଏକ୍ସପୋଜର କ୍ୟାମ୍ପ ପାଇଁ ମନୋନୀତ ହୋଇଛନ୍ତି।

## ଜାତୀୟ ବାହୁକୁସ୍ତିରେ ଚନ୍ଦନ 'ଚାମ୍ପିଅନ ଅଫ୍ ଚାମ୍ପିଅନ'



ଭୁବନେଶ୍ୱର, ୧।୯ (ସମିସ): ପଞ୍ଜାବର ଲୁଧିଆନାରେ ଜାତୀୟ ବାହୁକୁସ୍ତି ପ୍ରତିଯୋଗିତାର ୪୭ତମ ସଂସ୍କରଣ ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଟକର ଚନ୍ଦନ ମହାପାତ୍ର ଉଭୟ ୟୁଥ୍ ଓ ସିନିଅରବର୍ଗରେ 'ଚାମ୍ପିଅନ ଅଫ୍ ଚାମ୍ପିଅନ' ହୋଇଛନ୍ତି। ଚନ୍ଦନ ୧୦୦ କିଗ୍ରା ଡାହାଣ ହସ୍ତ ୟୁଥ୍ ଓ ସିନିଅରରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିଭଳି ଅଫଜଲ ଅଲି, ଫୈଜାନ ଅହମ୍ମଦ, ଆଲୋକ ମହାପାତ୍ର, ପ୍ରବୀର ଷଡ଼ଙ୍ଗୀ କାଂସ୍ୟ ପଦକ ହାସଲ କରିଥିଲେ। ମାଷ୍ଟର୍ସ ବର୍ଗରେ ନିର୍ମଳ ସାହୁ ସ୍ୱର୍ଣ୍ଣ, ସାଗର ନାୟକ ରୌପ୍ୟ, ସନତ ମାହାର କାଂସ୍ୟ ଓ ଭିନ୍ନକ୍ଷମ ବର୍ଗରେ ଶୁଭଜିତ୍ ପାଢ଼ୀ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ନନ୍ଦିଘୋଷ

**'ନନ୍ଦିଘୋଷ ଟିଭି'**

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି। ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
| --- | --- |
| ୧) ସ୍କ୍ରଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS